

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୦୭ ଏପ୍ରିଲ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 07 APRIL 2023
Vol.No. 34 ■ No. 91 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



DADLS-02

ପବିତ୍ର ଗୁଡ୍ ଫ୍ରାଇଡେ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା



ଗୁଡ ଫ୍ରାଇଡେ ପ୍ରଭୁ ଯୀଶୁଙ୍କ ବଳିଦାନର ସ୍ମାରକୀ ବହନକରେ, ଯେ ମାନବ ଜାତିକୁ ପ୍ରେମ, ତ୍ୟାଗ, ଭ୍ରାତୃତ୍ୱ ଓ କ୍ଷମାର ବାର୍ତ୍ତା ପ୍ରଦାନ କରିଥିଲେ। ଏହିଦିନଟି ପ୍ରଭୁ ଯୀଶୁଙ୍କ କ୍ରୁଶବିଦ୍ଧ ହେବାର ପବିତ୍ର ସ୍ମାରକୀ ଦିବସ, ଯାହାଙ୍କର ଜୀବନ ମାନବ ସମାଜକୁ ଦୁଃଖରୁ ମୁକ୍ତି ଦେବାକୁ ସମର୍ପିତ ଥିଲା।

ମୁଁ ରାଜ୍ୟର ଖ୍ରୀଷ୍ଟଧର୍ମାବଲମ୍ବୀ ଭାଇଭଉଣୀମାନଙ୍କ ସହିତ ପ୍ରଭୁ ଯୀଶୁଙ୍କ ପ୍ରଦର୍ଶିତ ପ୍ରେମ, କରୁଣା ଓ ତ୍ୟାଗର ପଥରେ ଅଗ୍ରସର ହେବାକୁ ସଂକଳ୍ପ ସହ ଗୁଡ୍ ଫ୍ରାଇଡେ ପାଳନରେ ସାମିଲ ହେଉଛି।

(ଗଣେଶୀ ଲାଲ)

OIPR: 15001/13/0004/2324


## ବିଜେପି ପ୍ରତିଷ୍ଠା ଦିବସରେ ମୋଦୀଙ୍କ ମନ୍ତ୍ର

### ହନୁମାନଙ୍କ ପରି ହେବାକୁ କର୍ମୀଙ୍କୁ ଆହ୍ୱାନ



ନୂଆଦିଲ୍ଲୀ, ୦୬/୦୪ : ସାରାଦେଶରେ ହନୁମାନ ଜୟନ୍ତୀ ପାଳନ ଭିତରେ ପ୍ରତିଷ୍ଠା ଦିବସ ପାଳିଛି ଭାରତୀୟ ଜନତା ପାର୍ଟି । ୪୪ତମ ପ୍ରତିଷ୍ଠା ଦିବସରେ ଦେଶବ୍ୟାପୀ ବିଜେପି କର୍ମୀଙ୍କୁ ଭର୍ଚୁଆଲ ମାଧ୍ୟମରେ ସମ୍ବୋଧିତ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ବିଜେପିର ଆଗାମୀ ରାଜନୈତିକ ଭବିଷ୍ୟତ ପାଇଁ ୫ଟି ବଡ଼ ମନ୍ତ୍ର ଦେଇଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ।

ମୋଦୀଙ୍କ ମନ୍ତ୍ର- ୧

– ହନୁମାନଙ୍କ ପରି ନିଜ ଭିତରେ ଥିବା ଶକ୍ତିକୁ ଚିହ୍ନିଲେ ସବୁ ଅସମ୍ଭବ ସମ୍ଭବ ହେବ
– ୨୦୧୪ ପୂର୍ବରୁ ଭାରତୀୟଙ୍କ ଭିତରେ ସେହି ଆତ୍ମବିଶ୍ୱାସ ନଥିଲା, ଯାହା ବଦଳିଛି
– ଏବେ ମହାବୀରଙ୍କ ଭଳି ଦେଶର ନାଗରିକ ନିଜ ଭିତରେ ସୁପ୍ତ ଶକ୍ତିକୁ ଚିହ୍ନି ପାରିଛନ୍ତି

୨୦୧୪ରେ ହୋଇଥିବା କ୍ଷମତା ପରିବର୍ତ୍ତନକୁ ଦେଶର ପୁନର୍ଜାଗରଣ ବୋଲି କହିବା ସହ ବିରୋଧୀଙ୍କ ଉପରେ ଖୁବ ବର୍ଷିଛନ୍ତି ପ୍ରଧାନମନ୍ତ୍ରୀ । ଦୁର୍ନୀତି ଓ ପରିବାରବାଦକୁ ସମାଲୋଚନା କରିଛନ୍ତି ମୋଦୀ । ସାମାଜିକ ନ୍ୟାୟ ନାଁରେ ବିରୋଧୀ ଦଳିତ ଓ ପଛୁଆବର୍ଗଙ୍କୁ ଉପେକ୍ଷା କରି କେବଳ ନିଜର ଲାଭ ଦେଖୁଥିବା ସେ ଅଭିଯୋଗ କରିଛନ୍ତି। ଏଥିସହ ୨୦୨୪ ନିର୍ବାଚନ ପାଇଁ ବିଜେପିର ରୋଡମ୍ୟାପ ସମ୍ପର୍କରେ ସୂଚନା ଦେଇଛନ୍ତି । ବିଜେପିର ରାଜନୈତିକ ଭବିଷ୍ୟତ ଉପରେ ମଧ୍ୟ ଜୋର ଦେଇଛନ୍ତି ପ୍ରଧାନମନ୍ତ୍ରୀ ।

ମୋଦୀଙ୍କ ମନ୍ତ୍ର- ୨

– ଇନଷ୍ଟାଗ୍ରାମ୍, ୟୁ-ଟ୍ୟୁବ୍, ଫେସବୁକ୍, ଟ୍ୱିଟରରେ ଦେଶର ଯୁବବର୍ଗଙ୍କ ସହ ଯୋଡ଼ି ହେବାକୁ କର୍ମୀଙ୍କୁ ପରାମର୍ଶ

ମୋଦୀଙ୍କ ମନ୍ତ୍ର- ୩

– ଦୀର୍ଘ ରାଜନୈତିକ ଭବିଷ୍ୟତ ପାଇଁ ଆମକୁ ପ୍ରସ୍ତୁତି କରିବାକୁ ପଡ଼ିବ, ଏଥିପାଇଁ ନିର୍ବାଚିତ ପ୍ରତିନିଧି ଦଳର କର୍ମୀଙ୍କୁ ପ୍ରଶିକ୍ଷଣ ଦେବେ

ମୋଦୀଙ୍କ ମନ୍ତ୍ର- ୪

– ହନୁମାନଙ୍କୁ ରାକ୍ଷସଙ୍କ ସାମ୍ନା କରିବାକୁ କଠୋର ହେବାକୁ ପଡିଥିଲା, ତେଣୁ ପରିବାରବାଦ ଓ ଦୁର୍ନୀତି ବିରୋଧରେ କଠୋର ହେବାକୁ ପଡ଼ିବ

ମୋଦୀଙ୍କ ମନ୍ତ୍ର- ୫

– ସାମାଜିକ ନ୍ୟାୟ ନାଁରେ କିଛି ଲୋକ କେବଳ ନିଜ ପରିବାରର ମଙ୍ଗଳ ଚିନ୍ତା କରୁଛନ୍ତି, ସେମାନଙ୍କୁ ଚିହ୍ନିବାକୁ ହେବ

ଜନସଂଘରୁ ଅଲଗା ହେବା ପରେ ୧୯୮୦ରେ ପ୍ରତିଷ୍ଠା ହୋଇଥିଲା ଭାରତୀୟ ଜନତା ପାର୍ଟି । ସେତେବେଳେ ଦଳ ମାତ୍ର ୨ଟି ଲୋକସଭା ଆସନ ଜିତିଥିବାବେଳେ ଏହାରି ଭିତରେ ଲୋକସଭାରେ ୩୦୨ ଓ ରାଜ୍ୟସଭାରେ ୯୩ ଆସନରେ ପହଞ୍ଚିପାରିଛି । ସେହିପରି ୧୬ଟି ରାଜ୍ୟରେ କ୍ଷମତା ହାସଲ କରିଛି ବିଜେପି । ୩୦ ରାଜ୍ୟରେ ବିଜେପିର ୧ ହଜାର ୪୨୧ ବିଧାୟକ ଅଛନ୍ତି ।

## ଜାପାନରେ ନିପନ ଇସ୍ପାତ କାରଖାନା ପରିଦର୍ଶନ କଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ



ନୂଆଦିଲ୍ଲୀ, ୦୬/୦୪ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜାପାନର ନିପନ ଇସ୍ପାତ ନିଗମର କିମିସୁସ୍ଥିତ ଇସ୍ପାତ କାରଖାନା ବୁଲି ଦେଖିଛନ୍ତି। ତାଙ୍କ ସହ ଯାଇଥିବା ଭାରତୀୟ ପ୍ରତିନିଧି ଦଳକୁ ମଧ୍ୟ ସେହି କାରଖାନା ବିଷୟରେ ଅବଗତ କରାଯାଇଛି। ପ୍ରଦୂଷଣରହିତ କାରିଗରି ବିଦ୍ୟା ନିରନ୍ତର ପରିବେଶକୁ ସୁହାଇଲା ଭଳି ସମୁଦ୍ରରୁ ବଳକା ସ୍ଥଳଭାଗରେ ଏହି ଇସ୍ପାତ କାରଖାନା ସ୍ଥାପନ କରାଯିବ। ମୁଖ୍ୟମନ୍ତ୍ରୀ ସେଠାକାର ଅତ୍ୟାଧୁନିକ କାରିଗରି ବିଦ୍ୟାରେ ନିର୍ମିତ ଇସ୍ପାତ କାରଖାନାକୁ ପ୍ରଶଂସା କରିବା ସଙ୍ଗେ ସଙ୍ଗେ ଇସ୍ପାତ ଉତ୍ପାଦନ କ୍ଷେତ୍ରରେ ନିପନ ଇସ୍ପାତ ନିଗମର ପାରଦର୍ଶିତାକୁ ପ୍ରଶଂସା କରିଛନ୍ତି। କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲ୍ଲାରେ ଏହିଭଳି କାରିଗରି ବିଦ୍ୟା ବଳରେ ଇସ୍ପାତ କାରଖାନା ସ୍ଥାପନ କରିବାକୁ ମୁଖ୍ୟମନ୍ତ୍ରୀ କଥାବାର୍ତ୍ତା କରିଛନ୍ତି। ନିପନ ଇସ୍ପାତ ନିଗମ ଓ ଓଡ଼ିଶା ମଧ୍ୟରେ ସହଭାଗିତା ଜରିଆରେ ରାଜ୍ୟର ସମୃଦ୍ଧ ଖଣି ସମ୍ବଳକୁ ବିନିଯୋଗ କରି ଇସ୍ପାତ କ୍ଷେତ୍ରକୁ ଶକ୍ତିଶାଳୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।

## ଅବସର ପରେ ବାବୁଙ୍କୁ ଚାକିରି: ସହରାଞ୍ଚଳରେ ହେବେ ନିଯୁକ୍ତି

ଭୁବନେଶ୍ୱର, ୦୬/୦୪ (ନି.ପ୍ର): ରାଜ୍ୟ ସରକାରଙ୍କ ଅଧୀନରେ ଚାକିରି କରି ଅବସର ନେଇଥିବା, ଅଧିକାରୀମାନଙ୍କୁ ପୁଣି ଥରେ ଚାକିରି ଦେବେ ସରକାର । ଏଥିପାଇଁ ରାଜ୍ୟ ସରକାରଙ୍କ ନଗର ଓ ଗୃହ ଉନ୍ନୟନ ବିଭାଗ ପକ୍ଷରୁ ରିଜୋଲ୍ୟୁସନ ଜାରି କରାଯାଇଛି। ଯେଉଁଥିରେ ସ୍ପଷ୍ଟ ଭାବରେ ଉଲ୍ଲେଖ ରହିଛି, ଅବସରପ୍ରାପ୍ତ ଅଧିକାରୀମାନଙ୍କୁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ସହରାଞ୍ଚଳର ଉନ୍ନୟନ ସଂସ୍ଥାରେ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯିବ । ଅବସରପ୍ରାପ୍ତ ଓଏଏସ, ଓଏଫଏସ, ଓପିଏସ୍, ଓଆରଏସ, ଜିଲ୍ଲା ପରିସଂଖ୍ୟାନ ଅଧିକାରୀ, ଜିଲ୍ଲା କ୍ଷୁଦ୍ର ସଞ୍ଚୟ ଅଧିକାରୀଙ୍କୁ ଏହି ପଦବୀରେ ନିଯୁକ୍ତି ଦିଆଯିବ । ତେବେ ଏହା ସମ୍ପୂର୍ଣ୍ଣ ଚୁକ୍ତିଭିତିକ ଏବଂ ବର୍ଷକ ପାଇଁ ବୋଲି ସ୍ପଷ୍ଟ କରାଯାଇଛି। ସେମାନଙ୍କୁ ମାସିକ ୭୫ ହଜାର ଟଙ୍କା ବେତନ ମିଳିବ। ଅବସର ପରେ ବାବୁଙ୍କ ନିଯୁକ୍ତି ଦେବାକୁ ନେଇ ସରକାରଙ୍କୁ ଘେରିଛନ୍ତି ବିରୋଧୀ । ରାଜ୍ୟରେ ବେକାରୀ ବଢୁଥିବାବେଳେ ଅବସରପ୍ରାପ୍ତ ଅଧିକାରୀଙ୍କୁ କାହା ସ୍ୱାର୍ଥରେ ନିଯୁକ୍ତି ଦିଆଯାଉଛି, ସେ ନେଇ ପ୍ରଶ୍ନ କରିଛନ୍ତି ବିଜେପି ନେତା । ବିଜେପିର ଅଭିଯୋଗ ପରେ,ଜବାବ ରଖି ପ୍ରମିଳା ମଲ୍ଲିକ କହିଛନ୍ତି, ଅଭିଜ୍ଞତାକୁ କାର୍ଯ୍ୟରେ ଲଗାଇବା ପାଇଁ ସରକାର ନିଷ୍ପତି ନେଇଛନ୍ତି । ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରେ, ଅବସରପ୍ରାପ୍ତ ଅଫିସରଙ୍କ ନିଯୁକ୍ତିକୁ ନେଇ ବିରୋଧୀ ତମ୍ବିତୋଫାନ କରିଥିଲେ। ଆଉ ଏବେ ୩୦ଟି ଜିଲ୍ଲାରେ ଅବସରପ୍ରାପ୍ତ ଅଧିକାରୀଙ୍କୁ ନିଯୁକ୍ତି ନେଇ ବିଜ୍ଞପ୍ତି ଜାରି କରିବା ପରେ ନୂଆ ବିତର୍କ ସୃଷ୍ଟି ହୋଇଛି ।

## ଲଢୁଆ ବିମାନ ଉଡାଇବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ: ସୂଚନା ଦେଲେ ମୁଖପାତ୍ର




ନୂଆଦିଲ୍ଲୀ, ୦୬/୦୪ (ନି.ପ୍ର): ଓଡିଶାର ପ୍ରଥମ ମହିଳା ଭାବେ ରାଷ୍ଟ୍ରପତି ହୋଇ ଇତିହାସରେ ନୂଆ ପରିଚୟ ସୃଷ୍ଟି କରିଛନ୍ତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ । ଏହାପରେ ଆସନ୍ତା ଶନିବାର ସେ ଆଉ ଏକ ନୂଆ ଇତିହାସ ଲେଖିବାକୁ ଯାଉଛନ୍ତି । ଶ୍ରୀମତୀ ମୁର୍ମୁ ଉଡାଇବେ ଲଢୁଆ ବିମାନ । ଏ ନେଇ ଜଣେ ସରକାରୀ ମୁଖପାତ୍ର ସୂଚନା ଦେଇଛନ୍ତି । ତେବେ ଖୁବ ସ୍ୱଳ୍ପ ସମୟ ପାଇଁ ସେ ଏହି ବିମାନ ଉଡାଇବେ ବୋଲି ଜାଣିବାକୁ ମିଳିଛି । ମୁଖପାତ୍ରଙ୍କ କହିଛନ୍ତି ଯେ, ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଏପ୍ରିଲ ୬ ତାରିଖରୁ ୮ ତାରିଖ ପର୍ଯ୍ୟନ୍ତ ଆସାମ ଗସ୍ତରେ ଯାଉଛନ୍ତି । ତେବେ ଏହି ଗସ୍ତ ସମୟରେ ଆସାମ ତେଜପୁର ଏୟାରଫୋର୍ସ ଷ୍ଟେସନରୁ କିଛି ସମୟ ପାଇଁ ଲଢୁଆ ବିମାନ (ସୁଖୋଇ-୩୦ଏମକେଆଇ) ଉଡାଇବେ ବୋଲି ସେ ପ୍ରକାଶ କରିଛନ୍ତି ।

## ଓଡ଼ିଶା ପ୍ରଶାସନ ପୂର୍ବପୁରୁଷଙ୍କୁ ସମ୍ମାନ କରନ୍ତୁ କିମ୍ବା ନ କରନ୍ତୁ କିନ୍ତୁ ଅସମ୍ମାନ କରନ୍ତୁ ନାହିଁ: ଧର୍ମେନ୍ଦ୍ର ପ୍ରଧାନ




ଭୁବନେଶ୍ୱର, ୦୬/୦୪ (ନି.ପ୍ର): ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ଅନୁଗୁଳର ଗୋପବନ୍ଧୁ ପାର୍କରେ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ସ୍ଥାପନା ନେଇ ଉପୁଜିଥିବା ବିବାଦକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଓଡ଼ିଶା ପ୍ରଶାସନ ପୂର୍ବପୁରୁଷଙ୍କୁ ସମ୍ମାନ କରନ୍ତୁ କିମ୍ବା ନ କରନ୍ତୁ, କିନ୍ତୁ ଅସମ୍ମାନ କରନ୍ତୁ ନାହିଁ ବୋଲି ଶ୍ରୀ ପ୍ରଧାନ ଟ୍ୱିଟ୍ କରି କହିଛନ୍ତି। ଏହି ଘଟଣାକୁ ଦୁଃଖଦାୟକ ବୋଲି କହିବା ସହ ଓଡ଼ିଶାର ମହାନ ବିଭୂତିଙ୍କ ପ୍ରତିମୂର୍ତ୍ତି ସ୍ଥାପନା ବେଳେ ପ୍ରଶାସନ ଅଧିକ ସମ୍ବେଦନଶୀଳ ଓ ଯତ୍ନବାନ ହେବା ଆବଶ୍ୟକ। ଅନୁଗୁଳ ପ୍ରଶାସନ ଦ୍ୱାରା ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ବାରମ୍ବାର ବିକୃତ ପ୍ରତିମୂର୍ତ୍ତି ସ୍ଥାପନ ଲୋକଙ୍କୁ ଆଘାତ ଦେଇଛି। ପ୍ରଶାସନ ଯଥାଶୀଘ୍ର ସ୍ୱର୍ଗତ ଚୌଧୁରୀଙ୍କ ପରିବାର ଓ ବିଶେଷଜ୍ଞଙ୍କ ପରାମର୍ଶ ନେଇ ବରପୁତ୍ରଙ୍କ ସଠିକ୍ ପ୍ରତିମୂର୍ତ୍ତି ନିର୍ମାଣ କରି ପୁନଃସ୍ଥାପନ କରିବା ସହ ଯଥୋଚିତ ସମ୍ମାନ ଦେବା ଉଚିତ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି।

## ୬.୫%ରେ 'ରେପୋ ରେଟ୍' ଅପରିବର୍ତ୍ତିତ ରଖିଲା ରିଜର୍ଭ ବ୍ୟାଙ୍କ୍




ମୁମ୍ବାଇ, ୦୬/୦୪ : ଦେଶରେ ମୁଦ୍ରାସ୍ଫୀତି ପରିସ୍ଥିତିକୁ ଚାହିଁ 'ରେପୋ ରେଟ୍' ୬.୫% ଅପରିବର୍ତ୍ତିତ ରଖିବା ଲାଗି 'ମନିଟାରି ପଲିସି କମିଟି' (ଏମ୍‌ପିସି) ନିଷ୍ପତ୍ତି ଗ୍ରହଣ କରିଥିବା କଥା ଆଜି ଭାରତୀୟ ରିଜର୍ଭ ବ୍ୟାଙ୍କ୍‌ର ଗଭର୍ଣ୍ଣର ଶକ୍ତିକାନ୍ତ ଦାସ କହିଛନ୍ତି।

ସୂଚନାଯୋଗ୍ୟ, ଗତବର୍ଷ ମେ ମାସରେ ଭାରତୀୟ ରିଜର୍ଭ ବ୍ୟାଙ୍କ୍ ରେପୋ ରେଟ୍ ୨୫୦ ବେସିସ୍ ପଏଣ୍ଟ୍ ବୃଦ୍ଧି କରିଥିଲା। ବୈଶ୍ୱିକ ଅର୍ଥନୀତି ଏବେ ଅସ୍ଥିରତାର ନୂତନ ପର୍ଯ୍ୟାୟର ସମ୍ମୁଖୀନ ହେଉଥିବାରୁ ରିଜର୍ଭ ବ୍ୟାଙ୍କ୍ 'ମନିଟାରି ପଲିସି ଆକମଡେସନ୍'ର ପ୍ରତ୍ୟାହାର ଉପରେ ଧ୍ୟାନ ନିବେଶ କରିଛି ବୋଲି ଗଭର୍ଣ୍ଣର ଶକ୍ତିକାନ୍ତ ଦାସ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ୨୦୨୨ ମେ'ରେ ଗ୍ରହଣ କରାଯାଇଥିବା ନୀତି ନିଷ୍ପତ୍ତି ସବୁ ଏବେ ବି ଅର୍ଥନୈତିକ ବ୍ୟବସ୍ଥାରେ କାମ କରୁଛି।

▶▶ପୃଷ୍ଠା ୭

## ଗୁରୁତର ଦାଦନ ଶ୍ରମିକର ବଲାଙ୍ଗୀର ମେଡ଼ିକାଲରେ ମୃତ୍ୟୁ

ବଲାଙ୍ଗିର , ୬/୦୪ (ନି.ପ୍ର): ପେଟ ପାଇଁ ଦାଦନ ଖଟିବାକୁ ଯିବା ଓ ନିର୍ଯ୍ୟାତନା ସହିବା ବଲାଙ୍ଗୀର ଜିଲ୍ଲା ପାଇଁ ନିତିଦିନିଆଁ ଘଟଣା । କିନ୍ତୁ ଗତ କିଛି ଦିନ ହେବ ଗାଁ କୁ ଫେରୁଛି ଶ୍ରମିକଙ୍କ ଶବ । ବିଶେଷ କରି ବେଲପଡା ବ୍ଲକରୁ ଆସୁଛି ଅନେକ ଅଭିଯୋଗ । ବେଲପଡା ଥାନା ମଣ୍ଡଳ ଗାଁ ର ଦୁଃଖିଶ୍ୟାମ ବଗର୍ତି ପରିବାର ସହିତ ତେଲେଙ୍ଗାନାକୁ ଦାଦନ ଖଟିବାକୁ ଯାଇଥିଲେ । ଗତ ୧ ତାରିଖ ଦିନ ଇଟାଭାଟିରେ କୌଣସି କାରଣରୁ ଝଗଡା ହୋଇଥିଲା । ଦୁଃଖିଶ୍ୟାମକୁ ନିରଧୂମ ମାଡ ମାରିଥିଲେ ଶ୍ରମିକ । ଗୁରୁତର ଅବସ୍ଥାରେ ଦୁଖିଶ୍ୟାମକୁ ସେଠାକାର ହସ୍ପିଟାଲରେ ଭର୍ତି କରିଥିଲେ । କିନ୍ତୁ ସେଠାରେ ଉପଯୁକ୍ତ ଚିକିତ୍ସା କରାଯାଇନଥିବାରୁ ଗୁରୁତର ଅବସ୍ଥାରେ ଦଖିଶ୍ୟାମକୁ ପରିବାର ଲୋକେ ଗାଁକୁ ଆଣିଥିଲେ । ପ୍ରଥମେ ବେଲପଡା ହସପିଟାଲ ଏବଂ ପରେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତି କରିଥିଲେ । ଗତକାଲି ଦୁଃଖିଶ୍ୟାମଙ୍କ ମୃତ୍ୟୁ ହୋଇଥିଲା । ପୋଲିସ ପୋଷ୍ଟ ମୋର୍ଟ କରିବା ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିଛି । ପେଟ ପାଇଁ ଦାଦନ ଖଟିବାକୁ ଯାଇଥିବା ଶ୍ରମିକ ଶେଷରେ ପୁଣି ଶବ ପାଲଟିଯାଇଛି ।

## ବଜ୍ରାଘାତରେ ଯୁବକ ଆହତ

ମୁଖୀଗୁଡା, ୬/୦୪ (ନି.ପ୍ର): ଜୟପାଟଣା ବ୍ଲକ ଅନ୍ତର୍ଗତ ଭଇଁରିପାଲି ପଂଚାୟତ ଅନ୍ତର୍ଗତ କଦେଲବାହେଲି ଗ୍ରାମର ଶ୍ରୀକର ରାଉତ(୪୫)ଆଜି ଦିନ ୩ଟା ବେଳେ ନିଜ କ୍ଷେତରେ କାମ କରୁଥିବା ବେଳେ ବଜ୍ରାଘାତରେ ଆହତ ହୋଇଥିଲେ । ତୁରନ୍ତ ତାଙ୍କୁ ଜୟପାଟଣା ଡାକ୍ତରଖାନାକୁ ଅଣା ଯାଇଥିଲା। ତାଙ୍କୁ ଅଦ୍ୟାବଧି ଚିକିତ୍ସା କରା ଯାଉଛି ।

# ସ୍ଥାଣୁ ପାଲଟିଛି ରାଜ୍ୟ ଭିନ୍ନକ୍ଷମ ପୁନର୍ବାସ ପ୍ରତିଷ୍ଠାନ

## ଖାଲି ପଡ଼ିଛି ଅଧାରୁ ଅଧିକ ମଞ୍ଜୁରିପ୍ରାପ୍ତ ପଦବି: ବନ୍ଦ ହୋଇଯାଇଛି କୃତ୍ରିମ ଅଙ୍ଗ ପ୍ରସ୍ତୁତି



ଭୁବନେଶ୍ୱର :, ୬/୦୪ (ନି.ପ୍ର): କ୍ୟାପିଟାଲ ହସ୍ପିଟାଲ ପରିସରରେ ଥିବା ରାଜ୍ୟ ଭିନ୍ନକ୍ଷମ ପୁନର୍ବାସ ପ୍ରତିଷ୍ଠାନ (ଏସ୍ଆଇଡିଆର) ସ୍ଥାଣୁ ପାଲଟିଛି। ପ୍ରତିଷ୍ଠାନରେ ଅଧାରୁ ଅଧିକ ପଦବି ଖାଲି ପଡ଼ିଛି। ବିଶେଷକରି ବୈଷୟିକ ପଦବି ଖାଲି ପଡ଼ିବା କାରଣରୁ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ଆବଶ୍ୟକ ସୁବିଧା ମିଳିପାରୁନାହିଁ। ରାଜ୍ୟ ସରକାର ଭିନ୍ନକ୍ଷମମାନଙ୍କୁ ସେବା ପ୍ରଦାନରେ ପ୍ରାଥମିକତା ଦେଉଥିବା କହୁଛନ୍ତି। ହେଲେ ଗୋଟିଏ ପ୍ରତିଷ୍ଠାନରେ ଏତେ ସଂଖ୍ୟକ ପଦବି ଖାଲି ରହିବା ରାଜ୍ୟ ସରକାରଙ୍କ ଭିନ୍ନକ୍ଷମମାନଙ୍କ ପ୍ରତି ଥିବା ଦରଦକୁ ପଦାରେ ପକାଇ ଦେଇଛି।

ଏସ୍ଆଇଡିଆର ଆରମ୍ଭ ସମୟରେ ଏହା ୫ ପ୍ରକାରର ଭିନ୍ନକ୍ଷମତାକୁ ନେଇ ପ୍ରତିଷ୍ଠା ହୋଇଥିଲା। ଏଥିରେ ସ୍ପିଚ୍ ଏଣ୍ଡ ହିୟରିଂ, ଲୋକୋମୋଟର, ବୌଦ୍ଧିକ ଅକ୍ଷମତା, ଦୃଷ୍ଟିହୀନ ଓ ମିକ୍ସଡ୍ (ଏକରୁ ଅଧିକ) ଅକ୍ଷମତା ପାଇଁ ସେବା ଦିଆଯିବା ପାଇଁ ବ୍ୟବସ୍ଥା ହୋଇଥିଲା। ଏଥିପାଇଁ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ପ୍ରସ୍ତୁତ କରୁଥିବା ପ୍ରୋସ୍ଥେଟିକ ଇଞ୍ଜିନିୟର, ଲେଦର ଟେକ୍ନିସିଆନ, ଫିଜିଓଥେରାପିଷ୍ଟ, ଅକ୍ୟୁପେସନାଲ ଥେରାପିଷ୍ଟ, ଅଡିଓ ଲୋଜିଷ୍ଟ, ସାଇକୋଲୋଜିଷ୍ଟ, ମୋବିଲିଟି ଇନଷ୍ଟ୍ରକ୍ଟର, ରିହାବିଲେସନ୍ ଅଫିସର ଓ ମଲ୍ଟି ରିହାବିଲେସନ ଅଫିସର ଭଳି ପଦବି ରହିଛି।

ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ, ଏସ୍ଆଇଡିଆରରେ ସମୁଦାୟ ୨୫ଟି ମଞ୍ଜୁରିପ୍ରାପ୍ତ ପଦବି ରହିଛି। ଏଥିରେ ୧୩ଟି ପଦ ଖାଲି ଥିବା ବେଳେ ୧୨ଟି ପଦବିରେ କର୍ମଚାରୀ ରହିଛନ୍ତି। ଖାଲି ପଡ଼ିଥିବା ପଦବି ଭିତରେ ରହିଛି ପ୍ରୋସ୍ଥେଟିକ ଆର୍ଥୋଟିକ ଇଞ୍ଜିନିୟର(କନିଷ୍ଠ), ଲେଦର ଟେକ୍ନିସିଆନ, ଫିଜିଓଥେରାପିଷ୍ଟ, ସାଇକୋଲୋଜିଷ୍ଟ, ଇୟର ମୋଲ୍ଡ ଟେକ୍ନିସିଆନ, ମୋବିଲିଟି ଇନଷ୍ଟ୍ରକ୍ଟର ପଦବି ଖାଲି ରହିଛି। ଏହାସହ ଅନ୍ୟ ପ୍ରଶାସନିକ ପଦବିରେ ମଧ କର୍ମଚାରୀ ନାହାନ୍ତି। ଅବସର କିମ୍ବା ଅନ୍ୟତ୍ର ବଦଳି ପରେ ଏହି ସ୍ଥାନରେ ଆଉ କାହାରିକୁ ନିଯୁକ୍ତି ଦିଆଯାଇନାହିଁ। ଏସ୍ଆଇଡିଆର ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଜଣେ ଭିନ୍ନକ୍ଷମ ବ୍ୟକ୍ତି ଆବଶ୍ୟକ ସେବା ପାଇଁ ପ୍ରଥମେ ନିଜ ବ୍ଲକ୍, ପରେ ଜିଲ୍ଲା ଓ ଶେଷରେ ଏସ୍ଆଇଡିଆରକୁ ଆସିଥାଏ। ମାତ୍ର ଏସ୍ଆଇଡିଆରରେ ଅଧିକାଂଶ ବୈଷୟିକ ପଦବି ଖାଲି ରହିବା କାରଣରୁ ସେମାନଙ୍କୁ ନିରାଶ ହେବାକୁ ପଡୁଛି। ବର୍ଷ ବର୍ଷ ଧରି ଏଠାରେ କୃତ୍ରିମ ଅଙ୍ଗ ପ୍ରସ୍ତୁତି ବନ୍ଦ ହୋଇଯାଇଛି। ମାତ୍ର ରାଜ୍ୟ ସରକାର ଏକ ଘରୋଇ କମ୍ପାନି ସହାୟତାରେ ପ୍ରତିଷ୍ଠା କରିଥିବା ଏଆରସି (ଆଡଭାନ୍ସଡ ରିହାବିଲେସନ ସେଣ୍ଟର)ରେ କୃତ୍ରିମ ଅଙ୍ଗ ପ୍ରସ୍ତୁତ ହେଉଛି। ହେଲେ ତାହାକୁ ନେଇ ଅନେକ ସମୟରେ ବିବାଦ ରହିଛି। ଏହାସହ ମାନସିକ ରୋଗର ଶିକାର ବ୍ୟକ୍ତିଙ୍କ ପାଇଁ କୌଣସି ପ୍ରକାର ସୁବିଧା ନାହିଁ। ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏ ଦିଗରେ ଅବହେଳା କରିବାକୁ ନେଇ ଭିନ୍ନକ୍ଷମ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି।

ନିକଟରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ବିଧାନସଭାରେ ଏସ୍ଆଇ ଡିଆରରେ ଖାଲି ପଡ଼ିଥିବା ପଦବିଗୁଡ଼ିକର ପୂରଣ କରିବା ପାଇଁ ଅର୍ଥ ବିଭାଗଠାରୁ ଅନୁମୋଦନକୁ ଅପେକ୍ଷା କରାଯାଇଥିବା ସୂଚନା ଦେଇଥିଲେ। ଏହାସହ ପ୍ରତିଷ୍ଠାନରେ ଥିବା ଯନ୍ତ୍ରପାତିଗୁଡ଼ିକର ଆବଶ୍ୟକତା ଅନୁଯାୟୀ ମରାମତି ଓ ପରିବର୍ତନ ପାଇଁ ବିଭାଗ ତରଫରୁ ପଦକ୍ଷେପ ନିଆଯିବା ସହିତ ନୂଆ ଯନ୍ତ୍ରପାତି ଯୋଗାଇ ଦିଆଯାଉଥିବା କହିଥିଲେ। ମାତ୍ର କେବେସୁଦ୍ଧା ଏହି ପ୍ରକ୍ରିୟା ଶେଷ ହେବ ତାହା ସଂପର୍କରେ କୌଣସି ସୂଚନା ଦେଇ ନାହାନ୍ତି।

## ମିଲେଟ୍ ମଦର କାର୍ଯ୍ୟକ୍ରମ ଅନୁଷ୍ଠିତ

ଜୟପୁର, ୬/୦୪ (ନି.ପ୍ର): କୁନ୍ଦ୍ରା ବ୍ଲକର ବାଗଦେରୀ ଗ୍ରାମପଂଚାୟତ ଠାରେ ଆନ୍ତର୍ଜାତୀୟ ମାଣ୍ଡିଆ ବର୍ଷ ୨୦୨୩ ଅବସରରେ ମିଲେଟ ମଦର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଲିପ୍ସା ସାହୁ , ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ପ୍ରଧାନ ପରାମର୍ଶଦାତା, ବାସୁଦେବ ବିଶୋଇ, ଜିଲ୍ଲା କୃଷି ଅଧିକାରୀ, ଜୟପୁର, ଶ୍ରୀଯୁକ୍ତ ଅଇନି କୁମାର ବିଷୋଇ, ସହାୟକ କୃଷି ଅଧିକାରୀ କୁନ୍ଦ୍ରା, ମାନସୀ ସାନ୍ତା, ସରପଂଚ ବାଗଦେରୀ ଗ୍ରାମପଂଚାୟତ, କୁନ୍ଦ୍ରା, ଅଙ୍ଗନୱାଡ଼ି ୱାରର୍କ, ଆଶାକର୍ମୀ, ସ୍ୱାମିନାଥନ ଗବେଷଣା ପ୍ରତିଷ୍ଠାନ ଜୟପୁରର କର୍ମକର୍ତା ପ୍ରତାପ ଚନ୍ଦ୍ର ଜେନା, ନିରଞ୍ଜନ ଗୈଡ଼ ଓ ରାଇମତୀ ଘିଉରିଆ, ନିର୍ଦ୍ଦେଶକ ବାମନଦେଈ ଉତ୍ପାଦକ କଂପାନୀ ଲିମିଟେଡ, ନୁଆଗୁଡା, କୁନ୍ଦ୍ର ଯୋଗଦେଇଥିଲେ। ଲିପ୍ସା ସାହୁ ଗୃପର ମା ଓ ଚାଷୀ ମାନଙ୍କୁ ବିଭିନ୍ନ ଚାଷ ଉପରେ ପଚାରି ବୁଝିଥିଲେ ଓ କେଉଁ ଫସଲରେ ଅଧିକ ଲାଭ ହେଉଛି ଜାଣିଥିଲେ ଏବଂ ଆଉ କ'ଣ କଲେ ଚାଷୀମାନେ ଅଧିକ ଅଣଧାନ ଚାଷ କରାଯାଇ ପାରିବ ପଚାରି ବୁଝିଥିଲେ। ଏହା ପରେ ସ୍ୱାମିନାଥନ ପ୍ରତିଷ୍ଠାନର କର୍ମକର୍ତା ଅଙ୍ଗନୱାଡ଼ି , ଆଶାକର୍ମି ଓ ଗୃପର ମା ମାନଙ୍କୁ ମାଣ୍ଡିଆ, ସୁଆ, କାଙ୍ଗୁ, ଖେଡଯନା ଓ ବାର୍ଣ୍ଣୟାଡ ମିଲେଟର ଚାଷ ବିଷୟରେ ଆଲୋଚନା କରିଥିଲେ ଓ ସେଥିରେ ରହିଥିବା ପୃଷ୍ଟିଗତ ଗୁଣ ବିଷୟରେ ଅବଗତ କରାଇଥିଲେ। ଏହା ବ୍ୟତୀତ ଏହି ସବୁ କ୍ଷୁଦ୍ରଶସ୍ୟରେ ରହିଥିବା ପୃଷ୍ଟିଗତ ଗୁଣ କିପରି ଗର୍ଭବତୀ ମହିଳା ଓ ଶିଶୁ ମାନଙ୍କ ପାଇଁ ସହାୟକ ହୋଇଥାଏ ଓ ରୋଗରୁ ରକ୍ଷା ପାଇବା ପାଇଁ ସହାୟକ ହୋଇଥାଏ। ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କବିଷୟରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମଟିକୁ ପ୍ରତାପ ଚନ୍ଦ୍ର ଜେନା ପରିଚାଳନା କରିଥିଲେ।

## ସିଭିଲ କୋର୍ଟ ପ୍ରଶାସନିକ ଅଧିକାରୀ ରାଜେନ୍ଦ୍ର ନାରାୟଣ ଦାସଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ବଲାଙ୍ଗିର, ୬/୦୪ (ନି.ପ୍ର): ବଲାଙ୍ଗିର ସିଭିଲ କୋର୍ଟ ପରିସରରେ ବଲାଙ୍ଗିର ସିଭିଲ କୋର୍ଟ ପ୍ରଶାସନିକ ଅଧିକାରୀ ରାଜେନ୍ଦ୍ର ନାରାୟଣ ଦାସ ଙ୍କ ଅବସରକାଳିନ ସମ୍ବର୍ଦ୍ଧନା ସଭା ବଲାଙ୍ଗିର ବିଚାର ବିଭାଗୀୟ କର୍ମଚାରୀ ସଂଘର ସଭାପତି ପ୍ରକାଶ କୁମାର ନେପାକଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ବଲାଙ୍ଗିର ଜିଲ୍ଲା ତଥା ଦୌରା ଜଜ୍ ଲଲାଟେନ୍ଦୁ ଜେନା ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ଅବସର ଗ୍ରହଣ କରିଥିବା ସମସ୍ତ କର୍ମଚାରୀ ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଆଜିର ଏହି ସଭାରେ ସମସ୍ତ ବିଚାର ବିଭାଗୀୟ ଅଧିକାରୀ, କୋର୍ଟ ମ୍ୟାନେଜର ସୁମନ ଆଚାର୍ଯ୍ୟ, ସିଷ୍ଟମ ଅଫିସର ଅନିଲ ଦାସ, ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ବଲାଙ୍ଗିର ଫେମିଲି ଜଜ୍ ବେଣୁଧର ପାତ୍ର, ଭିଜିଲାନ୍ସ ଜଜ୍ ଆନନ୍ଦ ନାରାୟଣ ମହାରଣା, ସିଭିଲ କୋର୍ଟ ରେଜିଷ୍ଟ୍ରାର ଚରଣଜିତ ଓରାମ ପ୍ରମୁଖ ଉଦ୍‌ବୋଧନ ଦେଇ ଶ୍ରୀ ଦାସଙ୍କ ଚାକିରି ଜୀବନ ପ୍ରଂଶସନୀୟ ବୋଲି କହିବା ସହ ନୂତନ ଭାବେ ଚାକିରି ରେ ଯୋଗଦାନ କରିଥିବା କର୍ମଚାରୀମାନଙ୍କୁ ସମସ୍ତ ବିଭାଗରୁ ଏକ ନିଆର ଶୃଙ୍ଖଳିତ ବିଭାଗରେ ଚାକିରି କରିବାକୁ ସୁଯୋଗ ପାଇଥିବାରୁ ନିଜକୁ ଭାଗ୍ୟବାନ ଭାବିବା ଉଚିତ ବୋଲି ସମ୍ବୋଧିତ କରିଥିଲେ। ଏହି ସଭାରେ ମାନ୍ୟବର ଜିଲ୍ଲା ଜଜ୍ ଲଲାଟେନ୍ଦୁ ଜେନା ସମସ୍ତ କର୍ମଚାରୀ ଶ୍ରୀ ଦାସଙ୍କ ଭଳି କର୍ତ୍ତବ୍ୟନିଷ୍ଠ ହେବା ଉଚିତ ବୋଲି କହିବା ସହ ନୂତନ କର୍ମଚାରୀମାନେ ଆଗାମୀ ଦିନରେ ଭାରତର ସର୍ବବୃହତ ଶୃଙ୍ଖଳିତ ବିଭାଗରେ ନିଜକୁ ଶୃଙ୍ଖଳିତ କରି ସମସ୍ତଙ୍କ ସେବା କରିବାକୁ ପରାମର୍ଶ ଦେଇଥିଲେ । କର୍ମଚାରୀମାନଙ୍କ ନୂତନ ଡ୍ରେସ କୋଡ ଶୃଙ୍ଖଳା ର ଆଉ ଏକ ଅଧ୍ୟାୟ ବୋଲି ପ୍ରକାଶ କରିଥିଲେ। ନୂତନ ଭାବ ପଦୋନ୍ନିତ ହୋଇଥିବା ମୁଖ୍ୟ ପ୍ରଶାନିକ ଅଧିକାରୀ ବଳରାମ ମେହେରଙ୍କୁ ସ୍ୱାଗତ କରିଥିଲେ । ଆଜିର ଏହି ସଭା ଆୟୋଜନରେ କର୍ମଚାରୀ ସଂଘର କୋଷାଧକ୍ଷ ଆକାଶ ତ୍ରିପାଠୀ, ହେଡ କ୍ଲର୍କ ଦଧିବାବନ ଶତପଥି, ସୁବ୍ରତ ମିଶ୍ର, ନାଜୀର ଶୁଭ୍ରାଂଶୁ ବାଗ, ନୀଳକଣ୍ଠ ସିଂ ଓ ବିଶମ୍ବର ପ୍ରଧାନ ସହଯୋଗ କରିଥିଲେ ।

## ଚିତ୍ରକୋଣ୍ଡା ଏସଏସଡି ବିଜ୍ଞାନ ମହାବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ

ମାଲକାନଗିରି, ୬/୦୪ (ନି.ପ୍ର): ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଏସଏସଡି ବିଜ୍ଞାନ ମହାବିଦ୍ୟାଳୟ ର ଅଧକ୍ଷ ସୌମ୍ୟ ରଞ୍ଜନ ଦାଶଙ୍କ ଆହ୍ୱାନ କ୍ରମେ ମହାବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ ଭୁଜବଳ ଯୋଗ ଦେଇଥିବାବେଳେ, ସମ୍ମାନୀତ ଅତିଥିଭାବେ ଭାରତୀୟଷ୍ଟେଟ ବ୍ୟାଙ୍କ ଚିତ୍ରକୋଣ୍ଡା ଶାଖାର ପରିଚାଳକ ସିଦ୍ଧାର୍ଥ ନାୟକ, ସମ୍ମାନିତ ବକ୍ତା ଭାବେ ମାଲକାନଗିରି ମାଟିର କବି ବଳରାମ ପୂଜାରୀ, ମହାବିଦ୍ୟାଳୟ ର ସଭାପତି ଶିବ ପ୍ରସାଦ ଖରା , ଚିତ୍ରକୋଣ୍ଡା ସମିତି ସଭ୍ୟ ରାଜକମଲ ପୁରୋହିତ, ମୁଖ୍ୟ ବକ୍ତା ଭାବେ ମଡେଲ ଡିଗ୍ରୀ କଲେଜ ର ଅଧାପକ କିଶୋର କୁମାର ଦାଶ, ମାଲକାନଗିରି ସାମ୍ବାଦିକ ସଂଘ ସଭାପତି ଦେବ ପ୍ରସାଦ ଦାଶ,ଏସଏସଡି ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ, ସାମାଜିକ କର୍ମୀ ଦେବେନ୍ଦ୍ର ଦାଶ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଜିଲ୍ଲା ମଙ୍ଗଳ ଅଧିକାରୀ ଭୁଜବଳ ସମସ୍ତ ପିଲାଙ୍କୁ ଅଧାରୁ ପାଠ ନ ଛାଡ଼ି ଆଗକୁ ଆହୁରି ପାଠ ପଢିବା ସହ ନିଜ ନିଜ ଅଂଚଳର ଭାଇ ଭଉଣୀ ମାନଙ୍କୁ କଲେଜ ରେ ନାମ ଲେଖାଇବା ପାଇଁ ଉପଦେଶ ଦେଇଥିଲେ। ମୁଖ୍ୟ ବକ୍ତା ଶ୍ରୀ ଦାସ, ମୋବାଇଲ୍ ମାଧମରେ ନିଯୁକ୍ତି ଓ ପ୍ରଯୁକ୍ତି ବିଦ୍ୟା ସହ ତାଳ ଦେଇ ଶିକ୍ଷା ଗ୍ରହଣ କରି ନିଜ କ୍ୟାରିୟର ଗଠନ କରି ଭବିଷ୍ୟତ ରେ ଉଚ୍ଚ ଅଭିଳାଷ ସହ ଅଫିସର ହେବା ପାଇଁ ଛାତ୍ର ଛାତ୍ରୀ ମାନଙ୍କୁ ଅଭିପ୍ରେରିତ କରିଥିଲେ। ଶ୍ରୀ ପୂଜାରୀ ଚିତ୍ରକୋଣ୍ଡା ଜଳଭଣ୍ଡାରର ଇତିହାସ, ସ୍ୱାଭିମାନ ଅଂଚଳର ଐତିହ୍ୟ, ଆଦିବାସୀ ଭାଷା, ସାହିତ୍ୟ ,ସଂସ୍କୃତି ,ଜୀଉଣୀ ଖାଉଣୀ ଓ ପରମ୍ପରା କୁ ସଂରକ୍ଷଣ କରିବା ସହ ନିଜର, ଭାଷା, ଭୂମି ଓ ଭିଟିକୁ ସର୍ବଦା ମନେରଖିବା ପାଇଁ ସମସ୍ତ ଯୁବ ସମାଜକୁ ଆହ୍ୱାନ ଦେଇଥିଲେ । ବାର୍ଷିକ ଉତ୍ସବ ଅବସରରେ ଅଧିବେଶନ ପର୍ଯ୍ୟାୟ, ମହାବିଦ୍ୟାଳୟର ପ୍ରଗତି ବିବରଣୀ ପଠନ, ଅତିଥିମାନଙ୍କ ଅଭିଭାଷଣ, ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ରେ କୃତି ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ବିଶେଷ ରଙ୍ଗା ରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା ! ଉକ୍ତ କାର୍ଯ୍ୟକ୍ରମଟିକୁ ମହାବିଦ୍ୟାଳୟର ଅଧାପକ ଓ ଅଧାପିକାମାନେ ପରିଚାଳନା କରିଥିଲେ। ଅଧାପକ କିଶୋର କୁମାର ଖିଲ ଧନ୍ୟବାଦ ଅର୍ପଣ କରିଥିଲେ।

## ପିଲାମାନଙ୍କୁ ମୋବାଇଲ ଓ ଇଣ୍ଟରନେଟ୍‌ଠାରୁ ଦୂରେଇ ରଖନ୍ତୁ : ବିଶେଷଜ୍ଞ



ଭୁବନେଶ୍ୱର , ୬/୦୪ (ନି.ପ୍ର): ଦିନକୁ ଦିନ ଯୁବପିଢ଼ି ଇଣ୍ଟରନେଟରେ ଅଧିକ ସମୟ ବିତାଉଛନ୍ତି। ଯାହାଫଳରେ ଅନେକ ମାନସିକ ରୋଗ ସୃଷ୍ଟି ହେଉଛି। ଅନ୍ ?ଲାଇନ୍ ଗେମିଂ ହେଉ ବା ସାମାଜିକ ଗଣମାଧମର ବ୍ୟବହାର ବା ଭିଡିଓ ଦେଖିବା ପାଇଁ ଇଣ୍ଟରନେଟର ବହୁଳ ବ୍ୟବହାର ହେଉଛି। ଯୁବପିଢ଼ି ଏହାର ଅଧିକ ବ୍ୟବହାର କରୁଛନ୍ତି। ଏହାର ବହୁଳ ବ୍ୟବହାର ଯୁବପିଢ଼ି ଓ ଶିଶୁମାନଙ୍କ ମାନସିକସ୍ତରରେ ପ୍ରଭାବ ପକାଉଥିବା ବିଶେଷଜ୍ଞମାନେ ସତର୍କ କରାଇଛନ୍ତି। ମାନସିକରୋଗ ବିଶେଷଜ୍ଞ ଅମୃତ ପାଟ୍ଟଯୋଶୀ କହିଛନ୍ତି, ଡିପ୍ରେସନ(ଚାପ ଗ୍ରସ୍ତ), କ୍ରିଟିକାଲ ଥିଙ୍କିଂରେ ଅକ୍ଷମ, ନିଦ ନ ହେବା ଓ ଖୁବଶୀଘ୍ର ବିରକ୍ତି ଭାବ ପ୍ରକାଶ କରିବା ଭଳି ସମସ୍ୟା ଦେଖିବାକୁ ମିଳିଥାଏ। ଏ କ୍ଷେତ୍ରରେ ପିଲାମାନଙ୍କୁ ମୋବାଇଲ ଓ ଇଣ୍ଟରନେଟଠାରୁ ଦୂରେଇ ରଖିବା ସହିତ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ପିଲାମାନଙ୍କ ମୋବାଇଲ ବ୍ୟବହାର ଉପରେ ଅଭିଭାବକମାନେ ଯତ୍ନବାନ ହେବା ଆବଶ୍ୟକ। ପିଲାମାନଙ୍କ ଟେକ୍ ?ନୋଲୋଜିର ବ୍ୟବହାର ଉପରେ କଡ଼ା ନଜର ରଖିବା ଲାଗି ଡା.ପାଟ୍ଟଯୋଶୀ ପରାମର୍ଶ ଦେଇଛନ୍ତି।

## ଘାଘରାଡିଆ ବାସନ୍ତୀ ଦୂର୍ଗା ଡ୍ରାମାଟିକ୍ କ୍ଲବର ବାର୍ଷିକୋତ୍ସବ

କେନ୍ଦ୍ରାପଡ଼ା, ୬/୦୪ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଘାଘରାଡିଆଠାରେ ମା ବାସନ୍ତୀ ଦୂର୍ଗା ପୂଜା ଅବସରରେ ବାସନ୍ତୀ ଦୂର୍ଗା ଡ୍ରମାଟିକ କ୍ଲବର ବାର୍ଷିକୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଘାଘରାଡିଆ ଗ୍ରାମର ଯୁବକମାନେ ଦୁଇଦିନ ଧରି ଚିତାକର୍ଷକ ନାଟକ ପରିବେଷଣ କରିଥିଲେ । ଜିଲ୍ଲା ଯୁବ ବିଜେଡି ସଭାପତି ରାଜେଶ ଦାସ ଏହାକୁ ଉଦ୍‌ଘାଟନ କରି କହିଥିଲେ ଯେ ଗ୍ରାମାଂଚଳରେ ପରଦା ଟାଙ୍ଗି କରାଯାଉଥିବା ଡ୍ରାମା ହଜି ହଜି ଯାଉଥିବା ବେଳେ ଘାଘରାଡିଆ ଗ୍ରାମର ଗ୍ରାମବାସୀମାନେ ଏହି କଳାକୁ ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ୍ୱ ଧରି ବ ।ଇ ରଖିଛନ୍ତି। କଳାକାର ମାନେ ଏବେ ଖୋଲା ମଂଚରେ ସୁନ୍ଦର କଳା ପରିବେଷଣ କରୁଛନ୍ତି। ଗ୍ରାମବାସୀ ମାନଙ୍କ ଉତ୍ସାହ ଏହି ଅନୁଷ୍ଠାନକୁ ଆହୁରି ଆଗକୁ ନେବ ବୋଲି ସେ କହିଥିଲେ। ନାଟ୍ୟ ନିର୍ଦ୍ଦେଶକ ଯୁବ ନେତା ଅକ୍ଷୟ କୁମାର ତରାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ଜିଲ୍ଲା ପରିଷଦ ସଦସ୍ୟ ପ୍ରିୟଦର୍ଶିନୀ ତରାଇ, ପୂର୍ବତନ ମହାବିଦ୍ୟାଳୟ ଅଧ୍ୟକ୍ଷ ରବିନ୍ଦ୍ର ଶର୍ମା, ଅଧାପକ ସର୍ବେଶ୍ୱର ପରିଡା, ବରିଷ୍ଠ ସାମ୍ବାଦିକ ପରେଶ ଦାସ, ଘାଘରା ସରପ ଅଜିତ କୁମାର ପରିଡା, ସମିତି ସଭ୍ୟ ନିରଞ୍ଜନ ବାରିକ, ଶଶାଙ୍କ ଶେଖର ବିଶ୍ୱାଳ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।

# କଫ୍ ସିରପ୍ ନିଶାରେ ଝୁମୁଛନ୍ତି ଯୁବପିଢ଼ି; ପଶ୍ଚିମ ଓଡ଼ିଶା ପାଲଟିଛି ହଟ୍‌ସ୍ପଟ୍

## କୋଲକାତା, ରାୟପୁର ଦେଇ ଓଡ଼ିଶାକୁ ଆସୁଛି ବେଆଇନ କଫ୍ ସିରପ୍



ଭୁବନେଶ୍ୱର , ୬/୦୪ (ନି.ପ୍ର): ଗତମାସରେ ରାଜ୍ୟରେ ବେଆଇନ କଫ୍ ସିରପ୍ ଚୋରା ଚାଲାଣର ଏକାଧିକ ମାମଲା ନଜରକୁ ଆସିଛି। ବିଶେଷକରି ପଶ୍ଚିମ ଓଡ଼ିଶାର ବଲାଙ୍ଗୀର, ନୂଆପଡ଼ା ଭଳି ଜିଲ୍ଲାରେ ଶହ ଶହ ବୋତଲ କଫ୍ ସିରଫ୍ ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ। ବିପୁଳ ମାତ୍ରାରେ ବେଆଇନ କଫ୍ ସିରପ ରାଜ୍ୟରେ ଜବତ ହେଉଥିଲେ ବି ଏଥିରେ ସଂପୂର୍ଣ୍ଣ ରୋକ୍ ଲାଗିପାରିନାହିଁ। ବର୍ଷ ବର୍ଷ ଧରି କଫ୍ ସିରପ୍‌ର ନିଶାରେ ଯୁବପିଢ଼ି ଝୁମୁଛନ୍ତି। ପୁଲିସ ଏ କ୍ଷେତ୍ରରେ ସକ୍ରିୟ ଭୂମିକା ଗ୍ରହଣ କରୁଥିବା ବେଳେ ଭେଷଜ ନିର୍ଦ୍ଦେଶାଳୟ ଏକପ୍ରକାର ସ୍ଥାଣୁ ପାଲଟିଯାଇଛି।

ପଶ୍ଚିମ ଓଡ଼ିଶାରେ ବେଆଇନ କୋଡିନଯୁକ୍ତ କଫ୍ ସିରପ୍ ଜବତ ହେବା ନୂଆ ଘଟଣା ନୁହେଁ। ବିଗତ ୧୫-୨୦ବର୍ଷ ହେବ ଏସବୁ ଜିଲ୍ଲାଗୁଡ଼ିକରେ ବେଆଇନ କଫ୍ ସିରପ୍ ରାଜୁତି କରୁଛି। ରାଜ୍ୟ ଭେଷଜ ନିର୍ଦ୍ଦେଶାଳୟ ପକ୍ଷରୁ କଫ୍ ସିରପର ବିକ୍ରି ସଂପର୍କିତ ଆଗୁଆ ଗୁଇନ୍ଦା ସୂଚନା ପାଇବାରେ ବିଫଳ ଓ ନିୟମିତ ବ୍ୟବଧାନରେ ଯାଞ୍ଚ ନ ହେବା ନିଶା କାରବାର କରୁଥିବା ଲୋକଙ୍କ ପାଇଁ ବରଦାନ ପାଲଟିଛି। ସାଧାରଣଭାବେ କାଶକୁ ରୋକିବା ଲାଗି କଫ୍ ସିରପ୍ ପିଇବା ଲାଗି ଡାକ୍ତର ପରାମର୍ଶ ଦେଇଥାନ୍ତି। ମାତ୍ର ଏହାର ନିର୍ଦ୍ଦିଷ୍ଟ ମାତ୍ରା ରହିଥାଏ। ହେଲେ ନିର୍ଦ୍ଦିଷ୍ଟ ମାତ୍ରାଠାରୁ ଅଧିକ ସେବନ କଲେ ଏହା ନିଶା ଭାବେ ପରିଗଣିତ ହୋଇଥାଏ। ତେଣୁ ମଦର ବିକଳ୍ପ ନିଶା ଭାବେ କୋଡିନଯୁକ୍ତ କଫ୍ ସିରପ୍‌କୁ ଅନେକ ବ୍ୟବହାର କରୁଛନ୍ତି। ନାମୀ କମ୍ପାନିର କୋଡିନଯୁକ୍ତ କଫ୍ ସିରପ୍ ବେଆଇନ ଭାବେ ବର୍ଷ ବର୍ଷ ଧରି ଓଡ଼ିଶାକୁ ଚାଲାଣ ଚାଲିଛି। ଅଧିକାଂଶ ମାମଲାରେ ଗିରଫଦାରୀ ହେଉଥିବା ବେଳେ କାଁ ଭାଁ ମାମଲାରେ କମ୍ପାନିର ଆକାଉଣ୍ଟ ଫ୍ରିଜ୍ କରାଯାଉଥିବା ଘଟଣା ନଜରକୁ ଆସୁଛି। ତେବେ ବେଆଇନ କଫ୍ ସିରପ ରୋକିବା ଦିଗରେ ଯଥେଷ୍ଟ ନୁହେଁ ବୋଲି ବିଶେଷଜ୍ଞ ମହଲରେ ଆଲୋଚନା ହେଉଛି।

ମିଳିଥିବା ସୂଚନା ଅନୁସାରେ, କଫ୍ ସିରପର ପ୍ରସ୍ତୁତି ସ୍ଥଳ ହେଉଛି ହିମାଚଳପ୍ରଦେଶ, ସିକ୍କିମ ଓ ଉତ୍ତରାଖଣ୍ଡ। ସେଠାରୁ ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ଛତିଶଗଡ଼, ପଶ୍ଚିମବଙ୍ଗ ଓ ଝାରଖଣ୍ଡକୁ ଏହା ଚୋରା ଚାଲାଣ ହେଉଛି। ବସ୍ ଓ ଅନ୍ୟାନ୍ୟ ପରିବହନ ବ୍ୟବସ୍ଥା ଜରିଆରେ କଲିକତା ଓ ରାୟପୁର ବାଟ ଦେଇ କଫ୍ ସିରପ ଓଡ଼ିଶାକୁ ଆସୁଛି। ଓଡ଼ିଶା ବାଦ୍ ପଶ୍ଚିମବଙ୍ଗରେ ବେଆଇନ କଫ୍ ସିରପର ମଧ ବହୁଳ ବ୍ୟବହାର ରହିଛି। ଏଥିପାଇଁ ନକଲି ବିଲ୍ ପ୍ରସ୍ତୁତ କରାଯାଉଛି। ଗୋଟିଏ ସ୍ଥାନ ପାଇଁ ବିଲ୍ ହେଉଥିବା ବେଳେ ଅନ୍ୟ ସ୍ଥାନକୁ ଚାଲାଣ ହେଉଛି। ଯାହାଫଳରେ ଏହା ସହଜରେ ଧରାପଡୁନାହିଁ। ବେଆଇନ ଭାବେ ଓଡ଼ିଶାକୁ ଆସୁଥିବା ଏହି କଫ୍ ସିରପର ରୁଟ୍ ବା ବାଟ ସଂପର୍କରେ କାହାକୁ ଅଛପା ନାହିଁ। ପୁଲିସଠାରୁ ଡ୍ରଗ୍ ଇନ୍ସପେକ୍ଟରଙ୍କ ପର୍ଯ୍ୟନ୍ତ ସମସ୍ତେ ଏହା ସଂପର୍କରେ ଅବଗତ। ତଥାପି ଏହାକୁ ରୋକିବାରେ ରାଜ୍ୟ ଓ ଜିଲ୍ଲା ପ୍ରଶାସନ ଏପ୍ରକାର ବିଫଳ ହୋଇଛନ୍ତି।

ବିଗତ କିଛିମାସ ହେବ ରାଜ୍ୟରେ ନକଲି ଔଷଧର ଏକାଧିକ ମାମଲା ହଇଚଇ ସୃଷ୍ଟି କରିଛି। ଏହି ମାମଲାରେ ଓଡ଼ିଶା ପୁଲିସ ଓ ରାଜ୍ୟ ଭେଷଜ ନିର୍ଦ୍ଦେଶାଳୟ ମିଳିତ ଭାବେ ବାହାର ରାଜ୍ୟକୁ ଯାଇ ଯାଞ୍ଚ ଓ ଚଢ଼ାଉ କରୁଛନ୍ତି। ହେଲେ କଫ୍ ସିରପ୍ ମାମଲାରେ ଏଭଳି ତତ୍ପରତା ଦେଖା ନ ଯିବା ପଛରେ କାରଣ କ'ଣ ? ଯେଉଁ ଜିଲ୍ଲାଗୁଡ଼ିକରେ କଫ୍ ସିରପ୍ ପ୍ରଚୁର ମାତ୍ରାରେ ଉପଲବ୍ଧ ହେଉଛି ସେସବୁ ଜିଲ୍ଲାର ଡ୍ରଗ୍ ଇନ୍ସପେକ୍ଟର ଏହାର ବିକ୍ରି ନେଇ କ'ଣ ପଦକ୍ଷେପ ନେଉଛନ୍ତି ତାହା ସନ୍ଦେହ ଭିତରେ ରହିଛି। ଏହାସହ ନକଲି ଔଷଧ ଉପରେ ନଜର ରଖିବା ଲାଗି ରାଜ୍ୟ ସରକାର ସ୍ୱତନ୍ତ୍ର ଡ୍ରଗ୍ ସ୍କାଡ୍ ମଧ ଗଠନ କରିଛନ୍ତି। ତେଣୁ ବେଆଇନ କଫ୍ ସିରପ ଚାଲାଣ ଘଟଣାରେ ସ୍ୱତନ୍ତ୍ର ଡ୍ରଗ୍ ସ୍କାଡ୍ କି ପ୍ରକାର ପଦକ୍ଷେପ ନେଉଛି ତାହାକୁ ଅପେକ୍ଷା କରାଯାଇଛି। ରାଜ୍ୟ ଭେଷଜ ନିର୍ଦ୍ଦେଶାଳୟର ଜଣେ ଅଧିକାରୀଙ୍କ ମତରେ, କଫ ସିରପ୍‌ରେ ମଦ ଭଳି ଗନ୍ଧ ନାହିଁ। ମଦ ତୁଳନାରେ ଏହା ସହଜରେ ମିଳୁଛି। ତେଣୁ ଯୁବପିଢ଼ି ଏହାକୁ ଅଧିକ ପସନ୍ଦ କରୁଛନ୍ତି। ରାୟପୁର ବାଟ ଦେଇ ଅଧିକ ମାତ୍ରରେ କଫ୍ ସିରପ୍ ପଶ୍ଚିମ ଓଡ଼ିଶାକୁ ଆସୁଛି। ତେଣୁ ଏସବୁ ପ୍ରସ୍ତୁତ ହେଉଥିବା ରାଜ୍ୟ ଓ କଫ୍ ସିରପ ବ୍ୟବହାର କରୁଥିବା ରାଜ୍ୟମାନଙ୍କ ମଧ୍ୟରେ ସମନ୍ୱୟର ଆବଶ୍ୟକତା ରହିଛି। କମ୍ପାନି କର୍ତୃପକ୍ଷ ତାଙ୍କ ଦ୍ୱାରା ପ୍ରସ୍ତୁତ ଉତ୍ପାଦ କିଭଳି ବେଆଇନ ଭାବେ ବିକ୍ରି ନ ହେବ ସେ ନେଇ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

# ଟାଇପ୍-୧ ମଧୁମେହ କମାଇବ ବାୟୋଟେକ୍ ବ୍ୟାଟେରି



ମଧୁମେହରେ ପୀଡ଼ିତ ରୋଗୀମାନଙ୍କ ପାଇଁ ଖାଦ୍ୟ କଟକଣା ଅସୁଖକର ହୋଇଥିବା ବେଳେ ଅନେକ ଲୋକ ତାହା ନ ମାନି ନିଜକୁ ଅଧିକ ଅସୁସ୍ଥ କରିପକାଇଥା'ନ୍ତି । ତେବେ ଟାଇପ୍-୧ ମଧୁମେହରେ ପୀଡ଼ିତ ରୋଗୀଙ୍କ ପାଇଁ ଖୁସି ଖବର ଆଣିଛନ୍ତି ସ୍ୱିଜରଲାଣ୍ଡର ଜୁରିକ୍ ସ୍ଥିତ ଇଟିଏଚ୍ ବିଶ୍ୱବିଦ୍ୟାଳୟର ଗବେଷକମାନେ । ସେମାନେ ଜଣେ ପୀଡ଼ିତଙ୍କ ଶରୀରରେ 'ବାୟୋଟେକ୍ ବ୍ୟାଟେରି' ନାମରେ ଏକ ଶର୍କରା ଜାଳେଣି କୋଷିକା ପ୍ରତିରୋପଣ କରି ରକ୍ତଶର୍କରା ନିୟନ୍ତ୍ରଣ କରିବାରେ ପ୍ରାରମ୍ଭିକ ସଫଳତା ଲାଭ କରିଥିବା ଦାବି କରିଛନ୍ତି । ନଖଠାରୁ ଟିକେ ବଡ଼ ଆକାରର ଏହି କୃତ୍ରିମ ଜୈବ ଯନ୍ତ୍ରଟି ସାହାଯ୍ୟରେ ରକ୍ତରେ ଇନ୍ସୁଲିନ ପରିମାଣକୁ ନିୟମିତ କରି ଆଶାତୀତ ଭାବେ ରକ୍ତଶର୍କରା କମାଯାଇପାରିବ ବୋଲି ସେମାନେ ଆଶାବାଦୀ ଅଛନ୍ତି । ଏଥିରେ ଥିବା ତମ୍ବାଭିତ୍ତିକ ଅଣୁକଣିକାଗୁଡ଼ିକ ରକ୍ତରେ ମିଶିଥିବା ଗ୍ଲୁକୋଜ୍‌କୁ ଭାଙ୍ଗି ଗ୍ଲୁକୋନିକ ଅମ୍ଳ ଓ ପ୍ରୋଟିନ୍‌ରେ ପରିଣତ କରିଥା'ନ୍ତି ଏବଂ ଉକ୍ତ ପ୍ରକ୍ରିୟାରୁ ଜୈବବିଦ୍ୟୁତ୍ ମଧ୍ୟ ସୃଷ୍ଟି ହୋଇଥାଏ ।ଶୈବାଳରୁ ପ୍ରସ୍ତୁତ ଖୋଳରେ ଆଚ୍ଛାଦିତ ଏହି ଜୈବ କୋଷିକା ଚର୍ମ ତଳେ ପ୍ରତିରୋପିତ ହେଲେ ତାହା ରକ୍ତକୁ ଶୋଷିନେଇ ସେଥିରେ ଅତିରିକ୍ତ ଶର୍କରାକୁ ବିଖଣ୍ଡିତ କରିଦେଇଥାଏ ଏବଂ ନିର୍ଗତ ଜୈବବିଦ୍ୟୁତ୍ ଇନ୍ସୁଲିନ୍‌କୁ ଉତ୍ପ୍ରେରିତ କରିଥାଏ । ଉଲ୍ଲେଖଯୋଗ୍ୟ, ଟାଇପ୍-୧ ମଧୁମେହରେ ପୀଡ଼ିତ ବ୍ୟକ୍ତିଙ୍କ ଶରୀର ଆବଶ୍ୟକ ପରିମାଣର ଇନ୍ସୁଲିନ୍ ପ୍ରସ୍ତୁତ କରିପାରିନଥାଏ, ସୁତରାଂ ପ୍ରତିକାର ସ୍ୱରୂପ ବିଭିନ୍ନ ଉପାୟରେ ବାହାରୁ ତାହା ଯୋଗାଇ ଦିଆଯାଇଥାଏ । ଏହି ବାୟୋଟେକ୍ ବ୍ୟାଟେରି ଜୈବିକ ପ୍ରକ୍ରିୟାରେ ଇନ୍ସୁଲିନ୍ ପ୍ରସ୍ତୁତିରେ ସହାୟକ ହେବା ସହ ରକ୍ତଶର୍କରା କମାଇପାରିବ । ମୂଷାଙ୍କ ଠାରେ ଏହାର ପରୀକ୍ଷାନିରୀକ୍ଷା ସଫଳ ହୋଇଥିବାରୁ ମଣିଷଙ୍କ ପାଇଁ ମଧ୍ୟ ଫଳପ୍ରଦ ହେବ ବୋଲି ଇଟିଏଚ୍ ଗବେଷକ ଦଳର ବିଭାଗୀୟ ମୁଖ୍ୟ ମାର୍ଟିନ୍ ଫୁସେନେଗର ଆଶାବାଦୀ ଅଛନ୍ତି ।

# ଖରାପ କୋଲେଷ୍ଟ୍ରୋଲ୍ ଯୋଗୁଁ ବଢିଥାଏ ଷ୍ଟ୍ରୋକ୍-ହାର୍ଟ ଆଟାକର୍ ବିପଦ: ବର୍ତ୍ତିବା ପାଇଁ ଖାଆନ୍ତୁ ଏହି ଜିନିଷ

କିଛି ଜିନିଷ ଖାଇବା ଦ୍ୱାରା ଶରୀରରେ ଥିବା ଖରାପ କୋଲେଷ୍ଟ୍ରୋଲ୍ ହ୍ରାସ ହେବା ପରିବର୍ତ୍ତେ ଆହୁରି ବଢ଼ିଯାଏ, ଯେଉଁ କାରଣରୁ ଷ୍ଟ୍ରୋକ ଏବଂ ହାର୍ଟ ଆଟାକ୍ ହେବାର ସମ୍ଭାବନା ଅଧିକ ରହିଥାଏ । କେବଳ ଏତିକି ନୁହେଁ, ଅନେକ ପ୍ରକାରର ବଡ ରୋଗ ଆପଣଙ୍କୁ ଗ୍ରାସ କରିବାରେ ଲାଗିଥାଏ । ଏପରି ପରିସ୍ଥିତିରେ ଆପଣଙ୍କୁ ନିଜ ଲାଇଫଷ୍ଟାଇଲରେ ପରିବର୍ତ୍ତନ ଆଣିବାକୁ ପଡିବ, ନଚେତ୍ ଏହି ପ୍ରକାର ସମସ୍ୟା ପିଛା ଛାଡିବ ନାହିଁ । ତେବେ ଶରୀରରୁ ଖରାପ କୋଲେଷ୍ଟ୍ରୋଲକୁ ବାହାର କରିବାକୁ ଆପଣଙ୍କୁ କିଛି ଜରୁରୀ ଖାଦ୍ୟ ଜିନିଷ ଖାଇବାକୁ ପଡିବ । ଆସନ୍ତୁ ଜାଣିବା କ'ଣ...



**ରସୁଣ ଦ୍ୱାରା ନିୟନ୍ତ୍ରଣରେ ରହିବ କୋଲେଷ୍ଟ୍ରୋଲ:**

ରସୁଣ ଖାଇବା ଆପଣଙ୍କ ଶରୀରରୁ ଖରାପ କୋଲେଷ୍ଟ୍ରୋଲ୍ ବାହାର କରିବାରେ ସାହାଯ୍ୟ ମିଳିଥାଏ । ଅନେକ ରିପୋର୍ଟ ଦାବି କରିଛି ଯେ, ଏହାକୁ ଖାଇବା ଦ୍ୱାରା ଆପଣଙ୍କ ଶରୀରରୁ ଅତିକମରେ ୧୦ ପ୍ରତିଶତ କୋଲେଷ୍ଟ୍ରଲ କମିଯାଏ ।

**ଧନିଆ ମଞ୍ଜିରୁ ମିଳିବ ସାହାଯ୍ୟ:**

କିଛି ଲୋକ ଧନିଆ ଖାଆନ୍ତି, କିନ୍ତୁ ଏହା କୋଲେଷ୍ଟ୍ରଲ ହ୍ରାସ କରିବାରେ ସାହାଯ୍ୟ କରେ ବୋଲି ସେମାନେ ଜାଣନ୍ତି ନାହିଁ । ଏହି ମଞ୍ଜିଗୁଡିକରେ ଫୋଲିକ୍ ଏସିଡ୍, ଭିଟାମିନ୍ ସି, ଭିଟାମିନ୍ ଏ ଏବଂ ବିଟା-କାରୋଟିନ୍ ପରି ଅନେକ ଗୁରୁତ୍ୱପୂର୍ଣ୍ଣ ଭିଟାମିନ୍ ଥାଏ । ଆପଣ ଏକ ଚାମଚ ଧନିଆ ମଞ୍ଜିକୁ ପାଣିରେ ପ୍ରାୟ ଦୁଇ ମିନିଟ୍ ଫୁଟାଇ ଦିଅନ୍ତୁ ଓ ପରେ ଏହାକୁ ଛାଣି ପିଅନ୍ତୁ । ଏପରି କରିବା ଦ୍ୱାରା କୋଲେଷ୍ଟ୍ରୋଲ କମ୍ ଆପଣଙ୍କୁ ସାହାଯ୍ୟ ମିଳିବ ।

**ମେଥି :**

କୋଲେଷ୍ଟ୍ରୋଲକୁ କମ୍ କରିବାରେ ମେଥିରେ ମଧ୍ୟ ଯୋଗଦାନ ରହିଛି । ଯଦି ଆପଣ ଆପଣଙ୍କ ଡାଏଟରେ ମେଥି ସାମିଲ କରିବେ, ତେବେ ଷ୍ଟ୍ରୋକ୍ ଓ ହାର୍ଟ ଆଟାକର ଆଶଙ୍କା ବହୁତ କମିଯିବ ।

# ଏହି ସମସ୍ୟା ଥିଲେ ପିଅନ୍ତୁ ନାହିଁ ପଇଡ଼ ପାଣି

ପଇଡ଼ ପାଣିକୁ ସମସ୍ତେ ପିଇବାକୁ ଭଲ ପାଇଥାଆନ୍ତି । ଡାକ୍ତରମାନେ ବି ପଇଡ଼ ପାଣି ପିଇବାକୁ ରୋଗୀଙ୍କୁ ପରାମର୍ଶ ଦେଇଥାଆନ୍ତି । କିନ୍ତୁ କିଛି କ୍ଷେତ୍ରରେ ପଇଡ଼ ପାଣିକୁ ପିଇବାକୁ ବାରଣ କରାଯାଇଥାଏ ।

ପଇଡ଼ପାଣିରେ ସୋଡିୟମ, ପୋଟାସିୟମ, କାର୍ବହାଇଡ୍ରେଟ ଭଳି ଅନେକ ଭିଟାମିନ ରହିଥାଏ । ଯାହା ଶରୀର ପାଇଁ ଲାଭଦାୟକ ହୋଇଥାଏ । କିନ୍ତୁ କିଛି ଲୋକଙ୍କୁ ପଇଡ଼ ପାଣି ପିଇବାକୁ ବାରଣ କରାଯାଇଥାଏ ।

କାରଣ କୁହାଯାଏ ପଇଡ଼ ପାଣି ରକ୍ତଚାପକୁ କମ କରିଥାଏ । ତେଣୁ ଯେଉଁ ଲୋକଙ୍କୁ ରକ୍ତଚାପଜନିତ ସମସ୍ୟା ଅଛି, ସେମାନେ ଡାକ୍ତରଙ୍କ ପରାମର୍ଶ ବିନା ପଇଡ଼ା ପାଣି ପିଅନ୍ତୁ ନାହିଁ ।



ସେହିପରି ପଇଡ଼ ପାଣିରେ ପୋଟାସିୟମ ଅଧିକ ରହିଥାଏ । ତେଣୁ ଯେଉଁ ଲୋକଙ୍କ ଶରୀରରେ ପୋଟାସିୟମ ସହିତ ଜଡ଼ିତ କିଛି ସମସ୍ୟା ରହିଛି ସେମାନେ ଆଦୌ ପଇଡ଼ ପାଣି ପିଅନ୍ତୁ ନାହିଁ । ପଇଡ଼ ପାଣିରେ କୁହାଯାଏ ହାଏ କ୍ୟାଲୋରୀ ଥାଏ, ଏହାକୁ ପିଇବା ଦ୍ୱାରା ଶରୀର ଓଜନ ବୃଦ୍ଧି ପାଇଥାଏ । ତେଣୁ ଯେଉଁମାନେ ଓଜନ ହ୍ରାସ କରିବାକୁ ଚାହୁଁଛନ୍ତି, ସେମାନେ ଡାକ୍ତରଙ୍କ ପରାମର୍ଶରେ ହିଁ ପଇଡ଼ ପାଣି ପିଅନ୍ତୁ ।କିଡନି କିମ୍ବା ଜ୍ୱର ଓ ଥଣ୍ଡା ଭଳି ଶରୀରରେ ସମସ୍ୟା ଥିଲେ ଆଦୌ ପଇଡ଼ ପାଣି ପିଅନ୍ତୁ ନାହିଁ ।

# ଶୋଇବାର କେତେ ଘଂଟା ପୂର୍ବରୁ ପାଣି ପିଇବା ଉଚିତ୍ ? : ଜାଣନ୍ତୁ କ'ଣ କହୁଛନ୍ତି ସ୍ୱାସ୍ଥ୍ୟ ବିଶେଷଜ୍ଞ

ସୁସ୍ଥ ରହିବା ପାଇଁ ସମସ୍ତଙ୍କୁ ଧ୍ୟାନ ଦେବା ଆବଶ୍ୟକ । ଆବଶ୍ୟକ ପରିମାଣରେ ପାଣି ପିଇବା ନିତାନ୍ତ ଜରୁରୀ । ଶରୀରରେ ପାଣିର ଅଭାବ ହେବା ଦ୍ୱାରା ଅନେକ ସ୍ୱାସ୍ଥ୍ୟ ଜନିତ ସମସ୍ୟା ଓ ରୋଗର କାରଣ ପାଲଟିଥାଏ ।

ତେବେ ଶୋଇବା ପୂର୍ବରୁ ପାଣି ପିଇବା ଉଚିତ କି ନୁହେଁ । ତାହା ସମସ୍ତଙ୍କୁ ହୁଏତ ଜଣାନଥିବ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଏହାକୁ ନେଇ ମତ ମଧ୍ୟ ରହିଛି । ରାତିରେ ଶୋଇବାର ୨ ଘଣ୍ଟା ପୂର୍ବରୁ ଖାଦ୍ୟ ଖାଇବାର କିଛି ସମୟ ପରେ ପାଣି ପିଇବା ଦ୍ୱାରା ଖାଦ୍ୟ ଭଲ ଭାବେ ହଜମ ହୋଇଥାଏ । ଏହାସହ ପେଟ ସହ ଜଡିତ ଅନେକ ସମସ୍ୟା ମଧ୍ୟ ଦୂର ହୋଇଥାଏ ।

ଶୋଇବାର ୧ ଘଣ୍ଟା ପୂର୍ବରୁ ପାଣି ପିଇବା ଦ୍ୱାରା ମାଇଗ୍ରେନ ସହ ମୁଣ୍ଡ ବିନ୍ଧା ସମସ୍ୟା ଦୂର ହୋଇଥାଏ । ରାତିରେ ଶୋଇବା ପୂର୍ବରୁ ଅଧିକ ପରିମାଣରେ ପାଣି ପିଇବା ଦ୍ୱାରା ବାରମ୍ବାର ପରିଶ୍ରା ଲାଗିଥାଏ । ଫଳରେ ନିଦ ବାରମ୍ବାର ଭାଙ୍ଗିଥାଏ । ଭରପୁର ନିଦ ନହେବା ଦ୍ୱାରା ହୃଦୟ ଜନିତ ସମସ୍ୟା ସୃଷ୍ଟି ହୋଇଥାଏ ।

ଏହାସହ ଶୋଇବା ପୂର୍ବରୁ ପାଣି ପିଇବା ଦ୍ୱାରା ଓଜନ ବୃଦ୍ଧି, ଉଚ୍ଚ ରକ୍ତଚାପ, କୋଲେଷ୍ଟେରୋଲ୍ ସମସ୍ୟା ସୃଷ୍ଟି ହୋଇଥାଏ । ରାତିରେ ଶୋଇବାର ୨ ଘଣ୍ଟା ପୂର୍ବରୁ ପାଣି ପିଇବା ଉଚିତ୍ ।



ଏହାସ୍ୱାସ୍ଥ୍ୟ ପାଇଁ ଉପକାରୀ ହେବା ସହ ରକ୍ତ ସଞ୍ଚାଳନ ସଠିକ୍ ଭାବେ ହୋଇଥାଏ । ବଦହଜମି, ଏସିଡିଟି, ବ୍ୟସ୍ତ ବିବ୍ରତ ଆଦି ସମସ୍ୟା ଦୂର ହୋଇଥାଏ । ସଠିକ ଭାବେ ଶରୀରରେ ରକ୍ତ ସଞ୍ଚାଳନ ହୋଇଥାଏ ।

# ଯାଆଁଳା ଶିଶୁ କିପରି ଜନ୍ମ ହୁଅନ୍ତି ? ଏହା ପଛରେ କ'ଣ ରହିଛି ବୈଜ୍ଞାନିକ କାରଣ



ପିଲାଦିନରୁ ବର୍ତ୍ତମାନ ପର୍ଯ୍ୟନ୍ତ ତୁମେ ଯାଆଁଳା ଶିଶୁ ଅନେକ ଦେଖିଥିବ । ବେଳେବେଳେ ଯାଆଁଳା ଶିଶୁ ସମାନ ଦେଖାଯାଆନ୍ତି, କିନ୍ତୁ ଆଉ ବେଳେବେଳେ ଏହା ଘଟେ ଯେ ସେମାନେ ଏକ ସମୟରେ ଜନ୍ମ ହୋଇଥିଲେ ବି ଭିନ୍ନ ଦେଖାଯାଆନ୍ତି । ଏହି ପିଲାମାନଙ୍କୁ ଦେଖିଲେ ବେଳେବେଳେ ମନକୁ ଆସେ ଯେ, ଏପରି କେମିତି ହୁଏ ।

ଆସନ୍ତୁ ଜାଣିବା ଏହା ପଛରେ ଥିବା ବିଜ୍ଞାନ । ସାଧାରଣତ ଜଣେ ମହିଳା ଏକ ସମୟରେ କେବଳ ଗୋଟିଏ ସନ୍ତାନ ଜନ୍ମ କରନ୍ତି । ବେଳେବେଳେ ଏହା ମଧ୍ୟ ଘଟେ ଯେ ଜଣେ ମହିଳା ଦୁଇ କିମ୍ବା ଅଧିକ ସନ୍ତାନ ପ୍ରସବ କରନ୍ତି । ଆସନ୍ତୁ ଜାଣିବା ଯାଆଁଳା ଶିଶୁମାନେ କିପରି ଜନ୍ମ ହୁଅନ୍ତି ?

ବାସ୍ତବରେ ମହିଳାମାନଙ୍କର ପିରିୟଡ୍ସ ୧୦ ଦିନରୁ ୧୮ ଦିନ ପରେ ଏକ ଅଣ୍ଡା ଉତ୍ପାଦନ କରନ୍ତି । ଏହାକୁ ଓଭମ୍ କୁହାଯାଏ । ଏହି ସମୟ ମଧ୍ୟରେ, ଯେତେବେଳେ ଜଣେ ମହିଳା ଏବଂ ଜଣେ ପୁରୁଷ ଶାରୀରିକ ସମ୍ପର୍କ ସ୍ଥାପନ କରନ୍ତି, ସେତେବେଳେ ପୁରୁଷର ବୀଜରେ ଥିବା ଶୁକ୍ରାଣୁ ମଧ୍ୟରୁ ଗୋଟିଏ ଏହି ଅଣ୍ଡାରେ ପ୍ରବେଶ କରେ । ଏହି କାର୍ଯ୍ୟକୁ ଗର୍ଭଧାରଣ ବୋଲି କୁହାଯାଏ । ଅର୍ଥାତ୍ ମହିଳା ଗର୍ଭବତୀ ହୁଅନ୍ତି ଏବଂ ୨୮୦ ଦିନ ପରେ ମହିଳା ଏକ ସନ୍ତାନ ପ୍ରସବ କରନ୍ତି ।

ପ୍ରଥମ ପରିସ୍ଥିତି : ବେଳେବେଳେ ଏଭଳି ଘଟେ ଯେ ଗର୍ଭଧାରଣ ପ୍ରକ୍ରିୟା ପରେ ଅଣ୍ଡା ଦୁଇ ଭାଗରେ ବିଭକ୍ତ ହୋଇଯାଏ । ଦୁଇଟି ପୃଥକ ଶିଶୁ ଗର୍ଭାଶୟରେ ବିକଶିତ ହୁଏ ଏବଂ ଦୁଇଟି ପିଲା ଏକ ସମୟରେ ଜନ୍ମ ହୁଅନ୍ତି । ଏହି ଉପାୟରେ ଜନ୍ମ ହୋଇଥିବା ପିଲାମାନଙ୍କର ରୂପ, ରଙ୍ଗ ଏବଂ ଆକାର ସମାନ । ସେମାନଙ୍କର ଲିଙ୍ଗ ମଧ୍ୟ ସମାନ, ଅର୍ଥାତ୍ ଏହି ଦୁଇ ପିଲା ଝିଅ ହେବେ କିମ୍ବା ଉଭୟ ପୁଅ ହୋଇପାରନ୍ତି । ଏହାର କାରଣ ହେଉଛି ସେମାନେ ସମାନ ଅଣ୍ଡାରୁ ଜନ୍ମ ହୋଇଥିଲେ ।

ଦ୍ୱିତୀୟ ପରିସ୍ଥିତି : ଏହା ବ୍ୟତୀତ ଅନ୍ୟ ଏକ ସମ୍ଭାବନା ମଧ୍ୟ ରହିଛି । ଏହି ଅବସ୍ଥାରେ ପୁରୁଷର ବୀଜରୁ ଦୁଇଟି ଶୁକ୍ରାଣୁ ମହିଳାଙ୍କ ବିଭିନ୍ନ ଅଣ୍ଡାରେ ପ୍ରବେଶ କରନ୍ତି । ଏହି କାରଣରୁ ଦୁଇ ଶିଶୁ ଗର୍ଭରେ ବିକାଶ ହୋଇଥାନ୍ତି ଏବଂ ଏକ ନିର୍ଦ୍ଦିଷ୍ଟ ସମୟ ପରେ ଦୁଇଟି ସନ୍ତାନ ଜନ୍ମ ହୁଅନ୍ତି । ଏହି ଉପାୟରେ ଜନ୍ମ ହୋଇଥିବା ପିଲାମାନେ ପରସ୍ପରଠାରୁ ଭିନ୍ନ ହୋଇଥାନ୍ତି । ଏହି ଦୁଇ ପିଲାଙ୍କ ଲିଙ୍ଗ ସମାନ ଏବଂ ଭିନ୍ନ ବି ହୋଇପାରେ ।

# କାହା ନାଁରେ ମଥାରେ ସିନ୍ଦୁର ପିନ୍ଧନ୍ତି କିନ୍ନର ?: ଜାଣନ୍ତୁ ବାହାଘରର ରୀତି



ହିନ୍ଦୁ ସମାଜରେ ଆପଣ ନିଶ୍ଚୟ ଅନେକ ବିବାହ ଦେଖିଥିବେ । କିନ୍ତୁ ଆଜି ଆମେ ଆପଣଙ୍କୁ ଏପରି ବିବାହ ବିଷୟରେ କହିବାକୁ ଯାଉଛୁ, ଯାହାକୁ ଆପଣ କ୍ୱଚିତ୍ ଦେଖିଥିବେ କିମ୍ବା ଶୁଣିଥିବେ । ଏହା ହେଉଛି କିନ୍ନରଙ୍କ ବିବାହ । ଏହା ଆପଣଙ୍କୁ ବିଶ୍ୱାସ ଲାଗୁନଥିଲେ ବି ସତ । କିନ୍ନରମାନେ ମଧ୍ୟ ବିବାହ ବନ୍ଧନରେ ବାନ୍ଧି ହୁଅନ୍ତି । ଆଜି କିନ୍ନରଙ୍କ ପାଇଁ ଆଇନ ରହିଛି । ସରକାରୀ ଚାକିରିରେ ତାଙ୍କୁ ଚୟନ କରାଯାଉଛି । କିନ୍ତୁ ବହୁତ କମ୍ ଲୋକ ଜାଣନ୍ତି ଯେ କିନ୍ନରମାନେ ମଧ୍ୟ ବିବାହ କରନ୍ତି ।

କିନ୍ନରମାନେ କିପରି ବିବାହ କରନ୍ତି:-

ଏବେ ଯଦି କିନ୍ନରମାନେ ବିବାହ କରନ୍ତି, ତା'ହେଲେ ଏଥିରେ ଥିବା ରୀତିନୀତି ମଧ୍ୟ ଅଲଗା ହେବ । ଏହି ରୀତିନୀତିରେ ସର୍ବପ୍ରଥମେ କିନ୍ନରମାନେ ସେମାନଙ୍କର ଆରାଧ୍ୟ ମାତା ବାହୁଚାରା ମାତାଙ୍କୁ ପୂଜା କରନ୍ତି । ତା'ପରେ ଯେଉଁ ପାଞ୍ଚ ଜଣ କିନ୍ନରଙ୍କ , ସେମାନଙ୍କୁ ସାମ୍ନାକୁ ଅଣାଯାଏ । କିନ୍ନରଙ୍କ ବାହାଘରରେ ସେମାନଙ୍କ ପରିବାର ମଧ୍ୟ ସାମିଲ ହୁଅନ୍ତି । ତା'ପରେ କିନ୍ନରମାନଙ୍କୁ ହଳଦୀ ଲଗାଇ ରୀତିନୀତି ଶେଷ କରାଯାଏ । ଏହି ବିବାହରେ କିନ୍ନରଙ୍କର ବର ତାଙ୍କର ଗୁରୁ ହୋଇଥାନ୍ତି । ସେ ହାତରେ ଛୁରି ଧରି ହଳଦୀ ନୀତି ଶେଷ କରନ୍ତି ।

କିନ୍ନରମାନେ ସେମାନଙ୍କ ଗୁରୁଙ୍କ ନାମରେ ସିନ୍ଦୁର ଲଗାନ୍ତି:-

ଏହି ପରମ୍ପରାକୁ କରିବା ପରେ କିନ୍ନରମାନେ ସେମାନଙ୍କ ଗୁରୁଙ୍କୁ ବିବାହ କରାଯାଏ । ବିବାହ ପରେ ବିବାହିତ କିନ୍ନରଙ୍କୁ ତାଙ୍କ ଗୁରୁଙ୍କ ନାମରେ ସିନ୍ଦୁର ଲଗାଇବାକୁ ପଡ଼ିଥାଏ । କିନ୍ନରଙ୍କ ଏହି ବିବାହରେ ସେମାନଙ୍କର ସମ୍ପର୍କୀୟମାନେ ମଧ୍ୟ ସାମିଲ ହେବାରେ ଲାଗିଛନ୍ତି । ଅବଶ୍ୟ ନିଜ ପୁଅର କିଛି ଶାରୀରିକ ଅଭାବ କାରଣରୁ ତାଙ୍କ ରୂପ ପରିବାରକୁ ଦୁଃଖ ଦେଇଥାଏ । କିନ୍ତୁ ପରିବାରର କହିବା ମୁତାବକ, ଯାହା ହେଲେ ବି ସନ୍ତାନ ତ ଆମର । ଏଥିପାଇଁ ତାଙ୍କ ଖୁସିରେ ସାମିଲ ହୋଇ ତାଙ୍କୁ ଖୁସି ଦେବା ଆମର କର୍ତ୍ତବ୍ୟ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ନୂଆ ସଂକ୍ରମଣ...

କରୋନା ବା କୋଭିଡ୍-୧୯ ପୁଣିଥରେ ସମ୍ବାଦପତ୍ରର ଶିରୋନାମା ମଣ୍ଡନ କରୁଛି- ଏଥର ଯଦିଓ ପୂର୍ବ ଥରମାନଙ୍କ ଭଳି ଭୟାବହ ଅବତାର ଗ୍ରହଣ କରି ନୁହେଁ, ତଥାପି ଏକ ସମ୍ଭାବ୍ୟ ବ୍ୟାଘାତ ସୃଷ୍ଟିକାରୀ ଭାବରେ ଅବଶ୍ୟ । ଗତ ଦୁଇ ସପ୍ତାହ ଧରି ଭାରତ ନିରନ୍ତର ଭାବରେ ଚାରି ସଂଖ୍ୟାବିଶିଷ୍ଟ ନୂଆ ସଂକ୍ରମଣକୁ ରେକର୍ଡ କରିବା ସହିତ ମାର୍ଚ୍ଚ ୨୩ ତାରିଖରେ ଯେଉଁ ସଂଖ୍ୟା ୧,୦୦୦ ପାର କରିଥିଲା, ତାହା ବର୍ତ୍ତମାନ ସୁଦ୍ଧା ଗୋଟିଏ ସପ୍ତାହ ଭିତରେ ତିନି ଗୁଣ ବୃଦ୍ଧି ପାଇଲାଣି । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ମଝିରେ ମଝିରେ କେତେକ ରାଜ୍ୟରୁ ଏଥିଜନିତ ମୃତ୍ୟୁର ଖବର ଆସୁଛି, ଏବଂ ଏହି ମୃତ୍ୟୁ ସଂଖ୍ୟା ଯଦିଓ ଖୁବ୍ କମ୍, ତେବେ ଦିନକୁ ଦିନ ଏଥିରେ ବୃଦ୍ଧି ଘଟି ଚାଲିଛି । ନୀତିଗତ ଦୃଷ୍ଟିରୁ ସରକାର ଏହି ତତ୍ତ୍ୱ ଉପରେ ଗୁରୁତ୍ୱାରୋପ କରି ଚାଲିଛନ୍ତି ଯେ କରୋନା ଭୂତାଣୁ ସମ୍ପୂର୍ଣ୍ଣ ରୂପେ ସବୁ ଅଞ୍ଚଳରୁ ବିଦାୟ ନେଇ ଯାଇନାହିଁ ଏବଂ ସେଥିପାଇଁ କୋଭିଡ୍ କଟକଣାଗୁଡ଼ିକୁ ମାନି ଚଳିବା ଜରୁରୀ। କିନ୍ତୁ ଅଧିକାଂଶ ସରକାରୀ ଏଜେନ୍ସି ଏବଂ ଲୋକମାନେ ଏହି ଅଣୁଜୀବ ବିଷୟରେ ଚିନ୍ତିତ ହେବାକୁ ପରିତ୍ୟାଗ କରି ସାରିଲେଣି। ତେଣୁ ସରକାର ନିଜର ଚେତାବନୀକୁ ବର୍ତ୍ତମାନ ଗମ୍ଭୀରତାର ସହିତ ଗ୍ରହଣ କରିବାର ଆବଶ୍ୟକତା ରହିଛି। ଗତ ବର୍ଷ ମାର୍ଚ୍ଚ ୩୧ ତାରିଖରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ କୋଭିଡ୍-ସମ୍ପର୍କିତ ସବୁ ପ୍ରକାରର କଟକଣାକୁ ଉଠାଇ ଦେଇଥିଲେ, ଯେଉଁଗୁଡ଼ିକ ୨୦୨୨ ମାର୍ଚ୍ଚ ୨୪ ତାରିଖଠାରୁ ଦେଶର ବିଭିନ୍ନ ଭାଗରେ ଭିନ୍ନ ଭିନ୍ନ ମାତ୍ରାରେ ଲାଗୁ ହୋଇଥିଲା । ବର୍ଷେ ପରେ କେତେକ ରାଜ୍ୟ ସରକାର ପୁଣିଥରେ ସେଗୁଡ଼ିକୁ ଲାଗୁ କରିବାକୁ ଆରମ୍ଭ କରିଛନ୍ତି, ଯଦିଓ ଏକ ସୀମିତ ଢଙ୍ଗରେ। କେରଳ ଏବଂ ତାମିଲନାଡ୍ରୁ ସରକାର ହସ୍ପିଟାଲଗୁଡ଼ିକରେ ମାସ୍କ ବା ମୁଖା ପରିଧାନ କରିବାକୁ ବାଧ୍ୟତାମୂଳକ କରିଛନ୍ତି । ମହାରାଷ୍ଟ୍ରର ସତାରାରେ ଜିଲ୍ଲା ପ୍ରଶାସନ ସରକାରୀ ଏବଂ ଅର୍ଦ୍ଧ-ସରକାରୀ କାର୍ଯ୍ୟାଳୟ, କଲେଜ ଏବଂ ବ୍ୟାଙ୍କମାନଙ୍କରେ ମାସ୍କ ପରିଧାନ କରିବାକୁ ବାଧ୍ୟତାମୂଳକ କରିଛନ୍ତି । କେନ୍ଦ୍ର ସରକାର କୋଭିଡ୍ ପ୍ରସାରକୁ ରୋକିବା ପାଇଁ ଏହାର ନିୟମକାନୁନକୁ ପ୍ରଚଳନ କରିବା କଥା ପୁନର୍ବାର ଚିନ୍ତା କରିବା ଆବଶ୍ୟକ ଏବଂ ଯେଉଁସବୁ ରାଜ୍ୟରେ ଏହା ଦେଖା ଦେବାକୁ ଆରମ୍ଭ କରିଛି, ସେସବୁରେ ରାଜ୍ୟ ସରକାରମାନଙ୍କୁ କ'ଣସବୁ ପ୍ରଚଳନ କରାଯିବା ଉଚିତ, ସେ ବିଷୟରେ ନିଷ୍ପତ୍ତି ନେବା ନିମନ୍ତେ ନିର୍ଦ୍ଦେଶ ଦେବା ଆବଶ୍ୟକ । ଏହି ଭୂତାଣୁର ସଂକ୍ରମଣକୁ ରୋକିବା ନିମନ୍ତେ ଯେତେଗୁଡ଼ିଏ ବିକଳ୍ପ ରହିଛି, ମାସ୍କ ପରିଧାନ କରିବା ସେସବୁ ମଧ୍ୟରୁ ଏକ ପ୍ରାଥମିକ ବିକଳ୍ପ । ଏହାର ପରିଧାନକୁ ବାଧ୍ୟତାମୂଳକ କରାଯିବା ଉଚିତ– କେବଳ ସରକାରୀ କାର୍ଯ୍ୟାଳୟ ଏବଂ ହସ୍ପିଟାଲଗୁଡ଼ିକରେ ନୁହେଁ, ବରଂ ସବୁ ପ୍ରକାରର ଜନଗହଳିପୂର୍ଣ୍ଣ ସ୍ଥାନମାନଙ୍କରେ । ଟ୍ରେନ୍ ଏବା ଉଡ଼ାଜାହାଜରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ସମେତ ଅଧିକ ସଂଖ୍ୟାରେ ମାଲ୍‌ମାନଙ୍କରେ ଜିନିଷପତ୍ର କିଣିବା ଲୋକମାନଙ୍କୁ ବାଧ୍ୟତାମୂଳକ ଭାବରେ ମାସ୍କ ପରିଧାନ କରିବାକୁ ନିର୍ଦ୍ଦେଶ ପ୍ରଦାନ କରାଯିବା ଉଚିତ । ସାମାଜିକ ହେଉ କି ରାଜନୀତିକ ବା ଧାର୍ମିକ– ସବୁ ପ୍ରକାରର ସମାବେଶଗୁଡ଼ିକର ଆୟୋଜକମାନଙ୍କୁ କୋଭିଡ୍ ନିୟମ ପାଳନ କରିବାକୁ ପରାମର୍ଶ ଦିଆଯିବା ବିଧେୟ । ଗତ ତିନି ବର୍ଷ ମଧ୍ୟରେ ଦେଶ ଭିତରେ ମହାମାରୀ କରୋନାର ଅନେକଗୁଡ଼ିଏ ଲହର ଏବଂ ଭାରିଆଣ୍ଟର ସଂକ୍ରମଣ ଆମକୁ ଏହା ବିରୁଦ୍ଧରେ କେବଳ ଟିକାର ବିକାଶ କରିବାକୁ ସୁଯୋଗ ପ୍ରଦାନ କରିନାହିଁ, ବରଂ ଏହି ରୋଗର ଚିକିତ୍ସାଜନିତ ନିୟମକାନୁନ୍ ପ୍ରସ୍ତୁତ କରିବାକୁ ତଥା ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ରହିଥିବା ଘଳିଆଗୁଡ଼ିକୁ ଚିହ୍ନଟ କରି ସେସବୁକୁ ବନ୍ଦ କରିବା ପାଇଁ ଶିକ୍ଷା ପ୍ରଦାନ କରିଛି । ଉଦାହରଣ ସ୍ୱରୂପ, କେତେକ ମୌଳିକ ଆବଶ୍ୟକତା, ଯଥା ହସ୍ପିଟାଲରେ ଶଯ୍ୟା, ଜରୁରୀ ଔଷଧ ଏବଂ ଆଇସିୟୁର ବ୍ୟବସ୍ଥା ଏହି ରୋଗର ଗୋଟିଏ ଲହର କାଳରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇ ପଡ଼ିଥିବା ବେଳେ ଅକ୍ସିଜେନ୍ ଉତ୍ପାଦନ ସୁବିଧା ଏବଂ ଏହାର ଯୋଗାଣ ଶୃଙ୍ଖଳା ଅନ୍ୟ ଏକ ଲହର କାଳରେ ଅତି ଗୁରୁତର ପ୍ରସଙ୍ଗ ହୋଇ ଯାଇଥିଲା । ଏଭଳି ତ୍ରୁଟି ବିଚ୍ୟୁତିଗୁଡ଼ିକୁ ଅତି ତତ୍ପରତାର ସହିତ ସଂଶୋଧନ କରିବାକୁ ସୁନିଶ୍ଚିତ କରାଇବା ନିମନ୍ତେ କେନ୍ଦ୍ର ସରକାର ରାଜ୍ୟ ସରକାରମାନଙ୍କୁ ପରାମର୍ଶ ପ୍ରଦାନ କରି ସାରିଛନ୍ତି । କୋଭିଡ୍ ବିରୁଦ୍ଧରେ ଏକ ସରକାରୀ କାର୍ଯ୍ୟକ୍ରମ ଭାବରେ ଦୀର୍ଘ ଦିନ ହେବ ଟିକାକରଣ ସଂକୁଚିତ ହୋଇ ସାରିଲାଣି । ବିଶେଷଜ୍ଞମାନଙ୍କ ମତ ହେଉଛି, ଟିକାଗୁଡ଼ିକ ଜଣେ ଲୋକଙ୍କୁ ସଂକ୍ରମିତ ହେବାରୁ କ୍ୱଚିତ୍ ରକ୍ଷା କରି ପାରିବ, କିନ୍ତୁ ଯେଉଁମାନଙ୍କର ଅନ୍ୟାନ୍ୟ ରୋଗ ରହିଛି, ସେମାନଙ୍କର କୋଭିଡ୍ ସଂକ୍ରମଣଜନିତ ପ୍ରଭାବକୁ ଅନେକାଂଶରେ ହ୍ରାସ କରାଇ ପାରିବ । ଏହା ଏକ ତଥ୍ୟ ଯେ କେନ୍ଦ୍ର ସରକାରଙ୍କ ତରଫରୁ ରାଜ୍ୟମାନଙ୍କୁ କେବଳ ପରାମର୍ଶ ଏବଂ ନିର୍ଦ୍ଦେଶ ପ୍ରଦାନ କରାଯିବା କାମ କରିବାର ସମ୍ଭାବନା କ୍ଷୀଣ, କାରଣ କୋଭିଡ୍‌ର ପୂର୍ବ ଲହରଗୁଡ଼ିକ ଯୋଗୁଁ ଅଧିକାଂଶ ରାଜ୍ୟଙ୍କର ଆର୍ଥିକ ଅବସ୍ଥା ବର୍ତ୍ତମାନ ସୁଦ୍ଧା ଅତି ଖରାପ ରହିଛି । ରାଜ୍ୟମାନଙ୍କର ସ୍ୱାସ୍ଥ୍ୟସେବା ଆବଶ୍ୟକତାଗୁଡ଼ିକୁ ପୂରଣ କରିବା ପାଇଁ କେନ୍ଦ୍ର ସରକାର ଏବଂ ପିଏମ୍-କେୟାର ପାଣ୍ଠି ନୂଆ ରୂପରେଖ ପ୍ରସ୍ତୁତ କରିବା ଉଚିତ । ମହାମାରୀ କରୋନା ଯେହେତୁ ସମାଜର ସର୍ବାଧିକ ଗରିବ ଲୋକମାନଙ୍କ ଦୁର୍ଦ୍ଦଶାକୁ ଅଧିକ ବଢ଼ାଇ ଦେଇଥାଏ, ତେଣୁ ସରକାର ଅନ୍ୟାନ୍ୟ ସମ୍ବଳଗୁଡ଼ିକ- ପ୍ରଶାସନିକ ଏବଂ ମାନବିକ ସମ୍ବଳଗୁଡ଼ିକୁ ମଧ ଏହି ମାରାତ୍ମକ ଭୂତାଣୁର ପ୍ରତ୍ୟାବର୍ତ୍ତନ ଏବଂ ଅତ୍ୟଧିକ ମାତ୍ରାରେ ସଂକ୍ରମଣକୁ ରୋକିବା ନିମନ୍ତେ ପ୍ରୟୋଗ କରିବା ଆବଶ୍ୟକ, କାରଣ ଏହା କେବଳ ଜୀବନ ପ୍ରତି ନୁହେଁ, ଜୀବିକା ଉପରେ ମଧ ଯଥେଷ୍ଟ ଅଧିକ ପ୍ରଭାବ ପକାଇଥାଏ ।

# ଓଡ଼ିଶାର ଲୋକନୃତ୍ୟ ପରମ୍ପରାରେ ଦଣ୍ଡନାଚ



### ଲୋକନାଥ ମହାପାତ୍ର

ଓଡ଼ିଶାର ଲୋକନୃତ୍ୟ ଓଡ଼ିଶାର କଳା ଓ ସଂସ୍କୃତିର ପରିଚାୟକ । ଓଡ଼ିଆ ଜୀବନ ଶୈଳୀ ଏବଂ ପ୍ରଥା ସହିତ ଏହି ନୃତ୍ୟ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ମୁଖ୍ୟତଃ ଧର୍ମଚାର, ମନୋରଞ୍ଜନ, ସାମାଜିକ ସଂସ୍କାର ଆଦି ବହୁବିଧ ଉଦ୍ଦେଶ୍ୟକୁ ନେଇ ଓଡ଼ିଶାରେ ଅନେକ ଲୋକନୃତ୍ୟର ସୃଷ୍ଟି ହୋଇଛି । ଏହିସବୁ ନୃତ୍ୟ ମୁଖ୍ୟତଃ ଖୋଲା ଆକାଶତଳେ ପରିବେଷଣ କରାଯାଇଥାଏ । ପ୍ରତ୍ୟେକ ଲୋକନୃତ୍ୟରେ ଓଡ଼ିଶାର ପାରମ୍ପରିକ ସଂଗୀତ ଓ ବହୁଲୋକପ୍ରିୟ ଢଗଢମାଳି ଆଦିର ବ୍ୟବହାର ହୋଇଥାଏ । ଏହା ସହିତ ପାରମ୍ପରିକ ବାଦ୍ୟର ବ୍ୟବହାର କରାଯାଇଥାଏ । ଓଡ଼ିଶାର ପାରମ୍ପରିକ ଲୋକନୃତ୍ୟ ମଧ୍ୟରେ ଦଣ୍ଡନାଚ ଅନ୍ୟତମ ।

ଦଣ୍ଡନାଚ ଓଡ଼ିଶାର ଏକ ପ୍ରାଚୀନ ଓ ପାରମ୍ପରିକ ଲୋକନୃତ୍ୟ । ଏହା ବିଶେଷତ ଗଞ୍ଜାମ ଜିଲ୍ଲାରେ ଅଧିକ ଲୋକପ୍ରିୟ । ଏହି ନୃତ୍ୟ ଧର୍ମୀୟ ଧାରଣା ଏବଂ ଈଶ୍ୱର ବିଶ୍ୱାସ ଉପରେ ପ୍ରତିଷ୍ଠିତ । ଦେବୀ କାଳୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ଭକ୍ତମାନଙ୍କ ଦ୍ୱାରା ଦଣ୍ଡ ନାଚ ଏକ ଅସାଧାରଣ ରୀତିନୀତି ଅଟେ। ଏଥିରେ ଭକ୍ତମାନେ ନିଜ ଉପରେ ଯନ୍ତ୍ରଣା ଦେଉଥିବାରୁ ଏହାର ନାମକରଣ ଏଇଭଳି ହୋଇଛି । ଓଡ଼ିଶାର ଏହି ଦଣ୍ଡନାଚ ପରମ୍ପରା ଅତି ପ୍ରାଚୀନ । ଦାବି କରାଯାଏ ଯେ ପ୍ରାଚୀନ କାଳରେ ସାଧୁମାନଙ୍କ ଦ୍ୱାରା ଅଭ୍ୟାସ କରାଯାଉଥିବା ହଟଯୋଗରୁ ଦଣ୍ଡନାଚ ପରମ୍ପରା ଆରମ୍ଭ ହୋଇଥିଲା । ବୋଧହୁଏ ସେହି କାରଣରୁ ଦଣ୍ଡ ଯାତ୍ରା ସମୟରେ ଦଣ୍ଡୁଆମାନେ ଶାରୀରିକ ଯନ୍ତ୍ରଣା ବହନ କରି ସାଧୁମାନଙ୍କ ପରି ଜୀବନଯାପନ କରନ୍ତି । ତେଣୁ ଏହାର ନାମକରଣ ଏଇଭଳି ହୋଇଥିବାର ଅନୁମାନ କରାଯାଏ ।

ଓଡ଼ିଶାର ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ଦଣ୍ଡ ନାଚ ଏହି ଅଞ୍ଚଳର ଐତିହାସିକ ତଥା ଧାର୍ମିକ ଲୋକ ନୃତ୍ୟ ଭାବରେ ପରିଗଣିତ । ପ୍ରତିବର୍ଷ ଗ୍ରୀଷ୍ମ ସମୟରେ ହିନ୍ଦୁ ଚୈତ୍ର ମାସରେ, ଦଣ୍ଡୁଆମାନେ ଦଣ୍ଡ ଯାତ୍ରା କରନ୍ତି । ସେମାନେ ଏହି ଦିନରେ ଏକ ଶୁଦ୍ଧ ଧାର୍ମିକ ଜୀବନଯାପନ କରନ୍ତି ଏବଂ ସ୍ୱେଚ୍ଛାରେ ଶାରୀରିକ ଯନ୍ତ୍ରଣା ଭୋଗ କରନ୍ତି । ଏହା ହେଉଛି ବର୍ଷର ସେହି ସମୟ ଯେତେବେଳେ ଗଞ୍ଜାମ ଜିଲ୍ଲାର ଗାଁଠାରୁ ସହର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଦଣ୍ଡୁଆ ଗୋଷ୍ଠୀ ଦେଖାଯାଏ । ଆହୁରି ମଧ ଢୋଲ ଏବଂ ମହୁରୀ ବାଦ୍ୟଯନ୍ତ୍ରର ତାଳେତାଳେ ଏହି ଲୋକ ନୃତ୍ୟ ଜିଲ୍ଲାର ଅନେକ ସ୍ଥାନରେ ଦେଖିବାକୁ ମିଳେ । ଦଣ୍ଡୁଆମାନେ ଗେରୁଆ ପୋଷାକ ପିନ୍ଧି ମୟୂରପୁଚ୍ଛ ଓ ପବିତ୍ର ପତାକା ଧରି ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଖାଲି ପିଦରେ ଯାତ୍ରା କରନ୍ତି । ଗଞ୍ଜାମର ବିଭିନ୍ନ ଗାଁ ଓ ସହରରେ ସାହି, ପରିବାର ଏବଂ ବଜାର ଆଦି ସମ୍ପ୍ରଦାୟ ମାନଙ୍କ ଦ୍ୱାରା ଦଣ୍ଡ ନୃତ୍ୟ ପରିବେଷଣ କରିବାକୁ ଦଣ୍ଡ ନାଚ ଗ୍ରୁପ ମାନଙ୍କୁ ଆମନ୍ତ୍ରଣ କରାଯିଏ । ଦିନ ସମୟରେ ଦଣ୍ଡୁଆମାନେ ଭକ୍ତଙ୍କ ଘର ଆଗରେ ପବିତ୍ର ଜଳ ସିଞ୍ଚନ କରନ୍ତି, ଯିଏ ସେମାନଙ୍କୁ ଦଣ୍ଡନାଚ ପାଇଁ ନିମନ୍ତ୍ରଣ କରିଥାନ୍ତି ।

ତ୍ରୟୋଦଶ ଦିନ ଧରି ଚାଲୁଥିବା ଦଣ୍ଡ ନାଚ ଭଗବାନ ଶିବ ଏବଂ ଦେବୀ କାଳୀଙ୍କ ପ୍ରତି ଭକ୍ତିଭାବର ଏକ ପ୍ରଦର୍ଶନ । ଦଣ୍ଡର ତିନୋଟି ଭିନ୍ନ ରୂପ ହେଉଛି ପାଣି ଦଣ୍ଡ, ଧୂଳି ଦଣ୍ଡ ଏବଂ ଅଗ୍ନି ଦଣ୍ଡ । ଚୈତ୍ର ମାସର ସୂର୍ଯ୍ୟକିରଣରେ ଗରମ ଧୂଳିରେ କରାଯାଉଥିବାରୁ ଧୂଳି ଦଣ୍ଡ ଅତ୍ୟନ୍ତ ଯନ୍ତ୍ରଣାଦାୟକ ଅଟେ । କେବଳ ପୁରୁଷମାନେ ହିଁ ଏହି ନୃତ୍ୟଗୁଡିକ ପ୍ରଦର୍ଶନ କରନ୍ତି ଏବଂ ଏଥିପାଇଁ କୌଣସି ଜାତିର ପାର୍ଥକ୍ୟ ନଥାଏ । ଜାତି ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏକତ୍ର ଏହି ନୃତ୍ୟ ପ୍ରଦର୍ଶନ କରିଥାନ୍ତି। ଏକ ଦଣ୍ଡ ପାର୍ଟି କିମ୍ବା ଗୋଷ୍ଠୀରେ ୧୩ ଜଣ ସଦସ୍ୟ ଥାଆନ୍ତି ଯେଉଁମାନଙ୍କୁ ଦଣ୍ଡୁଆ କହନ୍ତି । ସେମାନେ ଦିନରେ କେବଳ ଥରେ ମାତ୍ର ଏକତ୍ର ଶାକାହାରୀ ଖାଦ୍ୟ ଗ୍ରହଣ କରନ୍ତି। ସମସ୍ତ ଦଣ୍ଡୁଆମାନେ ଏହି ଦିନଗୁଡ଼ିକରେ ଅତ୍ୟନ୍ତ ଧାର୍ମିକ ଜୀବନଯାପନ କରନ୍ତି ଏବଂ ସେମାନେ ଏହି ସମୟ ମଧ୍ୟରେ ଆମିଷ ଭୋଜନ, ଭୋଗବିଳାସ ତଥା ଗୃହ ତ୍ୟାଗ କରିଥାନ୍ତି ।

ଦଣ୍ଡ ନାଟ ଏକାଧିକ ନୃତ୍ୟକୁ ନେଇ ଗଠିତ । ଲୋକମାନେ ଉପବାସ କରି ଦଣ୍ଡ ଆରମ୍ଭ କରନ୍ତି ଏବଂ ନୃତ୍ୟ ପୂର୍ବରୁ ସେମାନ ପ୍ରଭୁଙ୍କୁ ଉପାସନା କରନ୍ତି । ଏହି ନୃତ୍ୟରେ ଏକ ଶୃଙ୍ଖଳା ରହିଥାଏ ଯାହାକି ଦଣ୍ଡୁଆ ସଦସ୍ୟଙ୍କ ଦ୍ୱାରା ଗୋଟିଏ ପରେ ଗୋଟିଏ ପରିବେଷଣ କରାଯାଏ ଯେଉଁଥିରେ ପୁରୁଷ ତଥା ସ୍ତ୍ରୀ ବେଶଧାରୀ ପୁରୁଷ ସଦସ୍ୟମାନେ ଅଭିନୟ କରିଥାନ୍ତି । ଦଣ୍ଡୁଆମାନଙ୍କ ଦ୍ୱାରା ଯଥାକ୍ରମେ ହର-ପାର୍ବତୀ, ଶବର-ଶବରୁଣୀ, ଚଢେୟା-ଚଢ଼େୟାଣୀ ଆଦି ନୃତ୍ୟ ପରିବେଷଣ କରାଯାଏ । ଏହି ନୃତ୍ୟରେ ଢୋଲ ଏବଂ ମହୁରୀ ସାହାଯ୍ୟରେ ସଂଗୀତ ପରିବେଷଣ ହୋଇଥାଏ ।

ଦଣ୍ଡୁଆମାନେ ଏକ ନିର୍ଦ୍ଦିଷ୍ଟ ଧାର୍ମିକ ନୀତିକୁ କଠୋର ଭାବରେ ପାଳନ କରନ୍ତି । ସେମାନେ ଖାଲି ପାଦରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଆନ୍ତି ଏବଂ ତିନି ପ୍ରକାର ଦଣ୍ଡ ନୃତ୍ୟ କରନ୍ତି - ଧୂଳି ଦଣ୍ଡ, ପାଣି ଦଣ୍ଡ ଏବଂ ଅଗ୍ନି ଦଣ୍ଡ । ଭକ୍ତଙ୍କ ଘର ସାମ୍ନାରେ ଧୂଳି ଦଣ୍ଡ ପରିବେଷଣ କରାଯାଉଥିବାବେଳେ ପାଣି ଦଣ୍ଡ କୌଣସି ପୋଖରୀରେ ଏବଂ ରାତିରେ ଅଗ୍ନି ଦଣ୍ଡ କରାଯାଇଥାଏ । ଏହି ପୂଜାରେ ଭଗବାନ ଶିବ ଏବଂ ଦେବୀ କାଳୀଙ୍କୁ ପୂଜା କରାଯାଏ । ଧୂଳି ଦଣ୍ଡ ପ୍ରଦର୍ଶନ କରୁଥିବାବେଳେ, ଦଣ୍ଡୁଆମାନେ ଦିନରେ ଗରମ ବାଲି ଉପରେ ଶୋଇଥା'ନ୍ତି, ଏକ ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ ପାଣି ଦେହରେ ରହିଥା'ନ୍ତି ଯାହାକୁ ପାଣି ଦଣ୍ଡ କୁହାଯାଏ । ଶେଷ ତଥା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଅଗ୍ନି ଦଣ୍ଡ ମଧ୍ୟରାତ୍ରିରୁ ଆରମ୍ଭ ହୁଏ ଯେତେବେଳେ କାଳୀ ଏବଂ ଶିବଙ୍କୁ ପୂଜା କରାଯାଏ । ଏହି ରୀତିନୀତି ପାଳନ କରିବାରେ ଦିନସାରା ବିତାଇବା ପରେ, ସନ୍ଧ୍ୟା ହେବା ପରେ ଦଣ୍ଡୁଆମାନେ ମନ୍ଦିରକୁ ଫେରିଯାଆନ୍ତି । ସେମାନେ ମନ୍ଦିର ଭିତରେ ଶିବ ଏବଂ କାଳୀଙ୍କ ମୂର୍ତ୍ତିକୁ ପୂଜା କରିବା ପାଇଁ ସେଠାରେ ରୁହନ୍ତି ।

ଦଣ୍ଡ ଯାତ୍ରାରେ ଦିନ ସମୟରେ ଦଣ୍ଡୁଆମାନେ ଧୂଳି ଦଣ୍ଡ, ପାଣି ଦଣ୍ଡ ଏବଂ ଅଗ୍ନି ଦଣ୍ଡ ପ୍ରଦର୍ଶନ କରୁଥିବାବେଳେ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ସେମାନଙ୍କ ମନୋରଞ୍ଜନ ପାଇଁ ଏବଂ ସେମାନଙ୍କୁ ଜାଗ୍ରତ ରଖିବା ପାଇଁ ବ୍ୟବସ୍ଥା କରାଯାଇଥାଏ । ପରମ୍ପରା ଅନୁଯାୟୀ, ରାତିରେ କାଳିଶି ନୃତ୍ୟ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ ଅନୁଷ୍ଠିତ ହୁଏ । ଏଥିରେ ମଧ ପ୍ରହଲ୍ଲାଦ ନାଟକ ଭଳି ପୌରାଣିକ ତଥା ଧାର୍ମିକ ନାଟକ ପ୍ରଦର୍ଶିତ ହୋଇ ଏକ ପବିତ୍ର ଓ ଧାର୍ମିକ ବାତାବରଣ ସୃଷ୍ଟି ହୋଇଥାଏ । ଏବେ ହୁଏତ ଏଥିରେ କିଛି ବ୍ୟତିକ୍ରମ ପରିଲକ୍ଷିତ ହେଉଛି । ଅର୍ଥାତ୍ ସାଂସ୍କୃତିକ କାର୍ଯ୍ୟକ୍ରମ ନାମରେ କିଛି ସ୍ଥାନରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ ହେଉଛି ଯାହା ଦଣ୍ଡନାଚର ପବିତ୍ର ଧାର୍ମିକ ପରମ୍ପରାର ପରିପନ୍ଥୀ ।

ଏହି ନୃତ୍ୟଗୁଡ଼ିକ ସମୟରେ ଗାନ କରାଯାଉଥିବା ଗୀତଗୁଡ଼ିକ ହିନ୍ଦୁ ପୁରାଣ ଆଧାରିତ ଓଡ଼ିଶୀ ସଙ୍ଗୀତ ଶୈଳୀରେ ପରିବେଷିତ ହୋଇଥାଏ । ସଂଗୀତ ମଧ ସାଧାରଣ ଏବଂ ପ୍ରଦର୍ଶନ ସମୟରେ ଅନେକ ପାରମ୍ପରିକ ବାଦ୍ୟଯନ୍ତ୍ର ବ୍ୟବହୃତ ହୁଏ । ମେରୁ ସଂକ୍ରାନ୍ତି ଦିନ ଦଣ୍ଡ ଯାତ୍ରା ସମାପ୍ତ ହୋଇଥାଏ । ମେରୁ ଯାତ୍ରାରେ ଭକ୍ତମାନେ ଜଳନ୍ତା ଅଙ୍ଗାର ଉପରେ ଚାଲିବା, ଜଳନ୍ତା ଅଗ୍ନି ଉପରେ ଓଲଟା ଝୁଲିବା ଭଳି ଦୁଃସାହସିକ କାର୍ଯ୍ୟ ପ୍ରଦର୍ଶନ କରିଥାନ୍ତି ।

ଦଣ୍ଡ ନାଚ ପରମ୍ପରା ଭାରତର ମହାନ ଧର୍ମୀୟ ତଥା ସାଂସ୍କୃତିକ ଭାବଧାରା କୁ ପ୍ରତିନିଧିତ୍ୱ କରିଥାଏ । ପ୍ରଥମତଃ ଏହା ହିନ୍ଦୁଧର୍ମର ତ୍ୟାଗ ଓ ସହନଶୀଳତାର ନିଦର୍ଶନ । ହିନ୍ଦୁ ପୁରାଣମାନଙ୍କରେ ତ୍ୟାଗ, ତପସ୍ୟା ଓ ସହିଷ୍ଣୁତାର ମହତ୍ତ୍ୱ ପ୍ରତିପାଦିତ ହୋଇଛି ଯାହାକି ମନୁଷ୍ୟ ମଧ୍ୟରେ ଉଚ୍ଚ ମାନବିକ ମୂଲ୍ୟବୋଧ ତଥା ପରୋପକାର ଭାବନା ଜାଗ୍ରତ କରିଥାଏ । ଲୁହାକୁ ତପ୍ତ କଲେ ଯେପରି ସେଥିରେ ଥିବା କଳଙ୍କ ବା କାଳିମା ଦୂର ହୋଇଥାଏ ସେହିପରି କଷ୍ଟ ସହ୍ୟ କରିବା ଦ୍ୱାରା ମନୁଷ୍ୟର ଚରିତ୍ର ମଧ୍ୟରେ ଥିବା କଳଙ୍କ ସଦୃଶ୍ୟ ଦୁର୍ଗୁଣ, ପାପ ତଥା କୁଅଭ୍ୟାସଗୁଡିଗ ଦୂର ହୋଇ ମନୁଷ୍ୟ ଚରିତ୍ରକୁ ଉର୍ଦ୍ଧ୍ୱମୁଖୀ କରିଥାଏ । ଏହା ମନୁଷ୍ୟ ମଧ୍ୟରେ ସହିଷ୍ଣୁତା ଗୁଣ ଜାଗ୍ରତ କରିଥାଏ ।

ଦ୍ୱିତୀୟତଃ ଦଣ୍ଡନାଚ ପରମ୍ପରା ଏକତା ତଥା ଭତୃତ୍ୱର ଭାବନାକୁ ଉଜ୍ଜିବୀତ କରିଥାଏ ଯେଉଁଥିରେ ଜାତି ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏକତ୍ର ଭ୍ରମଣ, ଭୋଜନ, ନୃତ୍ୟ ତଥା ପୂଜାର୍ଚ୍ଚନା କରନ୍ତି । ଏହାଦ୍ୱାରା ସମାଜରେ ସମସ୍ତଙ୍କ ସହ ଏକତ୍ର ସହାବସ୍ଥାନ କରିବା ତଥା ସମସ୍ତଙ୍କ ସହ ଖାପଖୁଆଇ ବଞ୍ଚିବାର ଗୁଣ ବିକଶିତ ହୋଇଥାଏ।

ତୃତୀୟତ ପ୍ରାଚୀନ ହିନ୍ଦୁଙ୍କ ଦର୍ଶନ କହେ ଯେ ଜଣେ ବ୍ୟକ୍ତି ମହାନ ହେବା ପାଇଁ କାୟା, ମନ ଏବଂ ବାକ୍ୟ ଉପରେ ଆତ୍ମ ନିୟନ୍ତ୍ରଣ ରହିବା ଆବଶ୍ୟକ । ଆହାର, ନିଦ୍ରା ଓ ମୈଥୁନ ଉପରେ ନିୟନ୍ତ୍ରଣ ହିଁ ମନୁଷ୍ୟକୁ ମହାନ କରିଥାଏ । ଦଣ୍ଡ ନାଚର କଠୋର ରୀତିନୀତି ମନୁଷ୍ୟ ମଧ୍ୟରେ ଆତ୍ମାନୁଶାସ ଓ ସଂଯମତାର ଗୁଣ ବିକଶିତ କରାଇଥାଏ ଯାହା ମନୁଷ୍ୟକୁ ସମାଜର ଅନିଷ୍ଟକାରୀ କର୍ମଠାରୁ ଦୂରେଇ ରଖି ତାହା ମଧ୍ୟରେ ସୁସାମାଜିକ ତଥା ସୁନାଗରିକ ହେବାର ଗୁଣ ଜାଗ୍ରତ କରିଥାଏ ଏବଂ ପାଶବିକ ପ୍ରବୃତ୍ତିକୁ ନିୟନ୍ତ୍ରଣ କରିବାର କ୍ଷମତା ବିକଶିତ କରି ତାର ଚରିତ୍ରକୁ ଉର୍ଦ୍ଧ୍ୱମୁଖୀ କରାଇଥାଏ ।

ପ୍ରକୃତି ସହିତ ମଣିଷର ସମ୍ପର୍କ ପ୍ରାକୃତିକ । କିନ୍ତୁ ଆଧୁନିକ ମଣିଷ ଏ କଥାକୁ ଭୁଲିଯାଇଛି । ସଭ୍ୟତା ଏବଂ ସଂସ୍କୃତିର ବିକାଶ ଏବଂ ଆକର୍ଷଣ ମନୁଷ୍ୟକୁ ପ୍ରକୃତିଠାରୁ ଦୂରେଇ ଦେଇଛି । ଆଧୁନିକତା ଦୌଡ଼ରେ ମନୁଷ୍ୟ ପ୍ରକୃତିକୁ ନଷ୍ଟ କରିଚାଲିଛି । ପ୍ରକୃତି ସହିତ ବଞ୍ଚିବାର ପରମ୍ପରା ବନ୍ଦ ହୋଇଯାଇଛି ଯହାର ଭୟଙ୍କର ପରିଣାମ ଆଜି ମାନବ ସଭ୍ୟତାକୁ ଭୋଗିବାକୁ ପଡୁଛି । ପ୍ରକୃତି ଠାରୁ ଦୂରେଇ ଯିବା ହିଁ ଆଜି ମନୁଷ୍ୟ ଦୁଃଖର ମୂଳ କାରଣ ।

ପ୍ରକୃତିର ମହତ୍ତ୍ୱକୁ ଉପଲବ୍ଧି କଲେ ହିଁ ଯାଇ ମନୁଷ୍ୟ ଶିବଙ୍କୁ ଅର୍ଥାତ୍ କଲ୍ୟାଣକୁ ପ୍ରାପ୍ତ କରିବା ସମ୍ଭବ । ପ୍ରକୃତିର ସୁରକ୍ଷା ସହିତ ମାନବ ଜାତିର କଲ୍ୟାଣ ସାଧିତ ହୋଇପାରିବ। ଦଣ୍ଡୁଆ ମାନେ ପ୍ରକୃତିପ୍ରେମୀ ଶିବ ଓ କାଳୀଙ୍କୁ ପୂଜା କରିଥାନ୍ତି । ସେମାନେ ଖୋଲା ଆକାଶ ତଳେ ଉନ୍ମୁକ୍ତ ପରିବେଶରେ ତଥା ବୃକ୍ଷ ତଳେ ଆଶ୍ରୟ ନେଇଥାନ୍ତି । ମାଟି ଉପରେ ଭୋଜନ ଓ ଶୟନ କରନ୍ତି । ସେମାନେ ଭୂମି, ଜଳ, ବାୟୁ, ଅଗ୍ନି ଓ ଆକାଶ ଆଦି ପ୍ରକୃତିର ମୂଳଭୂତ ଉପାଦାନଗଡିକର ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିଥାନ୍ତି ଯାହାଦ୍ୱାରା ସେମାନଙ୍କ ମଧ୍ୟରେ ପ୍ରାକୃତିକ ପ୍ରତିରୋଧକ ଶକ୍ତି ଜାଗ୍ରତ ହୋଇଥାଏ । ଏହିପରି ଭାବେ ଦଣ୍ଡନାଚ ପରମ୍ପରା ପ୍ରକୃତି ପୂଜାର ମହାନ ବାର୍ତ୍ତା ବହନ କରିଥାଏ ।

ତେଣୁ ଓଡ଼ିଶାର ଦଣ୍ଡନାଚ କେବଳ ଏକ ପାରମ୍ପରିକ ଲୋକନୃତ୍ୟ ନୁହେଁ ବରଂ ଏହା ଅନେକ ଉଚ୍ଚତମ ଆଦର୍ଶ ଓ ଗୁଣ ବିକଶିତ କରିଥାଏ ଏଥିରେ ତିଳେ ହେଲେ ସନ୍ଦେହ ନାହିଁ।

ବ୍ରହ୍ମପୁର

# ସ୍ୱାସ୍ଥ୍ୟ ମୋର ସୁସ୍ଥ ହେଉ - ସତ୍‌ସଙ୍ଗର ଆହ୍ୱାନ



### ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଶରୀର ଓ ମନ-ଉଭୟର ସୁସ୍ଥତା ହିଁ ଉତ୍ତମ ସ୍ୱାସ୍ଥ୍ୟର ଚାବିକାଠି । ସେଥିପାଇଁ କୁହାଯାଏ ସ୍ୱାସ୍ଥ୍ୟବାନ ବ୍ୟକ୍ତି ପରିବାର, ସମାଜ, ରାଜ୍ୟ, ଦଶ ଓ ଦେଶର ମୁଖ ଉଜ୍ଜ୍ୱଳ କରିଥାନ୍ତି । ତେଣୁ କୁହାଯାଇଛି ସ୍ୱାସ୍ଥ୍ୟ ହିଁ ସମ୍ପଦ । ସ୍ୱାସ୍ଥ୍ୟ କିଣାବିକା ହୋଇପାରିବା ଜିନିଷ ନୁହେଁ । ପିତାମାତାଙ୍କ ଜୀବନର ସଂଯମତା ଓ ନିଷ୍ଠାପରତା ଉପରେ ଭବିଷ୍ୟତ ବଂଶଧରମାନଙ୍କ ଶାରୀରିକ, ମାନସିକ ତଥା ଗୁଣାତ୍ମକ ସ୍ୱାସ୍ଥ୍ୟ ନିର୍ଭର କରିଥାଏ । ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଆମେ ହାଲୁକା ଭାବେ ଗ୍ରହଣ କରିବା ଉଚିତ ନୁହେଁ । ଏକ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସୁଷମ ଖାଦ୍ୟ, ପରିଷ୍କାର ପାନୀୟ, ଶୁଦ୍ଧ ପରିବେଶ, ଗୃହ ତଥା ଶଯ୍ୟା ଓ ବସ୍ତ୍ର ପ୍ରଭୃତିର ପରିଚ୍ଛନ୍ନତା ନିତାନ୍ତ ପ୍ରୟୋଜନ । ନିୟମିତ ଜୀବନଚର୍ଯ୍ୟା ଆଉ ଏକ ବଡ଼ କଥା । ଖାଦ୍ୟ ଓ ପାନୀୟ ଦୃଷ୍ଟିରୁ ତିନୋଟି ଶୁଦ୍ଧତା ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ହୋଇଥାଏ । ଖାଦ୍ୟର ପ୍ରକାର ଓ ପରିମାଣ ଆଉ ଏକ ବିଚାର୍ଯ୍ୟ ବିଷୟ। ଖାଦ୍ୟ ସାତ୍ତ୍ୱିକ ହେବା ବିଧେୟ । ମାଛ, ମାଂସ, ପିଆଜ, ରସୁଣ ଓ ମାଦକ ଦ୍ରବ୍ୟ ସର୍ବଦା ବର୍ଜନୀୟ। ରାଜସିକ ଓ ତାମସିକ ଖାଦ୍ୟ ଦେହ ତଥା ମନ ପ୍ରତି ଭଲ ନୁହେଁ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ ନିରାମିଷ ଭୋଜନ କରୁଥିବା ଲୋକମାନେ ନିରୋଗୀ ଓ ଦୀର୍ଘାୟୁ ବୋଲି ମତବ୍ୟକ୍ତ କରିଛନ୍ତି। ଏଠାରେ ପରିମାଣ କଥା ଭୁଲିଗଲେ ହେବ ନାହିଁ । ସାତ୍ତ୍ୱିକ ଖାଦ୍ୟ ହେଲେ ବି ଯଦି ଅଧିକ ପରିମାଣରେ ଗ୍ରହଣ କରାଯାଏ, ତେବେ ତାହା ତାମସିକତା ବା ଆଳସ୍ୟ ଭାବ ସୃଷ୍ଟି କରିଥାଏ । ତେଣୁ ମିତାହାର ଭୋଜନ କରିବା ସବୁବେଳେ ଭଲ । ମିତାହାରକୁ ଭଲ ଭାବେ ବୁଝାଇ କୁହାଯାଇଛି ଯେ, ପାକସ୍ଥଳୀର ଶତକଡ଼ା ପଚାଶ ଭାଗ ଖାଦ୍ୟରେ ପୂରଣ କରିବା ଉଚିତ୍, ଶତକଡ଼ା ପଚିଶ ଭାଗ ଜଳ ପାଇଁ ଓ ଶତକଡ଼ା ପଚିଶ ଭାଗ ପବନ ପାଇଁ ରଖାଯିବା ଉଚିତ । ଯେତେବେଳେ ଖାଇବ ଅଧାପେଟ ତାହା ମଣିଷକୁ କାର୍ଯ୍ୟକ୍ଷମ ରଖେ । ପ୍ରତ୍ୟେକ ଦିନ ନିର୍ଦ୍ଦିଷ୍ଟ ସମୟରେ, ନିର୍ଦ୍ଦିଷ୍ଟ ସମୟ ଅନ୍ତରରେ ଖାଦ୍ୟ ଗ୍ରହଣ କରାଗଲେ ସର୍ବୋତ୍ତମ ଫଳ ମିଳିଥାଏ ।

ଯୁଗାବତାର ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦୃଢ଼ କଣ୍ଠରେ ଘୋଷଣା କଲେ - ମାନସିକ ସ୍ୱାସ୍ଥ୍ୟ ହିଁ ଶାରୀରିକ ସ୍ୱାସ୍ଥ୍ୟର ପ୍ରଥମ ପାହାଚ। ଦୟାଲ ଦେଶରୁ ନିର୍ଗତ ଭାଷାରେ ପ୍ରକାଶ କଲେ - ମନଟା ଦୁଷ୍ଟ ହେଲେ ହିଁ ଜାଣିବ ରୋଗର ଆସ୍ଥାନ ହୁଏ, ଏଇଟାକୁ ତୁମେ ଏଡ଼ାଇ ଚାଲିବ କରିବ ବ୍ୟାଧିର ଜୟ। ପୁଣି ସେହି କମ୍ବୁକଣ୍ଠରୁ ଉଦ୍‌ଘୋଷିତ ହେଲା - ସ୍ୱାସ୍ଥ୍ୟଟିକୁ ନିୟନ୍ତ୍ରଣ କରି ଦୃଢ଼ତର, ରୁହ ତୁମେ ସୁଜାଗ୍ରତ ଓହେ ଅନୁକ୍ଷଣ, ପୂଜିବାରେ ଇଷ୍ଟଦେବେ ସାର୍ଥକ ଆଚାରେ, ନୀଚ ବୁଦ୍ଧି ଅହମିକା କରିବା ବର୍ଜନ। ସର୍ବ କାରଣ କାରଣ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆଲୋଚନା ଛଳରେ ପ୍ରକାଶ କଲେ - ମନୁଷ୍ୟର ସ୍ୱାସ୍ଥ୍ୟର କଥା ଭାବିବାକୁ ଗଲେ ଜନ୍ମଦାତ୍ରୀ ମାତୃଗର୍ଭକୁ ଆସିବାର ପୂର୍ବ ଠାରୁ ଭାବିବାକୁ ହୁଏ। ପ୍ରଥମେ ଆବଶ୍ୟକ ଉପଯୁକ୍ତ ବିବାହ ଓ ଉପଯୁକ୍ତ ଦାମ୍ପତ୍ୟ ଜୀବନ। ପିତାମାତାଙ୍କର ବିବାହ ଓ ଦାମ୍ପତ୍ୟ ଜୀବନରେ ଯଦି ଅସଙ୍ଗତି ରହେ ତାହାହେଲେ ପିଲାପିଲିଙ୍କର ଶରୀର ଓ ମନ ସୁସ୍ଥ ହୋଇପାରେନାହିଁ। ମା'ମାନଙ୍କୁ ଜାଣିବା ଆବଶ୍ୟକ - ଗର୍ଭାବସ୍ଥାରେ କିଭଳି ଚାଲିବାକୁ ବା ରହିବାକୁ ହୁଏ। ସ୍ୱାମୀ-ସ୍ତ୍ରୀ ଉଭୟଙ୍କ ମଧ୍ୟରେ ଆଦର୍ଶପ୍ରାଣତା, ଇଷ୍ଟାନୁରାଗ, ପ୍ରୀତିପରାୟଣତା, ସଂଯମ, ସାଧନା, ଇଷ୍ଟ-କୃଷ୍ଟି-ଧର୍ମ ଓ ପୂର୍ବ ପୁରୁଷଙ୍କ ସ୍ମୃତି ମାଧ୍ୟମରେ ଯେଉଁ ସନ୍ତାନ ଜନ୍ମଲାଭ କରେ ସେମାନେ ସାଧାରଣତଃ ଶାରୀରିକ ଓ ମାନସିକ ଦିଗରେ ସ୍ୱାସ୍ଥ୍ୟବାନ ହୁଅନ୍ତି। ଏହିପରି ପିତାମାତାଙ୍କ ଠାରୁ ସନ୍ତାନ ସୁଷ୍ଠ ଜୈବୀ ସଂସ୍ଥିତିର ଅଧିକାରୀ ହୋଇଉଠେ ଓ ଜୈବୀ ସଂସ୍ଥିତି ହେଉଛି ଜୀବନର ଆକର।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

## କବିତା କୋଣାର୍କ

### ଅଗ୍ନିରୂପା
### ଜଗଦୀଶ ସାହୁ



ଚଇତ୍ର ଯାଉଛି ସରିସରି
ଗୋପାଳ ଗଡ଼ରେ ପଡ଼େ ହୁରି
ମାଆପରା ନିଜେ ହୋଇଛନ୍ତି ବିଜେ
ଅଗ୍ନିରୂପା ସିଏ ମାହେଶ୍ୱରୀ !

କରିବାକୁ ମାଆ ଦରଶନ
କାହିଁ କେତେଦୂରୁ ଭକ୍ତଜନ
ଭକ୍ତିଭାବ ନେଇ ଆସିଛନ୍ତି ଧାଇଁ
ନିଜ ଜୀବନକୁ ମଣି ଧନ୍ୟ !

ଅଗ୍ନିରୂପା ଦରଶନ ପରେ
ପାପ ତାପ ଚାଲିଯାଏ ଦୂରେ
ବରଷକେ ଥରେ ହିଙ୍ଗୁଳା ପୀଠରେ
ନଅଦିନ ଯାତ ମାଆ କରେ !

ମାଆ ଆଶିଷରୁ ଦେଶବାସୀ
ଖୁସିରେ ଚଳନ୍ତୁ ମିଳିମିଶି
ପ୍ରତି ଘରେଘରେ ସୁଖ ଓ ଶାନ୍ତିରେ
ଦିନ ବିତିଯାଉ ହସି ହସି !


ସଂଜପଡା, ହିନ୍ଦୋଳ
ଢେଙ୍କାନାଳ,୭୫୯୧୨୮
ମୋ :-୯୦୭୮୧୮୫୬୧୬


### ପ୍ରିୟତମା
### ଦିବାକର ନାୟକ



ଜୀବନେ ମୋ ପ୍ରିୟତମା
ତମେ ଏତେ ନିଜର
ଛାଇ ଦେଖି ଜାଣିଯିବି
ପାଦ ଚିହ୍ନ ଚିହ୍ନି ଦେବି;
ତମ ଲାଗି ମୋ ଜୀବନ
ଆଜି ଏତେ ସୁନ୍ଦର ।

ମନ ଥିଲା ଉଡ଼ା ପକ୍ଷୀ
ତମେ ହେଲ ପଞ୍ଜୁରୀ
ସ୍ନେହ ଶ୍ରଦ୍ଧା ଦାନା ଦେଇ
କରିଦେଲ କାଉଁରୀ;

ପ୍ରୀତି ତମ ଛଳଛଳ
ସୁଶୀତଳ ଗଙ୍ଗା ଜଳ;

ତମ ଲାଗି ମନ-ମରୁ
ଆଜି ଏତେ ଶ୍ୟାମଳ..
ଜୀବନେ ମୋ ପ୍ରିୟତମା
ତମେ ଏତେ ନିଜର ।

ପଣତ ଘୋଡ଼ାଇ ମୋତେ
ସରାଗରେ ରଖିଛ
ଓଢ଼ଣାର ଆଢୁଆଳେ
ଜହ୍ନ ଭଳି ହସୁଛ;
କର ନିତି ସୁମନାସ
ଚାହଁ ପୁଣି ମୋ ଆଶିଷ;

ମୋ ଆଖି ଆଇନା ଦେଖି
ପିନ୍ଧ ନିତି ସିନ୍ଦୂର..
ଜୀବନେ ମୋ ପ୍ରିୟତମା
ତମେ ଏତେ ନିଜର ।


ପାଟପୁର, କନିସି, ଗଞ୍ଜାମ
ମୋ-୯୯୩୮୬୧୯୯୮୧


### ପର ଚର୍ଚ୍ଚା କର କିଆଁ
### ପ୍ରଦୀପ୍ତ କୁମାର ଦାସ



ଯାହାର ଯାହା କହିବାର ଅଛି
ମୋତେ ସାମ୍ନା କରି କୁହ -
କାହାର କିଛି ପାଇବାର ଥିଲେ
ମୋ ଯୋଗାଯୋଗରେ ରୁହ,
ଅନ୍ୟକୁ ଆକ୍ଷେପ କରିବା ଆଗରୁ
ନିଜକୁ ଭଲକି ପଢ଼ -

ଅନ୍ୟ କାହା ସାଥେ ଲଢ଼ିବା ଆଗରୁ
ନିଜ ସାଥେ ଆଗ ଲଢ଼,
ନିଜ ପରିବାର କରି ପରିହାର
ପର ଚର୍ଚ୍ଚା କର କିଆଁ ? -

ଜାଣି ଜାଣି ନିନ୍ଦା ଯତୁ ଘରେ ତୁମେ
ନଲଗା ମିଛର ନିଆଁ,
ଖରାପ ଚଷମା ପିନ୍ଧିକି ଅନ୍ୟକୁ
ନଭାବ ଖରାପ କେବେ -
ନୋହିଲେ ନିୟତି ତୁମ କୁକର୍ମର
ଉପଯୁକ୍ତ ଶାସ୍ତି ଦେବେ ।


କଣ୍ଟାବଣିଆ,ଯାଜପୁର
ପିନ୍ -୭୫୫୦୧୩
ମୋ -୮୫୯୪୮୮୫୮୯୮


### କେମିତି ହୋଇବ ଉନ୍ନତି
### କୁନା ସେଠୀ




ଜ୍ଞାନିଗଣ ଯଦି ଓଡ଼ିଆ ଭାଷାଠୁ
ରହିବେ ଦୁରେଇ ନିଜେ
ନିଜ ପୁଅ ଝିଅ ଓଡ଼ିଆ ନ କହି
କହିବେ ଓଡ଼ିଆ ବାଜେ
ମୁଣ୍ଡ ଟେକିପାରିବାକି ଲାଜେ
ମାତୃଭାଷା ଯଦି ମମତା ହରାଏ
ବଞ୍ଚିପାରିବକି ସଜେ ।

ସୀମାନ୍ତରେ ଥାଇ ଓଡ଼ିଆ ବୋଲାଇ
ଓଡ଼ିଆ ନ ଥିଲେ ପାଟିରେ
ଓଡ଼ିଶାର ବୋଲି କେମିତି ଚିହ୍ନିବେ
କୁହ କୁହ ଭାଇ ସତରେ
ଦିନ ହେଉ ଅବା ରାତିରେ
ଓଡ଼ିଶାର ପ୍ରୀତି ନ ରହିଲେ ବାବୁ
ଓଡ଼ିଆ କେମିତି ଜାତିରେ ।

ଭାବ ବୁଝିବାକୁ ମାତୃଭାଷା ସିନା
ସହଜ ସରଳ ପଥ
ଅନ୍ୟଭାଷାରେ କି ଗଡାଇ ହୋଇବ
ଜୀବନ ଧାମର ରଥ
ଏଇ ତ ଅଡୁଆ ବଥ
ଅଡୁଆ ଭିତରେ ମୁସ୍କିଲ ଅଟେ
ଭାଷା ରାଇଜର ପଥ ।

ଓଡ଼ିଆ ବୋଲି ଯେ ଗର୍ବ କରିବାକୁ
ଭାଷା ଟା ନିହାତି ଅଟେ
ଭାଷା ବିନା କେବେ କେଉଁ ରାଇଜ ବି
ଉଧେଇ ପାରେନି ମୋଟେ
ସମ୍ମାନ ଟା ତଳେ ଲୋଟେ
ଭାଷାର ସାରଥୀ ଭାଷା ମହାରଥୀ
ଉଚ୍ଚ ଆସନ କୁ ଭେଟେ ।


ଭୁତସରସିଙ୍ଗି, ପୁରୁଷୋତ୍ତମପୁର,
ଗଞ୍ଜାମ





# ପାରିକରିବେ ଭୋଲାଶଙ୍କର-୨



ନିକଟରେ ନୂଆ ଚଳଚ୍ଚିତ୍ର 'ପାରିକରିବେ ଭୋଲାଶଙ୍କର-୨'ର ସଙ୍ଗୀତ ଲୋକାର୍ପିତ ହୋଇଯାଇଛି । ଜୀ-ସାର୍ଥକ ବ୍ୟାନରରେ ନିର୍ମିତ 'ପାରିକରିବେ ଭୋଲାଶଙ୍କର'ର ଚଳଚ୍ଚିତ୍ରର ଆଶାଜନକ ସଫଳତା ପରେ ଆଉ ଏକ ଭିନ୍ନ କାହାଣୀକୁ ନେଇ ନିର୍ମାଣ ହୋଇଛି ଏହାର ସିକୁଏଲ୍ । ଭୁବନେଶ୍ୱରର ଏକ ତାରକା ହୋଟେଲ୍‌ରେ ଏହି ଲୋକାର୍ପଣ ଉତ୍ସବରେ ଜୀ ସାର୍ଥକ ଚ୍ୟାନେଲ୍‌ର ମୁଖ୍ୟ ଅଧିକାରୀ ପ୍ରତୀକ ସିଲ, ଜୀ ସାର୍ଥକ ଫିଲ୍ମସ କାର୍ଯ୍ୟନିର୍ବାହୀ ପ୍ରଯୋଜକ ତନ୍ମୟ ମିଶ୍ରଙ୍କ ସମେତ ଚଳଚ୍ଚିତ୍ରର ପ୍ରଯୋଜକ ସୁନୀଲ କୁମାର ପଟ୍ଟନାୟକ, ନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ସାହୁ (ବାପି), ଅଭିନେତା ରାକେଶ ଦେଓ, ଅଭିନେତ୍ରୀ ଲିପିକା ସେନାପତି, ପ୍ରଦ୍ୟୁମ୍ନ ଲେଙ୍କା ଓ ସୋମୁ ପ୍ରମୁଖ ଉପସ୍ଥିତ ଥିଲେ । ଡାକ୍ତର ପ୍ରଭାକର ସଞ୍ଜିବନୀ ତିଆରି କରିଛନ୍ତି ଏମିତି ଏକ ସୂତ୍ର ଯାହା ଯେ କୌଣସି ବିଷକୁ କାଟି ପାରିବ କିନ୍ତୁ ସେହି ସୂତ୍ର ମନ୍ଦ ଉଦ୍ଦେଶ୍ୟ ରଖିଥିବା ଡାକ୍ତର ରୟଙ୍କ ପାଖରୁ ବଞ୍ଚାଇବାକୁ ଯାଇ ନିଜ ପୁଅକୁ ହଜାଇ ଦେଇଛନ୍ତି । ଭୋଲାଶଙ୍କରଙ୍କ ଅଶୀର୍ବାଦରୁ କାଳକ୍ରମେ ପୁଅ ବଡ଼ ହେଇଛି, ତା'ର ନାର୍ ହେଉଛି ଅଛି ଶଙ୍କର ଏବଂ ତା'ପାଖରେ ଚମତ୍କାର ଶକ୍ତି ମଧ ରହିଛି । ଏହି ଶକ୍ତି ସେ କେବଳ ଲୋକଙ୍କ ଭଲ ପାଇଁ ବ୍ୟବହାର କରିଛି । ହେଲେ ତାର ଚମତ୍କାର ଶକ୍ତି କଥା ଡାକ୍ତର ରୟଙ୍କ କାନରେ ପଡ଼ିଛି । ସେ ଅନୁସନ୍ଧାନ କରି ଜାଣିଛନ୍ତି ଶଙ୍କର କିଏ ଓ ଡାକ୍ତର ପ୍ରଭାକର ସଞ୍ଜିବନୀ ତିଆରି କରିଥିବା ଫର୍ମୁଲା କୋଉଠି ଅଛି । ୨୫ ବର୍ଷ ତଳୁ ଏହି ଫର୍ମୁଲା ଖୋଜିବାରେ ସେ ଲାଗିପଡ଼ିଛନ୍ତି ।

ହେଲେ ଫର୍ମୁଲା କୋଉଠି ଅଛି, ଡାକ୍ତର ରୟ କେମିତି ଜାଣୁଛନ୍ତି ଡାକ୍ତର ପ୍ରଭାକର କଥା, ଡାକ୍ତର ପ୍ରଭାକର କ'ଣ ନିଜ ପୁଅକୁ ଫେରିପାଉଛନ୍ତି, ଡାକ୍ତର ପ୍ରଭାକର ଓ ଶଙ୍କର କ'ଣ ଫର୍ମୁଲା ବଞ୍ଚାଇପାରୁଛନ୍ତି । ଏମିତି ଏକ ନିଆରା କାହାଣୀକୁ ନେଇ ଏପ୍ରିଲ୍ ୯ ସନ୍ଧ୍ୟା ୬:୩୦ରେ ଜୀ-ସାର୍ଥକ ରେ ପ୍ରସାରିତ ହେବ 'ପାରିକରିବେ ଭୋଲାଶଙ୍କର – ୨' ।

ଗୀତିକାର ନିର୍ମଳ ନାୟକଙ୍କ ରଚିତ ଗୀତରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ପ୍ରଶାନ୍ତ ପାଢ଼ୀ ଏବଂ କଣ୍ଠଦାନ କରିଛନ୍ତି ଅନ୍ତରା ଚକ୍ରବର୍ତ୍ତୀ, ସ୍ୱୟମ୍‌ସ ପାଢୀ, ସତ୍ୟଜିତ ।

# 'ଯିଏ ଭାଇ ଓ ଯାହାଙ୍କୁ ମୁଁ ଭଉଣୀ କରେ ସେମାନଙ୍କ ପାଇଁ ମୁଁ 'ଭାଇଜାନ୍': ବହୁତ ଲୋକଙ୍କ ଜାନ୍ ବି ମୁଁ'

ବଲିଉଡ୍ ଅଭିନେତା ସଲ୍‌ମାନ୍ ଖାନ୍‌ଙ୍କୁ ହତ୍ୟା ଧମକ ମିଳିବା ପରେ ଅଧିକ ଚର୍ଚ୍ଚାରେ ରହିଛନ୍ତି ଦବଙ୍ଗ ବୟ । ତେବେ ହତ୍ୟା ଧମକ ମିଳିବା ପରେ ଏ ନେଇ ସଲ୍‌ମାନ କେବେ ବି ନିଜର ନୀରବତା ଭଙ୍ଗ କରିନଥିଲେ । ତେବେ ନିକଟରେ ସେ ଏନେଇ ନିଜର ମୁହଁ ଖୋଲିଛନ୍ତି । ବିଶ୍ୱାସ କରନ୍ତୁ, ସଲ୍‌ମାନଙ୍କ କଥା ଆପଣଙ୍କୁ ତାଙ୍କ ପ୍ରତି ଆହୁରି ଆକର୍ଷିତ କରିବ ।

ଏକ ସାମ୍ବାଦିକ ସମ୍ମିଳନୀରେ ସଲ୍‌ମାନଙ୍କୁ ପଚରାଗଲା କି 'ସଲ୍‌ମାନ ଭାଇ ଆପଣ ପୂରା ଦେଶର ଭାଇଜାନ୍ । ଆପଣଙ୍କୁ ଯେଉଁ ଧମକ ମିଳେ ତାହାକୁ ଆପଣ କିପରି ନିଅନ୍ତି' ଯାହର ଉତ୍ତରରେ ହସି ହସି ସଲ୍‌ମାନ କହିଥିଲେ, 'ମୁଁ ପୂରା ଭାରତର ଭାଇଜାନ୍ ନୁହେଁ । କାହାର ଜାନ୍ ବି ମୁଁ । ବହୁତ ଲୋକଙ୍କର ଜାନ୍ ମୁଁ । ଭାଇଜାନ୍ କେବଳ ସେମାନଙ୍କ ପାଇଁ ଯିଏ ଭାଇ ଅଟନ୍ତି ଓ ମୁଁ ଯାହାଙ୍କୁ ଭଉଣୀ ବନାଇବାକୁ ଚାହେଁ ।' ଅଭିନେତାଙ୍କର ଏହି ଜବାବ ଏବେ ସୋସିଆଲ୍ ମିଡିଆରେ ଘୂରି ବୁଲିବାରେ ଲାଗିଛି । ଏହାକୁ ଲୋକେ ଖୁବ୍ ସୁନ୍ଦର ମୁହୂର୍ତ୍ତ ବୋଲି କହୁଛନ୍ତି ।

ଉଲ୍ଲେଖଯୋଗ୍ୟ, ମାର୍ଚ୍ଚ ୧୮ ତାରିଖ ଦିନ ଚଳଚ୍ଚିତ୍ର ଅଭିନେତା ସଲ୍‌ମାନ୍ ଖାନ୍ ପାଇଥିବା ହତ୍ୟା ଧମକ ଇ-ମେଲ୍ ଦୁର୍ଦ୍ଦାନ୍ତ ଗ୍ୟାଙ୍ଗ୍‌ଷ୍ଟର ଗୋଲ୍‌ଡି ବ୍ରାର ପଠାଇଥିଲେ । ବଲିଉଡ୍ ଅଭିନେତା ସଲ୍‌ମାନ୍‌ଙ୍କର ଜଣେ ଘନିଷ୍ଠ ସହଯୋଗୀ ଗୋଟାଏ ଇ-ମେଲ୍ ପାଇଥିଲେ । ସେଥିରେ ଜେଲ୍‌ରେ ଥିବା ଗ୍ୟାଙ୍ଗ୍‌ଷ୍ଟର ଲରେନ୍‌ସ୍ ବିଷ୍ଣୋଇଙ୍କ ସହିତ ନିକଟ ଅତୀତରେ ହୋଇଥିବା ସାକ୍ଷାତ୍‌କାର ପ୍ରସଙ୍ଗ ଉଲ୍ଲେଖ ଥିଲା । ସେଥିରେ ସେ କହୁଛନ୍ତି କି, ତାଙ୍କ ଜୀବନର ଲକ୍ଷ୍ୟ ହେଉଛି ସଲ୍‌ମାନ୍‌ଙ୍କୁ ହତ୍ୟା କରିବା ।



# ୩ବର୍ଷ ପରେ ପରସ୍ପରଠାରୁ ଅଲଗା ହେଲେ ପାରସ-ମାହିରା


ଭାଙ୍ଗିଲା ଅଭିନେତା ପାରସ ଛାବ୍ରା ଓ ଅଭିନେତ୍ରୀ ମାହିରା ଶର୍ମାଙ୍କ ପ୍ରେମ ସମ୍ପର୍କ । ବିଗ୍ ବସ୍ ସିଜିନ୍-୧୩ରେ ପ୍ରତିଯୋଗୀ ଭାବେ ଭାଗ ନେବା ପରେ ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଆରମ୍ଭ ହୋଇଥିଲା । ଏହି ରିୟାଲିଟି ସୋ'ରେ ଦୁହେଁ ପରସ୍ପରକୁ ସମର୍ଥନ କରି ଆଗକୁ ବଢ଼ିଥିବା ବେଳେ ସୋ' ଶେଷ ହେବା ପରେ ବି ଦୁହେଁ ସାଙ୍ଗ ହୋଇ ଆଗକୁ ବଢ଼ିଥିଲେ । ବିଗ୍ ବସ୍ ସିଜିନ୍-୧୩ ଶେଷ ହେବାକୁ ୩ବର୍ଷ ବିତିଥିବା ବେ ?ଳେ ଏବେ ଦୁହେଁ ପରସ୍ପରଠାରୁ ଅଲଗା ହୋଇଥିବା ଚର୍ଚ୍ଚା ହେଉଛି ।

ଜାତୀୟ ଗଣମାଧ୍ୟମ ମୁତାବକ, ପାରସଙ୍କୁ ଇନଷ୍ଟାରେ ଅନଫଲୋ କରିବା ସହ ତାଙ୍କ ସହିତ ଉଠାଇଥିବା ସବୁ ଫଟୋକୁ ସୋସିଆଲ ମିଡିଆରୁ ହଟାଇଦେଇଛନ୍ତି ମାହିରା । କୁହାଯାଉଛି ଯେ, ଅନେକ ଦିନ ଧରି ଦୁହିଁଙ୍କ ମଧ୍ୟରେ ଝଗଡ଼ା ଲାଗି ରହିଥିଲା । ଏହି କାରଣରୁ ମାହିରା ବ୍ରେକଅପ କରିବା ସହ ଏବେ ତାଙ୍କର ଅବସ୍ଥା ଭଲ ନାହିଁ । ମାନସିକସ୍ତରରେ ସେ ଭାଙ୍ଗିପଡ଼ିଥିବା ଚର୍ଚ୍ଚା ହେଉଛି । ତେବେ ଦୁହିଁଙ୍କ ମଧ୍ୟରେ କାହିଁକି ଝଗଡ଼ା ହେଉଥିଲା ପେସାଦାର ଜୀବନକୁ ନେଇ ନା ଅନ୍ୟ କେଉଁଣସି ଯୁବତୀଙ୍କ ପାଇଁ ଝଗଡ଼ା ହେଉଥିଲା, ତାହା ସାମ୍ନାକୁ ଆସିନାହିଁ ।

୨୦୨୧ ମସିହାରେ ଇ-ଟାଇମ୍ସକୁ ଦେଇଥିବା ଏକ ସାକ୍ଷାତକାରରେ ପାରସ କହିଥିଲେ, "ମୁଁ ଏବେ ବି ମହିରା ଶର୍ମାଙ୍କୁ ବିବାହ କରିବାକୁ ଚାହୁଁଛି । ସେ ଏକ ସୁନ୍ଦର ଝିଅ ଏବଂ ସେ ମୋର ବହୁତ ଭଲ ବନ୍ଧୁ । ମୁଁ ମୋହାଲିରେ ତାଙ୍କ ବିଲ୍ଡିଂରେ ଏକ ନୂଆ ଘର କିଣିଛି । ଅଧିକାଂଶ ସମୟ ଆମେ ଏକାଠି ରହୁ । ଯେହେତୁ ମୋ ମା' ମଧ ମୋ ସହିତ ରୁହନ୍ତି, ସେଥିପାଇଁ ମାହିରା ଏବଂ ମୋ ମା'ଙ୍କ ମଧ୍ୟରେ ସମ୍ପର୍କ ଭଲ । ସେମାନେ ଏକାଠି ଜିନିଷ କିଣିବାକୁ ଯାଆନ୍ତି । ଆମର ସମ୍ପର୍କ ବର୍ତ୍ତମାନ ବହୁତ ଭଲ । ଆମେ ଚାହୁଁ ଆମର ସମ୍ପର୍କର ପ୍ରଗତି ସ୍ୱାଭାବିକ ହେଉ ।"




# ନିର୍ଦ୍ଦେଶକ ସନ୍ତୁଷ୍ଟ ନଥିବାରୁ ଆଉ ଥରେ ସୁଟିଂ ହେବ ପୁଷ୍ପା-୨, ୨୦୨୩ରେ ରିଲିଜ ହେବନି ଫିଲ୍ମ !




ତେଲୁଗୁ ଚଳଚ୍ଚିତ୍ର 'ପୁଷ୍ପା : ଦ ରାଇଜ୍'ର ଅଭୂତପୂର୍ବ ସଫଳତା ପରେ ଏବେ ନିର୍ମାଣ ହେଉଛି ଏହାର ଦ୍ୱିତୀୟ ଭାଗ 'ପୁଷ୍ପା : ଦ ରୁଲ୍' । ପ୍ରଥମ ଭଗର କାହାଣୀ, ଗୀତ ଓ ଡାଏଲଗ ଲୋକପ୍ରିୟ ହୋଇଥିବା ବେଳେ ଦ୍ୱିତୀୟ ଭାଗକୁ ବ୍ଲକବଷ୍ଟର କରିବାକୁ ଯୋଜନା କରୁଛନ୍ତି ନିର୍ମାତା । ପ୍ରଥମ ଭାଗ ସୁପରହିଟ ହେବା ପରେ ଦ୍ୱିତୀୟ ଭାଗ ୨୦୨୩ରେ ରିଲିଜ୍ କରିବାକୁ ନିର୍ମାତା ଅଣ୍ଟା ଭିଡିଥିଲେ । ହେଲେ ଏବେ ଫିଲ୍ମକୁ ନେଇ ଏକ ବଡ଼ ଖବର ସାମ୍ନାକୁ ଆସୁଛି ।

କୁହାଯାଉଛି ଯେ, ଏପର୍ଯ୍ୟନ୍ତ ପୁଷ୍ପା-୨ର ଯାହା ବି ସୁଟିଂ ହୋଇଥିଲା, ତାକୁ ନେଇ ଖୁସିନାହାନ୍ତି ନିର୍ଦ୍ଦେଶକ ସୁକୁମାର । ଏଥିପାଇଁ ସେ ପୁଣି ଥରେ ଆରମ୍ଭରୁ ଫିଲ୍ମର ସୁଟିଂ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଅଲ୍ଲୁ ଅର୍ଜୁନଙ୍କ ଜନ୍ମଦିନରେ ପୁଷ୍ପା-୨ର ଟିଜର ରିଲିଜ୍ ହେବ ବୋଲି କୁହାଯାଉଥିବା ବେଳେ ଏବେ ଏଭଳି ଖବର ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଏହା ମଧ୍ୟ କୁହାଯାଉଛି ଯେ, ନିର୍ଦ୍ଦେଶକ କିଛି ମାସ ବିରତି ନେଇ ୩ମାସ ପରେ ଫିଲ୍ମର ସୁଟିଂ ଆରମ୍ଭ କରିବେ । ତେବେ ଏପର୍ଯ୍ୟନ୍ତ କେ ?ଣସି ଅଧିକାରୀକ ସୂଚନା ମିଳିନଥିବାରୁ ଚର୍ଚ୍ଚା ହେଉଥିବା କଥା ସତ କି ନୁହଁ, ତାହା ସ୍ପଷ୍ଟ ହୋଇପାରିନାହିଁ ।

ଏହା ପୂର୍ବରୁ ଚର୍ଚ୍ଚା ହୋଇଥିଲା ଯେ, ଫିଲ୍ମର ରାଇଟ୍ସକୁ ୧୦୫୦ କୋଟିରେ ବିକ୍ରି କରିବାକୁ ଅଲ୍ଲୁ ଅର୍ଜୁନ ନିଷ୍ପତ୍ତି ନେଇଛନ୍ତି । 'ପୁଷ୍ପା'ର ଅପାର ସଫଳତା ପରେ ଅଲ୍ଲୁ ଅର୍ଜୁନଙ୍କ ପ୍ରଶଂସକଙ୍କ ମଧ୍ୟରେ କ୍ରେଜ୍ ଦେଖିବାକୁ ମିଳୁଥିବା ବେଳେ ଏବେ ନିର୍ମାତା ଏହାର ରାଇଟ୍ସକୁ ବିପୁଳ ଟଙ୍କାରେ ବିକ୍ରି କରିବାକୁ ଚାହୁଛନ୍ତି ।



# ବ୍ରେକଅପ୍ ପରେ ପୁଣି ଥରେ ରହ୍‌ମାନଙ୍କୁ ଡେଟ୍ କରୁଛନ୍ତି ସୁସ୍ମିତା

ବ୍ରେକଅପ୍ ପରେ ପୁଣି ଥରେ ପୂର୍ବ ପ୍ରେମିକ ରହମାନ ସଲଙ୍କୁ ଡେଟ୍ କରୁଛନ୍ତି ବଲିଉଡ ଅଭିନେତ୍ରୀ ସୁସ୍ମିତା ସେନ୍ । ଭିଡିଓ ଭାଇରାଲ ପରେ ହେଲା ଚର୍ଚ୍ଚା । ମାର୍ଚ୍ଚ ୨୦୨୨ରେ ପ୍ରେମିକ ରହମାନ ସଲଙ୍କଠାରୁ ସୁସ୍ମିତା ଅଲଗା ହେଉଥିବା ନେଇ ଘୋଷଣା କରିଥିଲେ । ହେଲେ ପରେ ଦୁହିଁଙ୍କୁ ଅନେକ ଥର ଏକାଠି ଦେଖିବାକୁ ମିଳିଥିଲା ।

ଏବେ ଦୁହିଁଙ୍କ ବ୍ୟାୟାମ କରୁଥିବାର ଭିଡିଓ ଭାଇରାଲ ହେବା ପରେ ସୁସ୍ମିତା, ରହମାନଙ୍କୁ ପୁଣି ଥରେ ଡେଟ କରିବା ଆରମ୍ଭ କରିଥିବା ଚର୍ଚ୍ଚା ହେଉଛି । ଭିଡିଓଟି ସୁସ୍ମିତା ନିଜ ଇନଷ୍ଟା ଆକାଉଣ୍ଟରେ ସେୟାର କରିଛନ୍ତି ।

ଏହି ଭିଡିଓରେ ସେ ଖୁବଶୀଘ୍ର ଆର୍ଯ୍ୟାର ଆଗାମୀ ସିଜିନ୍ ପାଇଁ ସୁଟିଂ ଆରମ୍ଭ କରିବେ ବୋଲି ସୂଚନା ଦେଇଛନ୍ତି । ସୁସ୍ମିତା ଭିଡିଓ ସେୟାର କରିବା ପରେ ଦୁହିଁଙ୍କ ପ୍ରଶଂସକଙ୍କୁ ଭିଡିଓଟି ପସନ୍ଦ ଆସିଛି । ବ୍ରେକଅପ ପରେ ଦୁହେଁ ପୁଣି ପରସ୍ପରର ପ୍ରେମରେ ପଡ଼ିଥିବା ପ୍ରଶଂସକମାନେ କହିବା ଆରମ୍ଭ କରିଛନ୍ତି ।

ତେବେ ମାର୍ଚ୍ଚ ମାସରେ ହୃଦଘାତର ଶିକାର ହୋଇଥିବାର ଖବର ଦେଇଥିଲେ ସୁସ୍ମିତା । ହୃଦଘାତ ପରେ ତାଙ୍କର ଆଞ୍ଜିଓପ୍ଲାଷ୍ଟି କରାଯାଇଥିଲା ଏବଂ ଏହା ପରେ ସେ ବିଶ୍ରାମ ନେଇଥିଲେ । ତାଙ୍କର ମୁଖ୍ୟ ଧମନୀରେ ୯୫% ବ୍ଲକେଜ ହୋଇଥିଲା ବୋଲି ସେ ଜଣାଇଥିଲେ । ଏବେ ସେ ସୁସ୍ଥ ହୋଇଥିବା ବେଳେ ପୁଣି ଥରେ ବ୍ୟାୟାମ କରିବା ଆରମ୍ଭ କରିଛନ୍ତି ।

# ନକଲି ସାର୍ଟିଫିକେଟ ମାମଲାର କ୍ରାଇମବ୍ରାଂଚ ତଦନ୍ତକୁ ନେଇ ଉଠିଲା ପ୍ରଶ୍ନ

ବଲାଙ୍ଗିର , ୬/୦୪ (ନି.ପ୍ର): ବଲାଙ୍ଗୀରର ନକଲି ସାର୍ଟିଫିକେଟ କାରବାରର ଚେର ରାଜ୍ୟର ବିଭିନ୍ନ ଜିଲ୍ଲା ତଥା ରାଜ୍ୟବାହାରକୁ ଲମ୍ବିଥିବା ସନ୍ଦେହ କରାଯାଉଛି । ଯେହେତୁ ଏକ ବଡ ର୍ୟାକେଟ ଦ୍ୱାରା ଏହା ପରିଚାଳିତ ହେଉଛି ଓ ଅନେକ ବିଭାଗର ଚାକିରିରେ ଏହି ନକଲି ସାର୍ଟିଫିକେଟ ବ୍ୟବହାର ହୋଇସାରିଛି ତେଣୁ କିଛି ପ୍ରଭାବଶାଳୀ ଲୋକଙ୍କ ସଂପୃକ୍ତି ଥିବା ମଧ ସନ୍ଦେହ କରାଯାଇଛି । ସେଥିପାଇଁ ରାଜ୍ୟସରକାର ଏହି ମାମଲାର ତଦନ୍ତ ଜିଲ୍ଲା ପୋଲିସ ଠାରୁ ନେଇ କ୍ରାଇମବ୍ରାଞ୍ଚକୁ ଦେଇଛନ୍ତି । କ୍ରାଇମବ୍ରାଞ୍ଚର ଜଣେ ଡିଏସପି ଦେବବ୍ରତ ଚକ୍ରଙ୍କ ନେତୃତ୍ୱରେ ଏକ ୫ଜଣିଆ ଟିମ ଆସି ମାମଲାକୁ ତଦନ୍ତ କରୁଛନ୍ତି । କିନ୍ତୁ ୫ଦିନ ପୂର୍ବରୁ ପୋଲିସ ଯେତେ ପର୍ଯ୍ୟନ୍ତ ତଦନ୍ତ କରିଥିଲା ଆଜି ମଧ ସେହି ଅବସ୍ଥାରେ ରହିଛି । ଗତ ୫ଦିନ ହେଲା ପୋଲିସ କେବଳ ଫର୍ମାଲିଟି ମେନଟେନ କରି ପୋଲିସ ଯେତେ ପର୍ଯ୍ୟନ୍ତ ତଦନ୍ତ କରିଥିଲା ସେହି ଭିତରେ ହିଁ ଗୋଲ ଗୋଲ ଘୁରୁଛି । ସେହି ପୋଷ୍ଟଅଫିସ, ରିଲାଏନ୍ସ କୋଚିଂସେଣ୍ଟର, ଥାନା ଓ ଅଭିଯୁକ୍ତ ମନୋଜ, ଆଲୋକ ରେ ତଦନ୍ତକୁ ସୀମିତ ରଖିଛି । କ୍ରାଇମବ୍ରାଞ୍ଚକୁ ମାମଲା ଯିବା ପୂର୍ବରୁ ପୋଲିସ ରାଜ୍ୟ ବାହାରକୁ ଯାଇ ନକଲି ସାର୍ଟିଫିକେଟର ଲିଙ୍କ ଖୋଜିବାର ବ୍ୟବସ୍ଥା କରିଥିଲା । କିନ୍ତୁ କ୍ରାଇମବ୍ରାଞ୍ଚ ସେଦିଗକୁ ଯିବାକୁ ଚିନ୍ତା ମଧ କରିନାହିଁ ଭଳି ଜଣା ପଡିଛି । ଗତକାଲି ମନୋଜ ମିଶ୍ର,ଅଲୋକ ଉଦଗାତା, ତ୍ରୀବିହାରୀ ପଣ୍ଡା ଓ ପରେଶ ବୁଡେକଙ୍କୁ ରିମାଣ୍ଡରେ ଆଣିବାକୁ କୋର୍ଟରୁ ଅନୁମତି ପାଇଛି । ଆଜି ଅପରାହ୍ନ ୪ଟାରେ ଅଭିଯୁକ୍ତମାନଙ୍କୁ ଜେଲରୁ କ୍ରାଇମବ୍ରାଞ୍ଚ ଆଣିବ ବୋଲି କୁହାଯାଉଛି । ବଲାଙ୍ଗୀରରେ କ୍ରାଇମବ୍ରାଞ୍ଚ ଟିମ୍ ତଦନ୍ତ କରୁଥିଲେ ହେଁ ବଲାଙ୍ଗୀର ଗଣମାଧମକୁ ମଧ ସୂଚନା ଦିଆଯାଉନାହିଁ । ତେଣୁ ଗଣମାଧମ ପ୍ରତିନିଧିମାନେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି । ତଦନ୍ତର ଗତିକୁ ନେଇ ଲୋକଙ୍କ ମନରେ ସନ୍ଦେହ ଜାତ ହେଉଛି । ଯେହେତୁ ଗତ ୪ଦିନ ହେଲା କେବଳ କିଛି ଅଂଶକୁ ନେଇ ତଦନ୍ତ କରୁଥିବା ଆଳରେ ଦିନ ଗଡାଇ ଚାଲିଛନ୍ତି । ଆଜି କ୍ରାଇମବ୍ରାଞ୍ଚ ଟିମ ଦିନ ୧୧ଟା ବେଳେ ବଲାଙ୍ଗୀର ମୁଖ୍ୟ ଡାକଘରକୁ ଯାଇ ଡାକ ଡିଭିଜନର ଅଧିକ୍ଷକ ରାଜେନ୍ଦ୍ରକୁମାର ପଟ୍ଟନାୟକଙ୍କ ସହିତ ଆଲୋଚନା କରିବା ସହିତ ଜାଲ ନଥିପତ୍ର ଦେଇ କିଭଳି ଚାକିରି ହାତେଇଥାନ୍ତେ ସେ ବିଷୟରେ ଆଲୋଚନା କରିଥିଲେ । ଆଜି ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଆଣି ସାରିଲା ପରେ ନକଲି ସାର୍ଟିଫିକେଟ କିଣିଥିବା ଯୁବକମାନଙ୍କ ସହିତ ମୁହାଁମୁହିଁ କରାଇ ତଦନ୍ତ କରିପାରନ୍ତି ବୋଲି କୁହାଯାଉଛି । ନକଲି ସାର୍ଟିଫିକେଟର କ୍ରେତା ଓ ବିକ୍ରେତା ଉଭୟ ମୁହାଁମୁହିଁ ହେଲେ ଅନେକ ରହସ୍ୟ ଫିଟିବ ବୋଲି କୁହାଯାଉଛି ।

କ୍ରାଇମବ୍ରାଞ୍ଚ ବଲାଙ୍ଗୀର ଏସଡିଜେଏମ କୋର୍ଟରେ ମୁଖ୍ୟଅଭିଯୁକ୍ତ ମନୋଜ ମିଶ୍ର ଓ ଆଲୋକ ଉଦଗାତାଙ୍କ ସହିତ ଆଉ ଦୁଇଜଣ ସାର୍ଟିଫିକେଟଧାରୀ ତ୍ରୀବିହାରୀ ପଣ୍ଡା ଓ ପରେଶ ବୁଡେକଙ୍କୁ ରିମାଣ୍ଡରେ ଆଣିବାକୁ ଆବେଦନ କରିଥିଲେ । ଅଧିକ ତଦନ୍ତ ପାଇଁ ଏହି ଚାରିଜଣଙ୍କୁ ୫ଦିନିଆ ରିମାଣ୍ଡ ଆବେଦନ କରାଯାଇଥିଲେ ହେଁ କୋର୍ଟ ମାତ୍ର ୩ଦିନିଆଁ ରିମାଣ୍ଡ ପାଇଁ ଅନୁମୋଦନ କରିଛନ୍ତି । ମାନ୍ୟବର କୋର୍ଟଙ୍କ ଅନୁମତି ପରେ ୪ଜଣଙ୍କୁ ରିମାଣ୍ଡରେ ଆଣି ତଦନ୍ତକୁ ବଢାଇବ । ଅଭିଯୁକ୍ତ ମନୋଜ ମିଶ୍ର,ତାଙ୍କ ସହଯୋଗୀ ଆଲୋକ ଉଦଗାତାଙ୍କ ଘରକୁ ମଧ ସର୍ଚ୍ଚ କରାଯାଇଛି ଗତକାଲି । ଏମାନଙ୍କ କଳାକାରନାମା ତଥା ବେଆଇନ ଆର୍ଥିକ କାରବାରରେ କିଏ କିଏ ସାମିଲ ଅଛନ୍ତି ସେନେଇ ତଦନ୍ତ କରାଯାଉଛି । ଏହା ସହିତ ଏମାନଙ୍କ ଘନିଷ୍ଠ କିଛି ପରିବାର ବର୍ଗଙ୍କୁ ତଦନ୍ତ ପାଇଁ ନୋଟିସ କରାଯାଇଥିବା କ୍ରାଇମବ୍ରାଞ୍ଚ ସୂଚନା ଦେଇଛି । ପ୍ରକାଶ୍ୟ ଯେ,ପୋଷ୍ଟାଲ ନିଯୁକ୍ତିରେ ଜାଲସାର୍ଟିଫିକେଟ ଦେଇ ୩୭ଜଣ ପ୍ରାର୍ଥି ଆବେଦନ କରିଥିବା ନେଇ ଗତ ମାର୍ଚ୍ଚ ୨୪ ତାରିଖରେ ଅଭିଯୋଗ ହୋଇଥିଲା । ଏହି ଅଭିଯୋଗ ଆଧାରରେ ମାମଲା ନମ୍ବର ୧୪୧/୨୦୨୩ ଦଫା ୪୬୭/୪୬୮/୪୭୧/୩୪ ଆଇପିସି ଓ ମାର୍ଚ୍ଚ ୨୬ରେ ମାମଲା ନମ୍ବର-୧୪୩/୨୦୨୩ ଦଫା ୪୨୦/୪୬୫/୪୬୭/୪୬୮/୪୭୧/୩୪ ଆଇପିସିରେ ମାମଲା ରୁଜୁ ହୋଇଥିଲା । ଏହି ମାମଲାକୁ ତଦନ୍ତ କରିବାକୁ ରାଜ୍ୟସରକାର କ୍ରାଇମବ୍ରାଞ୍ଚକୁ ଦାୟୀତ୍ୱ ଦେଲେ । ଫଳରେ କ୍ରାଇମବ୍ରାଞ୍ଚ୍ ? ଥାନା କେସ ନମ୍ବର-୫/୨୦୨୩ ଓ କେସ ନମ୍ବର-୬/୨୦୨୩ ରୁଜୁ କରି କ୍ରାଇମବ୍ରାଞ୍ଚ ଡିଏସପି ଦେବବ୍ରତ ଚକ୍ରଙ୍କୁ ତଦନ୍ତ ଦାୟୀତ୍ୱ ଦିଆଯାଇଛି । ବଲାଙ୍ଗୀର ପୋଲିସ ଏହି ମାମଲାରେ ମୋଟ ୧୯ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେପଟେ ଅଭିଯୁକ୍ତ ମାଷ୍ଟରମାଇଣ୍ଡ ମନୋଜ ମିଶ୍ର କଳାଧନରେ ଅନେକଗୁଡିଏ ପ୍ଲଟ,ସୁନା ଗହଣା ଇତ୍ୟାଦି କିଣିଥିବା ବିଷୟରେ ତଦନ୍ତକାରୀ ସଂସ୍ଥା ସୂଚନା ପାଇଛି । ସେହି ସବୁ ସଂମ୍ପତ୍ତି ଆଟାଚ କରାଯାଇପାରେ ବୋଲି ଆଲୋଚନା ହେଉଛି ।

# ଓବିସି ସର୍ଭେ ଲାଗି ତାଲିମ୍ ପ୍ରଦାନ

ଛତ୍ରପୁର, ୬/୦୪ (ନି.ପ୍ର): ଓଡିଶାରେ ଥିବା ପଛୁଆ ବର୍ଗର ଲୋକ ମାନଙ୍କର ସାମାଜିକ ତଥା ଶିକ୍ଷାଗତ ସ୍ଥିତି ସଂକ୍ରାନ୍ତରେ ଗଞ୍ଜାମ ଜିଲ୍ଲାର ସର୍ଭେ କାର୍ଯ୍ୟ ଅନୁଷ୍ଠିତ ହେବ । ଏହି ଉପଲକ୍ଷେ ବୁଧବାର ଋଷିକୂଲ୍ୟା ସମ୍ମିଳନୀ କକ୍ଷ ଠାରେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଓଡିଶା ପଛୁଆ ବର୍ଗର ଲୋକ ମାନଙ୍କର ସାମାଜିକ ଓ ଶିକ୍ଷାଗତ ସ୍ଥିତି ସଂକ୍ରାନ୍ତରେ ସର୍ଭେ ତାଲିମ୍ ପ୍ରଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସର୍ଭେ କାର୍ଯ୍ୟ ଯଦି ସଠିକ ହୁଏ ଜିଲ୍ଲାରେ ରହୁଥିବା ପଛୁଆ ବର୍ଗ ଲୋକ ମାନଙ୍କର ସାମାଜିକ ଓ ଶିକ୍ଷାଗତ ସ୍ଥିତି ସୁଦୃଢ ହୋଇ ପାରିବ । ସର୍ଭେ କାର୍ଯ୍ୟକ୍ରମ ଯେପରି ନିର୍ଭୁଲ ଭାବେ ହୋଇ ପାରିବ ଏଥି ନିମନ୍ତେ ଆବଶ୍ୟକୀୟ ତାଲିମ ପ୍ରଦାନ ସଠିକ ଭାବରେ କରିବାକୁ ମାଷ୍ଟର ଟ୍ରେନର୍ ମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି ଅନ୍ୟତମ ଅତିଥି ଭାବେ ଯୋଗଦାନ କରି ପରାମର୍ଶ ଦେଇଥିଲେ । ସମଗ୍ର ରାଜ୍ୟରେ ଓବିସି ସର୍ଭେ ମଇ ମାସ ୧ ତାରିଖରୁ ଆରମ୍ଭ ହୋଇ ମଇ ମାସ ୨୦ ତାରିଖ ପର୍ଯ୍ୟନ୍ତ ଏବଂ ତା ପରେ ମଇ ୨୧ ତାରିଖ ଠାରୁ ମଇ ୨୫ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରତାପ ଚନ୍ଦ୍ର ପ୍ରଧାନ ଆନୁମରେଟର୍ ଓ ସୁପରଭାଇଜର୍ ମାନଙ୍କ ଭୂମିକା ଉପରେ ତାଲିମ୍ ପ୍ରଦାନ କରିଥିଲେ । ଡେପୁଟି କଲେକ୍ଟର (ରାଜସ୍ୱ) ଦୟାସିନ୍ଧୁ ପରିଡା ସେମାନଙ୍କୁ ଦିଆ ଯାଇଥିବା କୋଡ୍ ନମ୍ବର, ଆଇ.ସି.ଆର୍ ସର୍ଭେ ଫର୍ମ ସମ୍ବନ୍ଧରେ ବିସ୍ତୃତ ସୂଚନା, ଆଇ.ସି.ଆର୍. ଫର୍ମର ବ୍ୟବହାର, ସଠିକ କୋଡ୍ ସହିତ ଆଇ.ସି.ଆର୍. ସର୍ଭେ ଫର୍ମ ପୂରଣ କରିବା ବିଷୟରେ ତାଲିମ୍ ପ୍ରଦାନ କରିଥିଲେ । ଏନୁମରେଟର୍ ଓ ସୁପରଭାଇଜର୍ ମାନଙ୍କ ଦ୍ୱାରା ସଂଗ୍ରହ କରାଯାଇଥିବା ଦୈନନ୍ଦିନ ତଥ୍ୟ, ପୋର୍ଟାଲ ରେଜିଷ୍ଟ୍ରେସନ୍, ମୋବାଇଲ୍ ଆପ୍ଲିକେସନ୍ ରେ କିପରି ଟ୍ୟାଗ୍ କରାଯାଇ ପାରିବ ସେ ସମ୍ପର୍କରେ ଉପଜିଲ୍ଲାପାଳ ବ୍ରହ୍ମପୁରଙ୍କ କାର୍ଯ୍ୟାଳୟର ଡେପୁଟି କଲେକ୍ଟର ଶ୍ରୀମତୀ ଶୁଭଶ୍ରୀ ରଥ ତାଲିମ୍ ପ୍ରଦାନ କରିଥିଲେ । ଏହି ସର୍ଭେ ମାଧ୍ୟମରେ ମୁଖ୍ୟତଃ ପଛୁଆ ବର୍ଗର ଲୋକ ମାନଙ୍କର ବୃତ୍ତି, ଶିକ୍ଷାଗତ ଯୋଗ୍ୟତା ସହିତ ସେମାନଙ୍କ ପରିବାରର ଲୋକମାନେ କେଉଁ ପ୍ରକାରର ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରିଛନ୍ତି ସେ ବିଷୟରେ ସୂଚନା ମିଳିବା ଦ୍ୱାରା ସେମାନଙ୍କ ସାମାଜିକ ଓ ଶିକ୍ଷାଗତ ସ୍ଥିତି ସମ୍ବନ୍ଧରେ ସଠିକ ତଥ୍ୟ ପ୍ରାପ୍ତ ହୋଇ ପାରିବ । ସର୍ଭେ କାର୍ଯ୍ୟକ୍ରମକୁ ସଫଳ ଭାବେ ପରିଚାଳନା କରିବା ନିମନ୍ତେ ଏନୁମରେଟର୍ ଓ ସୁପଭାଇଜର ମାନଙ୍କୁ ତାଲିମ ଦେବାଲାଗି ବ୍ଲକ୍ ଓ ସ୍ଥାନୀୟ ପୌର ପାଳିକା ସ୍ତରରେ ମାଷ୍ଟର ଟ୍ରେନର୍ ଚିହ୍ନଟ କରି ତାଲିମ ଦିଆଯିବ । ଏହି ତାଲିମ୍ କାର୍ଯ୍ୟକ୍ରମରେ ଆସିଷ୍ଟାଣ୍ଟ କଲେକ୍ଟର (ନିଜାରତ) ଓମ୍ ପ୍ରସାଦ ପରିଡା ମଧ ସହଯୋଗ କରିଥିଲେ ।

ସାଧାରଣତଃ ଗ୍ରାମାଞ୍ଚଳରେ ଅଙ୍ଗନୱାଡି କର୍ମୀ ମାନଙ୍କୁ ଓ ପୌରାଞ୍ଚଳରେ ଅଙ୍ଗନୱାଡି କର୍ମୀ, ଟ୍ୟାକ୍ସ କଲେକ୍ଟର ଓ ୱାର୍ଡ ଅଫିସର ମାନଙ୍କୁ ଆନୁମରେଟର ଭାବେ ନିୟୋଜିତ କରାଯିବ । ସେହିଭଳି ଗ୍ରାମାଞ୍ଚଳରେ ଆଇ.ସି.ଡି.ଏସ୍. ସୁପରଭାଇଜର୍, ମାର୍କେଟିଂ ଇନିସ୍ପେକ୍ଟର, ଗ୍ରାମ ପଞ୍ଚାୟତ ଏକ୍ସଟେନସନ୍ ଅଫିସର, ପ୍ରୋଗ୍ରେସ୍ ଆସିଷ୍ଟାଣ୍ଟ, ୱେଲଫେୟାର ଏକ୍ସଟେନସନ୍ ଅଫିସର ଓ ବ୍ଲକ୍ ସୋସିଆଲ ସିକ୍ୟୁରିଟି ଅଫିସର ମାନଙ୍କୁ ଏବଂ ପୌରାଞ୍ଚଳରେ ଆଇ.ସି.ଡି.ଏସ୍. ସୁପରଭାଇଜର୍, ମାର୍କେଟିଂ ଇନିସ୍ପେକ୍ଟର, ଜୋନ୍ ଅଫିସର ମାନଙ୍କୁ ସୁପରଭାଇଜର୍ ରୂପେ ନିୟୋଜିତ କରାଯିବା ସହ ପ୍ରତ୍ୟେକ ସୁପରଭାଇଜରଙ୍କ ଅଧୀନରେ ସର୍ବାଧିକ ୧୦ ଜଣ ଏନୁମରେଟର୍ କାର୍ଯ୍ୟ କରିବେ । ଏହି ତାଲିମ୍ କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, କାର୍ଯ୍ୟ ନିର୍ବାହୀ ଅଧିକାରୀ ମାନେ ଉପସ୍ଥିତ ରହି ତାଲିମ୍ ନେଇଥିଲେ ।

# ଅପପୁଷ୍ଟି ଅଞ୍ଚଳ ରଣାଗୁଣ୍ଡି : ଆଧାର ନଥିବାରୁ ଆହାରରୁ ବଞ୍ଚିତ ଶତାଧିକ ଲୋକ



ଯାଜପୁର , ୬/୦୪ (ନି.ପ୍ର): ଇସ୍ପାତ ରାଜଧାନୀ କଳିଙ୍ଗନଗରର ଛାତି ଉପରେ ଦାନଗଦି ବ୍ଲକ୍‌ର ରଣାଗୁଣ୍ଡି ଏବେ ଅପପୁଷ୍ଟି ପାଇଁ ଅପଖ୍ୟାତି ମୁଣ୍ଡାଇଛି । ପ୍ରାଚୁର୍ଯ୍ୟଭରା ଅଞ୍ଚଳର ଲୋକଙ୍କ ସଙ୍ଗିନ ସ୍ଥିତି ସମ୍ପର୍କରେ ‘ସମ୍ବାଦ ରେ ଖବର ପ୍ରକାଶନ ପରେ ପ୍ରଶାସନ ପକ୍ଷରୁ ରଣାଗୁଣ୍ଡି ପଞ୍ଚାୟତରେ ଅପପୁଷ୍ଟି ଚିହ୍ନଟ ଆରମ୍ଭ ହୋଇଛି । ଗତକାଲି ଏଠାରୁ ୭ଜଣ ଅପପୁଷ୍ଟିରେ ଆକ୍ରାନ୍ତ ଶିଶୁ ଚିହ୍ନଟ ହୋଇଥିବା ବେଳେ ୫ଜଣଙ୍କୁ ଉଦ୍ଧାର କରି ପୁଷ୍ଟି ସାଧନ କେନ୍ଦ୍ରକୁ ପଠାଯାଇଛି । ସରକାରୀ କଳ ଚାପରେ ଥିବାରୁ ଅନ୍ୟ ୨ଶିଶୁଙ୍କ ନାମ ଗୋପନ ରଖାଯାଇଥିବା କୁହାଯାଉଛି ।

ରଣାଗୁଣ୍ଡି ପଞ୍ଚାୟତର ରଗଡା-ଘାଟିସାହିର ଅପପୁଷ୍ଟି ସ୍ଥିତିକୁ ନେଇ ଚର୍ଚ୍ଚା ଲାଗି ରହିଥିବା ବେ ?ଳେ ଏହି ସାହିର ଶତାଧିକ ଆଦିବାସୀ ପରିବାର ରାସନରୁ ବଞ୍ଚିତ । ଖାଦ୍ୟ ସୁରକ୍ଷା ଆଇନ୍ ଏଠାରେ ବାଟବଣା ହୋଇଯାଇଛି । ଆଦିବାସୀ ବହୁଳ ଗ୍ରାମ ହୋଇଥିବା ବେଳେ ଅଧିକାଂଶ ନିରକ୍ଷର ଏବଂ ଦିନ ମଜୁରିଆ ଶ୍ରେଣୀର । ଗ୍ରାମର ମୋଟ ଜନସଂଖ୍ୟା ୨୪୦ ଜଣ । ସେମାନଙ୍କ ମଧ୍ୟରୁ ୧୫୦ରୁ ଅଧିକ ରାସନରୁ ବଞ୍ଚିତ । ଏତେ ସଂଖ୍ୟକ ଲୋକେ ଖାଦ୍ୟ ଅଧିକାରରୁ ବଞ୍ଚିତ ହେଉଥିଲେ ମଧ ବ୍ଲକ୍ ପ୍ରଶାସନ ବେଫିକର । ଆଧାର କାର୍ଡ ନଥିବାରୁ ଅଧିକାଂଶ ଆହାରରୁ ବଞ୍ଚିତ ହୋଇଥିବା ଜଣାପଡ଼ିଛି । ଗ୍ରାମର ମଙ୍ଗୁଳି ସିଙ୍କୁଙ୍କ ପରିବାରର ୧୦ଜଣ, ଗୁରୁବାରୀ ଚତରଙ୍କ ପରିବାରର ୧୧ଜଣ, ଡୁକୁର ସିଙ୍କୁଙ୍କ ପରିବାରର ୫ଜଣ, ହାରାମଣୀ ପୂର୍ତ୍ତିଙ୍କ ପରିବାରର ୪ଜଣ, ସାରତି ପୂର୍ତ୍ତିଙ୍କ ପରିବାରର ୯ଜଣ, ଜେମା ମୁଣ୍ଡାଙ୍କ ପରିବାର ୬ଜଣ, ସମ୍ବାରୀ ମୁଣ୍ଡାଙ୍କ ପରିବାରର ୬ଜଣ, କାମଳୀ ମୁଣ୍ଡାଙ୍କ ପରିବାରର ୫ଜଣ, ଚମ୍ପା ସିଙ୍କୁଙ୍କ ପରିବାରର ୪ଜଣ, ସୂର୍ଯ୍ୟକାନ୍ତ ତିରିଆଙ୍କ ପରିବାରର ୫ଜଣଙ୍କ ସମେତ ଅନେକ ପରିବାରର ରାସନକାର୍ଡ ନାହିଁ ।

ସୂଚନାଯୋଗ୍ୟ ବାଙ୍କୁ ହେମ୍ବ୍ରମ ପରିବାର ଅପପୁଷ୍ଟିର ଶିକାର ହୋଇ ଜଣେ ଶିଶୁପୁତ୍ର ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ଦୁଇଜଣ ଜଣ କଟକ ବଡ଼ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି । ଏପରିକି ଖାଦ୍ୟ ଆୟୋଗ ପ୍ରତିନିଧି ଏହି ଗ୍ରାମକୁ ଗସ୍ତ କରିବା ଦିନ ବାଙ୍କୁ ପରିବାରକୁ ରାସନ କାର୍ଡ ଦେବା ସହିତ ୫୦କେଜି ଚାଉଳ ଦେଲେ । ଅଥଚ ଅନ୍ୟମାନଙ୍କୁ ଆଜି ପର୍ଯ୍ୟନ୍ତ ରାସନ ମିଳିଛି ନା ରାସନ କାର୍ଡ । ଏଭଳି ସ୍ଥିତକୁ ନେଇ ସାମାଜିକ କର୍ମୀ ମଣ୍ଟୁଦାସ ଅତିରିକ୍ତ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ପ୍ରଶାସନ କେବେ ଭୋକିଲା ପରିବାରକୁ ରାସନ ଯୋଗାଉଛି ତା ଉପର ସମସ୍ତଙ୍କର ନଜର ।

## ଜିଲ୍ଲାସ୍ତରୀୟ ଓବିସି ଜନ ଗଣନା ପ୍ରଶିକ୍ଷଣ କର୍ମଶାଳା

କେନ୍ଦ୍ରାପଡ଼ା, ୬/୦୪ (ନି.ପ୍ର): ସମଗ୍ର ରାଜ୍ୟରେ ମେ ୧ ତାରିଖ ଠାରୁ ଆରମ୍ଭ ହେବାକୁ ଥିବା ଓବିସି ଜନ ଗଣନା କାର୍ଯ୍ୟକ୍ରମ କେନ୍ଦ୍ରାପଡା ଜିଲ୍ଲାରେ ଅନୁଷ୍ଠିତ ହେବ । ଏନେଇ ଏକ କର୍ମଶାଳା ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ପର୍ଯ୍ୟବେକ୍ଷକ ପ୍ରକାଶ ଚନ୍ଦ୍ର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ଦୁର୍ଗା ପ୍ରସାଦ ମହାରଣା (ରାଜସ୍ୱ), ଉପ ଜିଲ୍ଲାପାଳ ନିରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ହୋଇ ଜନ ଗଣନା ସଂପର୍କରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ଜନ ଗଣନା ପାଇଁ ମାଷ୍ଟର ଟ୍ରେନର ଭାବେ ଡେପୁଟି କଲେକ୍ଟର ରାଜେନ୍ଦ୍ର କୁମାର ଆଚାର୍ଯ୍ୟ, ଶ୍ରୀମତୀ ଅନ୍ୟନ୍ୟା ତ୍ରିପାଠୀ, ଶୁଭାଶିଷ ପରିଡା, ଶ୍ରୀକାନ୍ତ ପରିଜା ପ୍ରମୁଖ ଜିଲ୍ଲା ସ୍ତରୀୟ ଟ୍ରେନର ଭାବେ ଯୋଗ ଦେଇ ଜିଲ୍ଲାର ୯ଟି ବ୍ଲକର ବିଡିଓ, ଏବିଡିଓ, ତହସିଲଦାର, ଅତିରିକ୍ତ ତହସିଲଦାର, ୨ଟି ପୌରସଂସ୍ଥାର ନିର୍ବାହୀ ଅଧିକାରୀ, ଯନ୍ତ୍ରୀ, ସବ୍ ରେଜିଷ୍ଟାର, ସିଇଓ ପ୍ରମୁଖ ୪୪ ଜଣଙ୍କୁ ମାଷ୍ଟର ଟ୍ରେନରମାନେ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି । ଏମାନେ ପରବର୍ତୀ ପର୍ଯ୍ୟାୟରେ ଅଙ୍ଗନୱାଡି କର୍ମୀ, ଟ୍ୟାକ୍ସ କଲେକ୍ଟର, ସୁପରଭାଇଜର, ୱାର୍ଡ ଅଫିସର ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବେ ।

# ଦୈତାରୀ ବନ ଅଧିକାରୀଙ୍କ ଖାମଖିଆଲି ମନୋଭାବକୁ ନେଇ ଉଦ୍ଧାର କୁଟରାର ଜୀବନ ଗଲା

ହରିଚନ୍ଦନପୁର, ୬/୦୪ (ନି.ପ୍ର): କେନ୍ଦୁଝର ଜିଲ୍ଲା ଦୈତାରୀ ରେଞ୍ଜ ଅନ୍ତର୍ଗତ ବଡ଼ଝାଲ ପାହାଡ଼ ନିକଟରୁ ମଙ୍ଗଳବାର ଦିନ ୨ଟା ସମୟରେ ଗୁରୁତର ଅବସ୍ଥାରେ ଏକ ଅଣ୍ଡିରା କୁଟରା ଉଦ୍ଧାର ହୋଇଥିଲା । ଖବର ଅନୁଯାୟୀ ବଡ଼ଝାଲ ଜଙ୍ଗଲରେ ଫରେଷ୍ଟ ଗାର୍ଡ ବୁଲୁଥିବା ବେଳେ ଗୁରୁତର କୁଟରା ଉପରେ ନଜର ପଡ଼ିଥିଲା । ଅସୁସ୍ଥ ଅବସ୍ଥାରେ କୁଟରାକୁ ଦେଖି ଦୈତାରୀ ଫରେଷ୍ଟର ଦିବାକର ମୁଣ୍ଡାଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ । ଏଥିସହ କୁଟରାକୁ ଉଦ୍ଧାର କରି ଦୈତାରୀ ରେଞ୍ଜ ଅଫିସରେ ଆଣି ରଖାଯାଇଥିଲା, ସେଠାରେ ସମସ୍ତ କର୍ମଚାରୀଙ୍କ କାର୍ଯ୍ୟ ବ୍ୟସ୍ତତାକୁ ନେଇ ତାହାର ଆବଶ୍ୟକୀୟ ଚିକିତ୍ସା ହୋଇ ପାରିନଥିଲା । ଯାହା ଫଳରେ କୁଟରାଟି ଚିକିତ୍ସା ଅଭାବରୁ ଜୀବନ ସହ ସଂଘର୍ଷ କରି ବୁଧବାର ସକାଳ ୭.୩୦ ସମୟରେ ମୃତ୍ୟୁପରଣ କରିଛି । ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ ବନ ଅଧିକାରୀ ଓ କର୍ମଚାରୀଙ୍କ ଖାମଖିଆଲି ମନୋଭାବ ପାଇଁ ଚିକିତ୍ସା ନପାଇ କୁଟରାର ପ୍ରାଣ ଗଲା । ମଙ୍ଗଳବାର ଦିନ ୨ଟାରୁ ବୁଧବାର ସକାଳ ୭.୩୦ ପର୍ଯ୍ୟନ୍ତ ଦୀର୍ଘ ୧୭ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ କେଉଁ କାରଣରୁ କୁଟରାର ଉପଯୁକ୍ତ ଚିକିତ୍ସା କରାଯାଇପାରିଲା ନାହିଁ, ତାହାକୁ ନେଇ ସାଧାରଣରେ ଉଠିଛି ବଡ଼ ପ୍ରଶ୍ନ । ବନ ଅଧିକାରୀଙ୍କ କାର୍ଯ୍ୟ ଦକ୍ଷତା ଓ ବନ୍ୟଜନ୍ତୁଙ୍କ ସୁରକ୍ଷାକୁ ନେଇ ଏବେ ଚିନ୍ତାରେ ବୁଦ୍ଧିଜୀବୀ । ପରେ କୁଟରାକୁ ହରିଚନ୍ଦନପୁର ପଶୁ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରିବା ପରେ ଜଙ୍ଗଲରେ ଗାତ ଖୋଳି ପୋତି ଦିଆଯାଇଥିବା ଜଣାପଡ଼ିଛି । ଏନେଇ ଦୈତାରୀ ରେଞ୍ଜର ରମାକାନ୍ତ ସେଠୀଙ୍କ ପ୍ରତିକ୍ରିୟା ନେବା ପାଇଁ ଚେଷ୍ଟା କରିଥିଲେ ହେଁ, ସେ ଆମ ସମ୍ମୁଖରେ କିଛି ଉତ୍ତର ଦେବା ପାଇଁ ପ୍ରସ୍ତୁତ ନୁହଁନ୍ତି ବୋଲି ପ୍ରକାଶ କରିଥିଲେ । ବନ ଅଧିକାରୀଙ୍କ ଏଭଳି ମତ ସହ କାର୍ଯ୍ୟ ଯୋଗୁଁ ଜଙ୍ଗଲରେ ଥିବା ନିରୀହ ଜୀବଜନ୍ତୁଙ୍କ ଜୀବନ ସଙ୍କଟରେ ଥିବା ଜନସାଧାରଣ ଅଭିଯୋଗ ହୋଇଛି । ଏନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ସହ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଏ ଅଞ୍ଚଳବାସୀଙ୍କ ଦାବି ହୋଇଛି ।

## ଜଗତସିଂହପୁର ଦାୟିତ୍ୱରେ କେନ୍ଦ୍ରାପଡା ଶିଶୁ ମଙ୍ଗଳ କମିଟି

କେନ୍ଦ୍ରାପଡ଼ା, ୬/୦୪ (ନି.ପ୍ର): କେନ୍ଦ୍ରାପଡା ଶିଶୁ ମଙ୍ଗଳ କମିଟିର କାର୍ଯ୍ୟକାଳ ସମାପ୍ତ ହୋଇ ଥିବାରୁ ସାମୟିକ ଭାବେ ଜଗତସିଂହପୁର ଶିଶୁ ମଙ୍ଗଳ କମିଟି କେନ୍ଦ୍ରାପଡା ଜିଲ୍ଲାର ଅତିରିକ୍ତ ଦାୟିତ୍ୱରେ ରହିଥିବା ଜଣାପଡିଛି । ରାଜ୍ୟ ସରକାରଙ୍କ ଡବ୍ଲୁ ଆଣ୍ଡ ସିଡି ବିଭାଗର ଚିଠି ନଂ-୫୬୭୯ ତା-୨୨.୦୩.୨୩ ଅନୁଯାଇ ଜଗତସିଂହପୁର ଶିଶୁ ମଙ୍ଗଳ କମିଟିର ଅଧକ୍ଷା ଶକୁନ୍ତଳା ଚୌଧୁରୀଙ୍କ ସମେତ ସଦସ୍ୟା ସଂନ୍ଧ୍ୟାରାଣୀ ସ୍ୱାଇଁ ଓ ସଦସ୍ୟ ବିବେକାନନ୍ଦ ବଳ ପ୍ରମୁଖ କେନ୍ଦ୍ରାପଡା ଶିଶୁ ମଙ୍ଗଳ କମିଟିର ଅତିରିକ୍ତ ଦାୟିତ୍ୱରେ ରହିଥିବା ଜଣାପଡିଛି ।

# ଜିଲ୍ଲା ସ୍ତରୀୟ ପୋଷଣ ପକ୍ଷ ପାଳନ – ପୋଷଣଯୁକ୍ତ ଖାଦ୍ୟ ଅଭ୍ୟାସ ସମ୍ପର୍କରେ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ

ବଲାଙ୍ଗିର , ୬/୦୪ (ନି.ପ୍ର): ସ୍ଥାନୀୟ ଜିଲ୍ଲା ସାମ୍ବାଦିକ ଭବନ ପରିସରରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ବଲାଙ୍ଗିର ପକ୍ଷରୁ ଜିଲ୍ଲା ସ୍ତରୀୟ ପୋଷଣ ପକ୍ଷ ପାଳିତ ହୋଇଯାଇଛି । ଜିଲ୍ଲା ସ୍ତରୀୟ ପୋଷଣ ପକ୍ଷ ପାଳନ ଉପଲକ୍ଷେ ଅନୁଷ୍ଠିତ ସଚେତନତା ସଭାରେ ଜିଲ୍ଲାପାଳ ଚଞ୍ଚଳ ରାଣା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚଳିତ ବର୍ଷ ଆନ୍ତର୍ଜାତିକ ମିଲେଟ ବର୍ଷ ଭାବେ ପାଳନ କରାଯାଉଛି ବୋଲି ପ୍ରକାଶ କରିବା ସହ ପାରମ୍ପାରିକ ଖାଦ୍ୟ ରେ ପ୍ରଚୁର ପୁଷ୍ଟି ଓ ଶରୀର ପାଇଁ ଉପଯୋଗୀ ପୋଷଣ ତତ୍ୱ ଭରି ରହିଛି । ମାଣ୍ଡିଆ ସହ ସୁଆଁ ,ଗୁର୍ଜି ,କୁଦୋ ବାଜାରା ଖାଦ୍ୟ ଏହିଭଳି ପୁଷ୍ଟି ସାଧନ କରୁଥିବା ଖାଦ୍ୟଶସ୍ୟ ର ଉପାଦେୟତା ସମ୍ପର୍କରେ ବ୍ୟାପକ ଜନସଚେତନତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ପୋଷଣ ଖାଦ୍ୟ ,ହାତ ଧୋଇବା ,ଉତ୍ତମ ସ୍ୱାସ୍ଥ୍ୟ ସମ୍ପର୍କରେ ବିଭିନ୍ନ ବିଭାଗ ର ସମନ୍ୱୟ ଜରିଆରେ ସଚତନତା ସୃଷ୍ଟି କରାଯିବା ନିମନ୍ତେ ପରାମର୍ଶ ଦେଇଥିଲେ । ଏହି ସଚେତନତା ସଭାରେ ଜିଲ୍ଲା ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ବେହେରା , ଜିଲ୍ଲା ମଙ୍ଗଳ ଅଧିକାରୀ ଅଲେଖ ବିଶ୍ୱାଳ , ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ ) ଡ଼ ସୁଧା ବାର୍ଲା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୋଷଣ ତତ୍ୱ ଯୁକ୍ତ ଖାଦ୍ୟ ର ଉପାଦେୟତା ଓ ମାଣ୍ଡିଆ ଜାତୀୟ ଖାଦ୍ୟ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁରମା ସେଠୀ ଜିଲ୍ଲା ସ୍ତରୀୟ ପୋଷଣ ପକ୍ଷ ପାଳନ ର ତାତ୍ପର୍ଯ୍ୟ ସମ୍ପର୍କରେ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିବା ସହ ମିଲେଟ ଜାତୀୟ ଖାଦ୍ୟଶସ୍ୟ ଯାହାକୁ ଶ୍ରୀ ଅନ୍ନ ବୋଲି କୁହାଯାଏ ଏବଂ ଏହା ପୁଷ୍ଟିସାର ,ଭିଟାମିନ ଓ ଖଣିଜ ତତ୍ୱ ରେ ଭରପୁର ତେଣୁ ଏହି ଖାଦ୍ୟ ର ଉପଯୋଗୀତା କୁ ବୁଝି ଏହାକୁ ଦୈନନ୍ଦିନ ଖାଦ୍ୟ ପ୍ରଣାଳୀ ରେ ସାମିଲ କରିବାକୁ ମତବ୍ୟକ୍ତ କରିଥିଲେ । ମାର୍ଚ୍ଚ ମାସ ୨୦ ତାରିଖ ଠାରୁ ଜିଲ୍ଲା ର ସମସ୍ତ ବ୍ଲକ ଅନ୍ତର୍ଗତ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ସ୍ତରରେ ପୋଷଣ ପକ୍ଷ ପାଳିତ ହୋଇଯାଇଛି । ପ୍ରକଳ୍ପ ସ୍ତରରେ ପୋଷଣ ପକ୍ଷ ପାଳନ ଉପଲକ୍ଷେ ବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଅନୁଷ୍ଠିତ କୁଇଜ ପ୍ରତିଯୋଗୀତା ର କୃତି ପ୍ରତିଯୋଗୀ ମାନଙ୍କୁ ଆଜି ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ପୋଷଣ ପକ୍ଷ ପାଳନ ଅବସରରେ ଅତିଥିମାନେ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ । ସଭାରେ ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ଚିତାକୁଟୁନା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ର ଆଙ୍ଗନବାଡି କର୍ମୀ ଅଏଁଲାବତୀ ନାଗ ଙ୍କୁ ନିରନ୍ତର ସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ବଙ୍ଗୋମୁଣ୍ଡା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ର ଆଙ୍ଗନବାଡି ସହାୟିକା ଉର୍ବଶୀ କପାଟ ଙ୍କୁ ଘରେ ଘରେ ପୋଷକ ଯୁକ୍ତ ଖାଦ୍ୟାଭ୍ୟାସ କୁ ପ୍ରୋତ୍ସାହନ କରିବା ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ସଭାରେ ଦେଓଗାଁ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ର ସେକ୍ଟର ସୁପରଭାଇଜର ମିନତୀ ମିଶ୍ର , ଗୁଡଭେଲା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ର ପ୍ରତିମା ଚୋପଦାର ଓ ଜିଲ୍ଲା ସ୍ତରରେ ଶୁଭଶ୍ରୀ ମିଶ୍ର ଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ । ସଭାକୁ ମମତା ର ଜିଲ୍ଲା ପ୍ରୋଗ୍ରାମ ସଂଯୋଜକ ଶିବାନୀ ଠାକୁର ସଂଯୋଜନା କରିଥିଲେ । ସଭା ପରେ ସେଠାରେ ପୋଷଣଯୁକ୍ତ ଖାଦ୍ୟ ର ଉପାଦେୟତା ଓ ମିଲେଟ ମିଶନ ସମ୍ପର୍କିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

ଜିଲ୍ଲା ସ୍ତରୀୟ ପୋଷଣ ପକ୍ଷ ପାଳନ ସାମ୍ବାଦିକ ଭଭନ ପରିସରରେ ଜିଲ୍ଲା ର ବିଭିନ୍ନ ବ୍ଲକ ଅନ୍ତର୍ଗତ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଓ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ଦ୍ୱାରା ପୋଷଣଯୁକ୍ତ ଖାଦ୍ୟ ଓ ମାଣ୍ଡିଆ ରେ ପ୍ରସ୍ତୁତ ଖାଦ୍ୟ ର ପ୍ରଦର୍ଶନୀ ଅନୁଷ୍ଠିତ ହେବା ସହ ଏକ ସଚେତନତା ଶୋଭାଯାତ୍ରା ର ମଧ ଆୟୋଜିତ ହୋଇଥିଲା ।

## ଇନ୍ଦୁପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି ବୈଠକ

କେନ୍ଦ୍ରାପଡ଼ା, ୬/୦୪ (ନି.ପ୍ର): ଇନ୍ଦୁପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି ତରଫରୁ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଆୟୋଜିତ ଏହି ବୈଠକରେ ବିଧାୟକ ଶଶି ଭୂଷଣ ବେହେରା ଅଧକ୍ଷତା କରିଥିବା ବେଳେ ବ୍ଲକ ଅଧକ୍ଷା ରଶ୍ମିତା ସେଠୀ, ଉପାଧକ୍ଷ ପ୍ରତାପ ନାରାୟଣ ମହାପାତ୍ର, ସିଡିପିଓ ପ୍ରମୁଖ ଉପସ୍ଥିତ ରହି ଚଳିତ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ୫ ଲକ୍ଷ ଟଙ୍କା ବଜେଟ୍ ଉପସ୍ଥାପନ କରାଯାଇଛି । ରୋଗୀଙ୍କୁ ଉତମ ସ୍ୱାସ୍ଥ୍ୟସେବା ଯୋଗାଇବା ବିଷୟରେ ମେଡିକାଲ ଅଫିସର ଡାକ୍ତର ଶ୍ରୀକାନ୍ତ କୁମାର ସ୍ୱାଇଁ ଆଲୋଚନା କରିଥିଲେ ।

# ତିନି ଦାଦନ ଶ୍ରମିକ ୧୧୦୦କିମି ଚାଲିଚାଲି ଘରକୁ ଫେରିବା ଘଟଣାର ତଦନ୍ତ ଆରମ୍ଭ

ମୁଖୀଗୁଡା, ୬/୦୪ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ବଡ଼କର୍ଲାକୋଟ ଗ୍ରାମପଞ୍ଚାୟତ ଜାମଚୁଆଁ ଗାଁର ଦୁଇ ଜଣ ଓ ଟିଙ୍ଗେକ୍ଷପଖାନ ଗାଁ ର ଜଣେ ଦାଦନ ଶ୍ରମିକ ୧୧୦୦ କିମି ପାଦରେ ଚାଲି ଚାଲି ଘରକୁ ଫେରିବା ଘଟଣା ବିଭିନ୍ନ ଗଣ ମାଧମରେ ପ୍ରକାଶ ପାଇବା ପରେ ବ୍ଲକ ପ୍ରଶାସନ ତରଫରୁ ଘଟଣାର ତଦନ୍ତ କରାଯାଇଛି ।ପାଉଣା ନପାଇ ମାଡ଼ ଖାଇବାପରେ ଭୟରେ ଘରକୁ ଚାଲି ଆସିଥିବା ଆଲୋଡନ ସୃଷ୍ଟି କରିଛି ।ସୂଚନା ଅନୁଯାୟୀ ଜାମଚୁଆ ଗାଁ ଯାନୀପଦାର କତାରୁ ମାଝୀ, ଭିକାରୀ ମାଝୀ ଓ ଟିଙ୍ଗେକ୍ଷପଖାନ ଗାଁର ବୁଧୁ ମାଝୀ ଦୁଇ ମାସ ତଳେ ୧୦ ଜଣ ଲୋକଙ୍କ ସହ ମିଶି ବେଙ୍ଗାଲୁରୁ କୁ କାମ କରିବାକୁ ଯାଇଥିଲେ । ସେଠାରେ କାଉଗୁଡ଼ି ରେ ଏକ ବିଲ୍ଡିଂ ନିର୍ମାଣ କମ୍ପାନୀ ରେ ବାଲୁଗାଁ ରାମକୃଷ୍ଣ ପ୍ରଧାନ ନାମକ ଠିକାଦାରର ଜରିଆରେ କାମ କରୁଥଲେ ।କିନ୍ତୁ ଦୁଇ ମାସ କାମ କରିବା ପରେ ମଧ ଠିକାଦାର ସେମାନଙ୍କୁ ଟଙ୍କା ଦେଉନଥିଲା ।ଯେତେବେଳେ ସେମାନେ ଟଙ୍କା ପାଇଁ କହିଥିଲେ ଠିକାଦାର ଏ ନେଇ ପାଟି ତୁଣ୍ଡ କରିବା ସହ ଏ ତିନି ଜଣଙ୍କୁ ମାଡ଼ ମାରିଥିବା ଅଭିଯୋଗ କରିଛନ୍ତି ।ପରେ ସେମାନେ କୋଣସି ଉପାୟ ନପାଇ ପାଦରେ ଚାଲି ଚାଲି ନିଜ ଗାଁ ଅଭିମୁଖେ ବାହାରିଥିଲେ।। ବେଙ୍ଗାଲୁରୁ ରୁ ପଟାଙ୍ଗି ପର୍ଯ୍ୟନ୍ତ ଚାଲି ଚାଲି ଆସିଥିବା କହିଛନ୍ତି । ବାଟରେ ପାଣି ଆଉ କିଛି କାଜୁ ଖାଇ ଆସିଥିବା କହିଛନ୍ତି ।ସେଠାରୁ ଏକ ଟ୍ରକ ଯୋଗେ ନବରଙ୍ଗପୁର ଜିଲ୍ଲା ମଇଦଲପୁର ଆସି ପୁଣି ଘୁମରେସର ଘାଟି ଦେଇ ନିଜ ଗାଁ ଜାମଚୁଆଁ ରେ ପହଂଚିଥିଲେ।।ତେବେ ଖବର ପାଇ ଆଜି ଜାମ ଚୁଆ ଗାଁକୁ ଜୟପାଟଣା ବିଡ଼ିଓ ସ୍ନିଗ୍ଧାରାଣୀ ପ୍ରଧାନ ଓ ଥାନା ଅଧିକାରୀ ବସୁଦେବ ଛତ୍ରୀଆ ସମେତ ଅନେକ ଅଧିକାରୀ ଜାମଚୁଆଁ ପହଂଚି ତାଙ୍କ ସହ ଆଲୋଚନା କରିଛନ୍ତି ।କେଉଁ କାରଣରୁ ସେମାନେ ଘରକୁ ଫେରିବା ପାଇଁ ବାଧ ହୋଇଥିଲେ ତଥା ତାହାରଜାରି ରହିଛି । ତଦନ୍ତ ପରେ ସତ୍ୟା ସତ୍ୟ ଜଣାପଡିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି ।

## ସ୍ୱାସ୍ଥ୍ୟ ମୋର ସୁସ୍ଥ ହେଉ - ସତ୍‌ସଙ୍ଗର...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ଜାତକର ରୋଗ-ନିରୋଧ କ୍ଷମତା, ଆୟୁ ଓ ବର୍ଦ୍ଧନ ତତ୍ପରତା ଏହି ଜୈବୀ ସଂସ୍ଥିତି ଉପରେ ହିଁ ନିର୍ଭର କରେ। ଉକ୍ତ ବିମୁଖ ହେଲେ ମନୁଷ୍ୟର ଜୈବୀ ସଂସ୍ଥିତି ଧିରେ ଧିରେ ହ୍ରାସ ହୋଇଆସେ।

ଖାଦ୍ୟ ଗ୍ରହଣ କରିବା କର୍ମ ହେଉଛି ଏକ ଉପାସନା। ଏଥିପାଇଁ ଦରକାର ଏକ ଉପଯୁକ୍ତ ଭାବ । ଆମ ପାକସ୍ଥଳୀରେ ଏକ ପ୍ରକାର ଅଗ୍ନି ଅଛି ବୋଲି ଆଧ୍ୟାତ୍ମିକବାଦୀମାନେ କହିଥାନ୍ତି । ସେହି ଅଗ୍ନି, କ୍ଷୁଧା ସୃଷ୍ଟି କରେ ଓ ସେ କ୍ଷୁଧାକୁ ସନ୍ତୁଷ୍ଟ କରିବା ପାଇଁ ଆମେ ସେ ଅଗ୍ନି କୁଣ୍ଡରେ ଖାଦ୍ୟ ଅର୍ପଣ କରିଥାଉ । ଏହି ଅଗ୍ନି ଆମ ଠାରେ ସମ୍ଭବ ହୋଇଛି କେବଳ ପରବ୍ରହ୍ମ ପରମାତ୍ମାଙ୍କ ଅଂଶ ଆତ୍ମାର ସ୍ଥିତି ଯୋଗୁ । ଆତ୍ମା ବାହାରି ଯାଇଥିବା ଦେହ ବା ଶବଠାରେ କ୍ଷୁଧା ସୃଷ୍ଟି ହୋଇପାରେ ନାହିଁ । ଏହି କ୍ଷୁଧାକୁ ତୁଷ୍ଟ କରିବା ଅର୍ଥ ବୈଶ୍ୱାନରଙ୍କୁ ସନ୍ତୁଷ୍ଟ କରିବା । ଭଗବତ ଗୀତାରେ ଉଲ୍ଲେଖ ଅଛି 'ଅହଂ ବୈଶ୍ୱାନରୋ ଭୂତ୍ୱା ପ୍ରାଣିନାମ୍ ଦେହ ମାଶ୍ରିତଃ, ପ୍ରାଣପାନ ସମାଯୁକ୍ତପଚାମ୍ୟନ୍ନକମ୍ ଚତୁର୍ବିଧମ୍ ।' ଏ ଦୃଷ୍ଟିରୁ କ୍ଷୁଧାକୁ ସନ୍ତୁଷ୍ଟ କରିବା ଅର୍ଥ ଭଗବାନଙ୍କୁ ସନ୍ତୁଷ୍ଟ କରିବା, ଯାହାର ପ୍ରକୃତ ଅର୍ଥ ହେଉଛି - ଉପାସନା । ଭୋଜନ କରିବା କେବଳ ଜିହ୍ୱା ଲାଳସାର ସନ୍ତୁଷ୍ଟି ନୁହେଁ ବା ସେ ଉଦ୍ଦେଶ୍ୟରେ ହେବା ଉଚିତ ନୁହେଁ । ଖାଦ୍ୟ ଗ୍ରହଣ କରିବା ଏକ ଯଜ୍ଞ ସହ ତୁଳନୀୟ । ଯଜ୍ଞାଗ୍ନିକୁ ଯେଭଳି ନାନା ବିଧ ଦ୍ରବ୍ୟ ଅର୍ପଣ କରାଯାଏ, ଖାଦ୍ୟ ଗ୍ରହଣ କରିବା ସେହିଭଳି ଏକ ଯଜ୍ଞକର୍ମ, ଦେବକର୍ମ ଓ ଉତ୍ତମ ଉପାସନା । ବେଳେ ବେଳେ ନାନା କାରଣବଶତଃ ମଣିଷ ଅଭିମାନ, ଅଜ୍ଞତା ଓ କ୍ରୋଧର ବଶବର୍ତ୍ତୀ ହୋଇ ବା ଅନ୍ୟ କାହା ଉପରେ ଦାଉ ସାଧିବାକୁ ଯାଇ, ନଖାଇ ନପିଇ ନିଜ ଦେହକୁ କଷ୍ଟ ଦେଇଥାଏ । ବେଳେ ବେଳେ ଓଳିଏ ପାଇଁ ପାକସ୍ଥଳୀକୁ ପରିଷ୍କାର କରିବା ପାଇଁ ଖାଦ୍ୟ ଗ୍ରହଣ କରିବାରେ ବିରତି ଦିଆଯାଇପାରେ । ଶାରୀରିକ ସ୍ୱାସ୍ଥ୍ୟ, ମାନସିକ ସୁସ୍ଥତା ଓ ସର୍ବୋପରି ଆଧ୍ୟାତ୍ମିକ ସ୍ୱାସ୍ଥ୍ୟ ପାଇଁ ସଠିକ୍ ପ୍ରକାର ଓ ସଠିକ୍ ଭାବର ସହ ଖାଦ୍ୟ ଗ୍ରହଣ କରିବା କେତେ ବେଶୀ ତାତ୍ପର୍ଯ୍ୟପୂର୍ଣ୍ଣ ତାହା ସମସ୍ତଙ୍କର ଅନୁଧ୍ୟାନର ବିଷୟ । ଆଧ୍ୟାତ୍ମିକ ସ୍ୱାସ୍ଥ୍ୟ ନିମିତ୍ତ ନିୟମିତ ପୂଜା ପ୍ରାର୍ଥନା, ଧ୍ୟାନ ଓ ଗୁରୁଦୀକ୍ଷା ଏକାନ୍ତ ପ୍ରୟୋଜନ - ଏହି ମତବ୍ୟକ୍ତ କରିଛନ୍ତି ଯୁଗାବତାର ମହାପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର। ନିଜ ସ୍ୱାସ୍ଥ୍ୟ ପ୍ରତି ନିଜେ ନିଜେ ସଚେତନ ହୋଇ ସମସ୍ତେ ଯଦି ସ୍ୱାସ୍ଥ୍ୟ ନୀତି ଓ ନିୟମ ପାଳନ ପୂର୍ବକ ସୁସ୍ଥ ଜୀବନଯାପନ କରନ୍ତେ ତାହା ନିଜ ପ୍ରତି, ନିଜ ପରିବାର ପ୍ରତି ଓ ସର୍ବୋପରି ସମାଜ ତଥା ଦେଶ ପ୍ରତି ଆଶୀର୍ବାଦ ହୋଇଯାଆନ୍ତା । ସୁସ୍ଥ ଶରୀର ଓ ସୁସ୍ଥ ମନ ଉନ୍ନତ ବିଚାରର ଜନକ ଓ ଉନ୍ନତ ବିଚାର ବିବେକର ସମର୍ଥକ। ବିବେକାନୁମୋଦିତ ଜୀବନ ହିଁ ସର୍ବୋତ୍ତମ ଫଳଦାୟୀ ଜୀବନ । ଆଜି ଲୋକମାନଙ୍କ ଶାରୀରିକ ସୁସ୍ଥତା ପାଇଁ ସରକାରୀ ଚିକିତ୍ସାଳୟରେ ଆବଶ୍ୟକୀୟ ସମସ୍ତ ପ୍ରକାର ଭିତ୍ତିଭୂମି ରହିଛି। ମାନସିକ ସ୍ୱାସ୍ଥ୍ୟ ନିମିତ୍ତ ଆବଶ୍ୟକୀୟ ମନ୍ଦିର, ମଠ, ମସଜିଦ୍ ଓ ଗୀର୍ଜା ମାନଙ୍କରେ ସଦ୍‌ଗୁରୁ, ସତ୍‌ଦୀକ୍ଷା ଓ ସତ୍‌ସଙ୍ଗର ପ୍ରଭୂତ ଆବଶ୍ୟକତା ରହିଛି। ତେବେ ଅନେକକ୍ଷେତ୍ରରେ ଦେଖାଯାଏ ଲୋକମାନଙ୍କ ଅସଚେତନତାରୁ ନିଜେ ନିଜର ସ୍ୱାସ୍ଥ୍ୟହାନିର କାରଣ ହୋଇଥାନ୍ତି । ଆଜି ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ସଚେତନତା କ୍ଷେତ୍ର ଠାରୁ ଆଧ୍ୟାତ୍ମିକ ନିରାମୟ ଜୀବନ ଗଠନ ପାଇଁ ନିଜ ଦାୟିତ୍ୱ ପ୍ରତି ସଚେତନ ରହିବାର ଉପଯୁକ୍ତ ଦିବସ । ସ୍ୱାସ୍ଥ୍ୟ ହିଁ ସମ୍ପଦ ଏବଂ ଏକ ସୁସ୍ଥ ଓ ପ୍ରଗତିଶୀଳ ସମାଜ ଗଠନରେ ସମସ୍ତଙ୍କ ଐକାନ୍ତିକ ନିଃସ୍ୱାର୍ଥପର ଦାୟିତ୍ୱ ସମ୍ପନ୍ନ ଦ୍ୱାରା ସମାଜ ଓ ରାଷ୍ଟ୍ରର ବିକାଶ ସମ୍ଭବ ।

ପ୍ରଫେସର ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

## ରସାଳପୁର କୃଷି ସମବାୟ ସମିତିରେ ସଚେତନତା କର୍ମଶାଳା

ବାଲେଶ୍ୱର, ୦୬/୦୪ (ନି.ପ୍ର): ରସାଳପୁର ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ଋଣ ପରିଚାଳନା ସମ୍ପର୍କିତ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଉପ-ମହାପ୍ରବନ୍ଧକ ହିମାଂଶୁ ଶେଖର ଦାସ ଏହି କର୍ମଶାଳାକୁ ଉଦଘାଟନ କରିବା ସହିତ ସମବାୟ ଋଣ ଯୋଜନାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷ କରି ସ୍ୱଳ୍ପ ସୁଧ ଓ ବିନା ସୁଧରେ ତଥା ସହଜ ଋଣ ପ୍ରଦାନ, ଋଣ ଅର୍ଥର ସୁବିନିଯୋଗ ଏବଂ ଧାର୍ଯ୍ୟ ସମୟ ମଧ୍ୟରେ ଋଣଅର୍ଥ ଫେରସ୍ତ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବ୍ୟାଙ୍କର ସଦର ଶାଖା ପରିଚାଳକ ଅଶୋକ ମିଶ୍ର, ବିବିସିସି ୯ ନଂ ଜୋନ ନିର୍ଦ୍ଦେଶକ ଦେବ କୁମାର ଦେବ ପ୍ରମୁଖ ଏଥିରେ ଯୋଗଦେଇ ସମବାୟ ବ୍ୟାଙ୍କର ନୂତନ ଋଣନୀତି ସମ୍ପର୍କରେ ଆଲୋକପାତ କରିଥିଲେ। ବିନା ସୁଧରେ କୃଷକଙ୍କୁ ୧ ଲକ୍ଷ ପର୍ଯ୍ୟନ୍ତ ଓ ଏସଏଚଜିଙ୍କୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ପ୍ରଦାନର ବ୍ୟବସ୍ଥା ରହିଥିବା ନେଇ ସେମାନେ ସୂଚନା ଦେଇଥିଲେ। ସମିତିର ନିର୍ଦ୍ଦେଶନା ମଣ୍ଡଳି ସଭାପତି ଅର୍ଜୁନ ପ୍ରସାଦ ଦାସ ଏହି କର୍ମଶାଳାରେ ସଭାପତିତ୍ୱ କରିଥିବା ବେଳେ ନିର୍ଦ୍ଦେଶକ ଚିତ୍ତରଂଜନ ପାଣିଗ୍ରାହୀ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ସମିତି ସମ୍ପାଦକ ଅସିତ କୁମାର ଦାସ ବିବରଣୀ ଉପସ୍ଥାପନ କରିଥିବା ବେଳେ ସହ-ସମ୍ପାଦକ ପ୍ରଦୀପ କୁମାର ଦାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

### ଲଢୁଆ ବିମାନ...

ତେବେ ଏହାପୂର୍ବରୁ ଏପ୍ରିଲ ୭ ତାରିଖରେ କାଜିରଙ୍ଗା ଜାତୀୟ ଉଦ୍ୟାନରେ 'ଗଜ ଉତ୍ସବ-୨୦୨୩' ଉଦଘାଟନ କରିବେ । ଏହାପରେ ଗୌହାଟିରେ 'ମାଉଣ୍ଟ କାଞ୍ଚନଗଙ୍ଗା ଏକ୍ସପେଡିସନ-୨୦୨୩' କାର୍ଯ୍ୟକ୍ରମରେ ଯୋଗ ଦେବେ ମହାମହିମ ରାଷ୍ଟ୍ରପତି। ଏହାସହିତ ଗୌହାଟି ହାଇକୋର୍ଟର ୭୫ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଏକ ଉତ୍ସବରେ ସେ ସାମିଲ ହେବାର ଯୋଜନା ରହିଛି । ତେବେ ୮ ତାରିଖରେ ଶ୍ରୀମତୀ ମୁର୍ମୁ ଲଢୁଆ ବିମାନ ଉଡାଇବେ । ତାଙ୍କ ପୂର୍ବରୁ ଭାରତର ମହିଳା ରାଷ୍ଟ୍ରପତି ଭାବେ ଶ୍ରୀମତୀ ପ୍ରତିଭା ପାଟିଲ ୨୦୦୯ ନଭେମ୍ବର ୨୫ ତାରିଖରେ ଫାଇଟର ଜେଟ ଉଡାଇଥିଲେ । ପୂର୍ବତନ ରାଷ୍ଟ୍ରପତି ଡ. ଏପିଜେ. ଅବଦୁଲ କଲାମ ମଧ ୨୦୦୬ ମସିହା ଜୁନକ ୮ ତାରିଖ ପୁଣେ ବିମାନ ବନ୍ଦରରୁ ଏହି ଲଢୁଆ ବିମାନ ଉଡାଇଥିଲେ ।

### ୬.୫%ରେ 'ରେପୋ ରେଟ୍' ....

ସୁଧର ଦର କମ୍ ଥିବାରୁ ଅର୍ଥନୈତିକ କାର୍ଯ୍ୟକଳାପ ବିଶେଷ ସକ୍ରିୟ ଅଛି।
ଆର୍ଥିକ ବର୍ଷ ୨୩ରେ ୭% ଅଭିବୃଦ୍ଧି ହାର ଆଶା ରଖି ଭାରତର ଅର୍ଥନୈତିକ କାର୍ଯ୍ୟକଳାପ ସୁଦୃଢ଼ ରହିଥିବା କଥା ମଧ ଗଭର୍ଣ୍ଣର ଦାସ କହିଛନ୍ତି। ଆର୍ଥିକ ବର୍ଷ ୨୪ ନିମନ୍ତେ ଭାରତୀୟ ରିଜର୍ଭ ବ୍ୟାଙ୍କ୍ ଅଭିବୃଦ୍ଧି ହାର ୬.୪ରୁ ସାମାନ୍ୟ ବୃଦ୍ଧି କରି ୬.୫% ହେବ ବୋଲି ଆକଳନ କରିଛି। ଗତବର୍ଷ ଫେବ୍ରୁଆରି ତୁଳନାରେ ଚଳିତ ବର୍ଷ ଫେବ୍ରୁଆରିରେ ଖାଉଟି ମୁଦ୍ରାସ୍ଫୀତି ୬.୪୪% ବୃଦ୍ଧି ପାଇଛି। କିନ୍ତୁ, ଜାନୁଆରି ମାସରେ ଖାଉଟି ମୁଦ୍ରାସ୍ଫୀତି ୬.୫୨% ଥିଲା। ଅଦିନିଆ ବୃଷ୍ଟିପାତ ଖାଦ୍ୟ ଦର ବୃଦ୍ଧି କରାଉଥିବା ବେଳେ ନିକଟ ଅତୀତରେ ତୈଳ ଦର ବୃଦ୍ଧି ମଧ ମୁଦ୍ରାସ୍ଫୀତି ହ୍ରାସ ନ ପାଇବାର କାରଣ ବୋଲି ଜଣାପଡ଼ିଛି।

## ଜିଲା କାର୍ଯ୍ୟାଳୟରେ ବିଜେପିର ପ୍ରତିଷ୍ଠା ଦିବସ



ବାଲେଶ୍ୱର, ୦୬/୦୪ (ନି.ପ୍ର): ବିଜେପି ଜିଲା କାର୍ଯ୍ୟାଳୟରେ ଦଳର ୪୩ତମ ପ୍ରତିଷ୍ଠା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଜିଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ପୌରହିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ରାଜ୍ୟ ମହିଳା ମୋର୍ଚ୍ଚା ଉପ-ସଭାନେତ୍ରୀ ସୁଷମା ବିଶ୍ୱାଳ, ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା ପ୍ରମୁଖ ଯୋଗଦେଇ ଦୀର୍ଘ ୪୨ବର୍ଷରେ ପହଞ୍ଚିଥିବା ଏହି ରାଷ୍ଟ୍ରୀୟ ଦଳର ଅଗ୍ରଗତି ଓ ଲୋକପ୍ରିୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଦେଶବାସୀଙ୍କୁ ଭ୍ରଷ୍ଟାଚାର ମୁକ୍ତ, ସ୍ଥିର ତଥା ସୁଶାସନ ପ୍ରଦାନର ଆଭିମୁଖ୍ୟ ନେଇ ୧୯୮୦ ମସିହାରେ ପ୍ରତିଷ୍ଠା ହୋଇଥିବା ଏହି ଦଳ ସାଧାରଣ ଲୋକଙ୍କଠାରେ ବିଶ୍ୱାସଭାଜନ ହୋଇପାରିଛି ବୋଲି ସେମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ପ୍ରସାରିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉଦବୋଧନକୁ ଉପସ୍ଥିତ ଦଳୀୟ କର୍ମକର୍ତ୍ତାମାନେ ଦେଖିଥିଲେ । ପରେ ଦଳ ପକ୍ଷରୁ ବାଲେଶ୍ୱରର ଦୁଇଜଣ ପ୍ରତିଭାବାନ ବ୍ୟକ୍ତିତ୍ୱ କ୍ରୀଡ଼ାବିତ ତରୁଣ ଚାଟାର୍ଜୀ ଓ ବିଶିଷ୍ଟ ସାହିତ୍ୟିକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଜେପି ଜିଲା ଉପ-ସଭାପତି କମଳ ଲୋଚନ ଦାସ, ସମ୍ପାଦକ ବିଜୟ ସାହୁ, ଆଶିଷ ଘୋଷ, ଜୋନାଲ ମିଡିଆ ସଂଯୋଜକ ସତ୍ୟଜିତ ମିଶ୍ର, ସଂସାଦ ପ୍ରତିନିଧି ସୁଶାନ୍ତ ବେରା, ନଗର ସଭାପତି ଚିତରଞ୍ଜନ ପଣ୍ଡା, ନଗର ମହିଳା ସଭାନେତ୍ରୀ ସୁସ୍ମିତା ପଣ୍ଡା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡା କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ସଭା ପ୍ରାରମ୍ଭରେ ଭାରତମାତା, ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟ ଓ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ ସହ ସାମୂହିକ ବନ୍ଦେ ମାତରମ ଗାନ କରାଯାଇଥିଲା। ସିପ୍ରା ମହାପାତ୍ର, ମମତା ମହାପାତ୍ର, ପିଙ୍କି ପ୍ରଧାନ, ସସ୍ମିତା ଚାନ୍ଦ, ଯୋଗେନ୍ ରଣା, ମଂଟୁ ପେରିୱାଲ, ଯୁବମୋର୍ଚ୍ଚା ସଭାପତି ରାଜେଶ ମହାପାତ୍ର, ଖଗେନ୍ଦ୍ର ନାୟକ, ଯୁବମୋର୍ଚ୍ଚା ସମ୍ପାଦକ ଅରୂପ ଜେନା, ନାରାୟଣ ମହନ୍ତ, ଭାଗ୍ୟ ରଞ୍ଜନ ନାୟକ, ସୁବୋଧ ଚନ୍ଦ୍ର ପଣ୍ଡା, ତ୍ରିଭୁବନ ଦାସ, ମଦନ ମୋହନ ଦାସମହାପାତ୍ର, ଭଗବାନ ଗୁପ୍ତା, କାଉନସିଲର ନିରୁପମା ଦାସ, ସୁଚିସ୍ମିତା ପଣ୍ଡା, ପ୍ରଶାନ୍ତ କୁମାର ପରିଡା, ହୃଷୀକେଶ ପାତ୍ର, ଶୈଳେନ୍ଦ୍ର ଦାସ, କଳ୍ପଲତା ବେହେରା, କଟି ଭାଇ, ରବିନ୍ଦ୍ର ଜୈନ ପ୍ରମୁଖଙ୍କ ସମେତ ଦଳର ବହୁ କର୍ମୀ ଏଥିରେ ଉପସ୍ଥିତ ଥିଲେ।

## ଚୋରା ମଦ ଦୋକାନ ଉଚ୍ଛେଦ ଦାବି କଲେ ମହିଳା

ବାଲେଶ୍ୱର, ୦୬/୦୪ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ରସାଳପୁର ପଞ୍ଚାୟତର ଛଚିନା ଗ୍ରାମରେ ଚୋରା ମଦ ଦୋକାନ ଉଚ୍ଛେଦ ଦାବିରେ ମହିଳାମାନେ ଗୁରୁବାର ଅବକାରୀ ଅଧୀକ୍ଷକ ଓ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଆପତ୍ତି ଅନୁସାରେ ରସାଳପୁର ପଞ୍ଚାୟତର ଏକ ୱାର୍ଡ଼ ବିଶିଷ୍ଟ ଏହି ଛୋଟିଆ ଗ୍ରାମ ଛଚିନାରେ ଏବେ ମଦର ବନ୍ୟା ପ୍ରବାହିତ ହେଉଛି। ଏହି ଗ୍ରାମରେ ୩ ଗୋଟି ଚୋରା ଦେଶୀ ଓ ବିଦେଶୀ ମଦ ଦୋକାନ ଦିନ-ରାତି ଖୋଲା ରହିବା ଫଳରେ ଅଳ୍ପ ବୟସର ଯୁବକଙ୍କ ଠାରୁ ବୟସ୍କ ବ୍ୟକ୍ତି ପର୍ଯ୍ୟନ୍ତ ମଦ ନିଶାର ଶିକାର ହୋଇଛନ୍ତି। କାମଧନ୍ଦାକୁ ଯିବା ପରିବର୍ତ୍ତେ ସେମାନେ ମଦ ପିଇ ମାତାଲ ଅବସ୍ଥାରେ ବୁଲୁଛନ୍ତି। ଏହା ଦ୍ୱାରା ପରିବାରର ସୁଖଶାନ୍ତି ନଷ୍ଟ ହୋଇଥିବା ବେଳେ ରାସ୍ତାଘାଟରେ ମହିଳାମାନେ ଯା'ଆସ କରିବାକୁ ଅସୁରକ୍ଷିତ ମଣିଲେଣି। ଏନେଇ ସ୍ଥାନୀୟ ଜୟଦେବ କସବା ଫାଣ୍ଡି ଓ ସଦର ଥାନାରେ ଜଣାଇବା ପରେ ବି ପୁଲିସ ଚୋରା ମଦ ଦୋକାନୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଶେଷରେ ସେମାନେ ଅବକାରୀ ବିଭାଗ ମୁଖ୍ୟ ଓ ଜିଲାପାଳଙ୍କ ନିକଟରେ ଆପତ୍ତି ଜଣାଇବାକୁ ଆସିଛନ୍ତି ବୋଲି ମହିଳାମାନେ ସୂଚନା ଦେଇଛନ୍ତି। ସପ୍ତାହକ ମଧ୍ୟରେ ଉଚିତ ପଦକ୍ଷେପ ନିଆ ନଗଲେ ଆଗାମୀ ଦିନରେ ଅବକାରୀ ବିଭାଗ ଓ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏହି ଅବସରରେ ମହିଳାମାନେ ଏକ ଦାବିପତ୍ର ଅବକାରୀ ଅଧୀକ୍ଷକଙ୍କୁ ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଛଚିନା ୱାର୍ଡ଼ ସଭ୍ୟାଙ୍କ ସମେତ ମୀରା ମାରାଣ୍ଡି, ସତ୍ୟଭାମା ବେହେରା, ଲକ୍ଷ୍ମୀ ମାରାଣ୍ଡି, ମିନତୀ ପରିଡ଼ା, ସରସ୍ୱତୀ ଖିଲାର ପ୍ରମୁଖ ଉପସ୍ଥିତ ଥିଲେ।

## ଜୟପୁରରେ ପାଳିତ ହେଲା ଭାରତୀୟ ଜନତା ପାର୍ଟିର ୪୪ ତମ ପ୍ରତିଷ୍ଠା ଦିବସ

ଜୟପୁର, ୦୬/୦୪ (ନି.ପ୍ର): ବିଜେପି ଦଳର ଆଜି ୪୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ୪୨ବର୍ଷ ତଳେ ଆଜିର ଦନରେ ଅର୍ଥାତ ୬ ଏପ୍ରିଲ ୧୯୮୦ରେ ଅଟଳ ବିହାରୀ ବାଜପେୟୀ ଓ ଲାଲକୃଷ୍ଣ ଆଡଭାନୀଙ୍କ ସମେତ ୧୧ ଜଣ ନେତା ମିଶି ମୁମ୍ବାଇର ସମୁଦ୍ର କୂଳରେ ଭାରତୀୟ ଜନତା ପାର୍ଟିର ସ୍ଥାପନା କରିଥିଲେ। ଏନେଇ ଜୟପୁର ପାୱାର ହାଉସ ଠାରୁ ବିଶାଳ ଶୋଭାଯାତ୍ରା ବାହାରି ମୁଖ୍ୟ ରାସ୍ତା ଦେଇ ଜୟପୁର କଲ୍ୟାଣ ମଣ୍ଡପ ରେ ପହଂଚିଥିଲା। ସେଠାରେ ବୈଠକ ଅନୁଷ୍ଠିତ ହୋଇଛି। ବିଜେପିର ଛବି କେବଳ ଏକ କଠୋର ହିନ୍ଦୁତ୍ୱବାଦୀ ଦଳରେ ସୀମିତ ରହିନାହିଁ। ବିଜେପିର ପୂର୍ବ ସ୍ୱରୂପ ଭାରତୀୟ ଜନସଂଘର ପ୍ରତିଷ୍ଠାତା ଦୀନଦୟାଲ ଉପାଧ୍ୟାୟଙ୍କର ଯେଉଁ ମନ୍ତ୍ର ଥିଲା ଅନ୍ତୋଦୟ ସେହି ରାସ୍ତାରେ ଚାଲିଛନ୍ତି ଆମ ପ୍ରିୟ ମୋଦି ସରକାରଙ୍କ ଆଜିର ଏହି ପ୍ରତିଷ୍ଠା ଦିବସ ଉପଲକ୍ଷେ ଜୟପୁର ର ବାରିଷ୍ଟ ନେତାଙ୍କ ସହଯୋଗରେ ଏକ ବିରାଟ ବାଇକ ରାଲି ର ଆୟୋଜନ କରାଯାଇଥିଲା ।





# ବିବେକାନନ୍ଦ ଶିକ୍ଷା କେନ୍ଦ୍ର, ବସ୍ତା, ବାଲେଶ୍ୱର

"ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଓ ଉତ୍କଳ ଶିକ୍ଷା ପରିଷଦ ଭୁବନେଶ୍ୱରରେ ଅନ୍ତର୍ଭୁକ୍ତ" ।

**Recognised by Govt. of Odisha & affiliated to U.S.P. Bhubaneswar, Odisha**
**Govt. COR No. VSKBBB/ 182/ 2022**

ଭାରତୀୟ ସଂସ୍କୃତି ଓ ପରମ୍ପରା ଉପରେ ଆଧାରିତ ଆଦର୍ଶ ବିଦ୍ୟାଳୟରେ ଶିଶୁବାଟିକାଠାରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୨୦୨୩-୨୪ ପାଇଁ ନାମଲେଖା ଆରମ୍ଭ ହୋଇଅଛି ।

ଆମେ ପ୍ରତିଶୃତିବଦ୍ଧ: ଇଂରାଜୀ ବିଷୟ ଉପରେ ଅଧିକ ଧ୍ୟାନ ଦେବା ସହିତ ଓଡ଼ିଶା ସରକାରଙ୍କ ଉତ୍କଳ ଶିକ୍ଷା ପରିଷଦ, ଭୁବନେଶ୍ୱରଙ୍କ ପାଠ୍ୟଖସଡ଼ା ସହ ମାତୃଭାଷା ବୌଦ୍ଧିକ ଗୁରୁତ୍ୱ, ନୈତିକ ଶିକ୍ଷା, ଚିତ୍ରାଙ୍କନ, ସଂଗୀତ, ନୃତ୍ୟ, କମ୍ପ୍ୟୁଟର, ଯୋଗାସନ ଶିକ୍ଷାଦାନ ଅଭିଜ୍ଞ ଶିକ୍ଷୟିତ୍ରୀ/ ଶିକ୍ଷକଙ୍କ ଦ୍ୱାରା ଦିଆଯାଏ । ସମସ୍ତ ପ୍ରକାର ବୃତ୍ତି ପରୀକ୍ଷାରେ ଆମ ଅନୁଷ୍ଠାନ ପାରଦର୍ଶୀତା ଲାଭ କରିଥାଏ । ସରକାରଙ୍କ **RTE Act 2022** ଅନୁଯାୟୀ ନିଶୁଳ୍କ **STD-1** ଶ୍ରେଣୀରେ ୨୫% ସଂରକ୍ଷିତ ସ୍ଥାନ ପରିଚାଳନା ସମିତିଙ୍କ ଦ୍ୱାରା ସ୍ଥିରୀକୃତ ହୋଇ ଆର୍ଥିକ ଅନଗ୍ରସରତା, ଜନଜାତି, ଅନୁସୂଚିତ ଜାତିର ପିଲାଙ୍କ ପାଇଁ ସଂରକ୍ଷିତ ରହିଛି ।

**RTE Paradarshi Web Portal** ରେ ଯାଇ ନାମ **Registration** କରିପାରିବେ ।

## ବିବେକାନନ୍ଦ ଶିକ୍ଷା କେନ୍ଦ୍ର

ବାରମାଡ଼ିଆ, ବସ୍ତା, ବାଲେଶ୍ୱର

**Mob.: 9937255990, 9938442084, 7205160144, 9040204209**


## ସତ୍ୟ ନାରାୟଣପାଲା ପୂଜା ଉଦ୍‌ଯାପିତ



କାଇପଦର, ୦୬/୦୪ (ନି.ପ୍ର): ଓଡ଼ିଶାର ସର୍ବ ପ୍ରଥମ ଓ ଦ୍ୱିତୀୟ ଦୋଳବେଦୀ ,ପାଇକ ଗଡ କାଇପଦର ଶ୍ରୀଶ୍ରୀ ସତ୍ୟ ନାରାୟଣ ପାଲା ୦୫,୦୪, ଉଜାପିତ ହୋଇ ଗଲା। ଦୁଇ ଦଳ ଗାୟକ ପାଲା ପରିବେଷଣ ମନମୁଗ୍ଧକର ହୋଇ ଥିଲା। ଏହି ପାଲା ତିର୍ଥ ଓ ବାବା ସତ୍ୟ ପୀର ପୀଠ ମନ୍ଦିର ( ବାବା ବୁଖାରୀ ଦେଖିବା ପାଇଁ ଦୈନିକ ଶହ ମହିଳା ଓ ପୁରଷ ସନ୍ଧ୍ୟା ୭ ଟା ରୁ ରାତି ଗୋଟାଏ। ପଯ୍ୟନ୍ତ ନାରାୟଣ ଭକ୍ତି ସଙ୍ଗୀତ ଓ ଭଗବାନ ବିଭିନ୍ନ ଯୁଗରେ ଅବତାର ତାଙ୍କ ମାନ ବିୟ ନୀଳା ଚର୍ଚ୍ଚା ଶାସ୍ତ୍ରତିଙ୍କ କାର୍ଯ୍ୟ ଆଲୋଚ୍ୟ ହୋଇଥିଲା ଗାୟକ ସୁନିଲ କୁମାର ମହାପାତ୍ର, ମଲ୍‌ହିପଦର୍ ଖୋରଧା ଓ ବନାମ ମଧୁସୂଦନ ପତି, କେଉଁଝର ଉକ୍ତ ପାଲା ତୀର୍ଥ ଓ ଆୟାଯୋକଙ୍କ ଭୂୟେସ ପ୍ରଂଶାସ କରିଥିଲେ। କାଇପଦର ବିଦିଷ୍ଟ ବେକ୍ତି ଡ.ଈଶ୍ୱର ଚନ୍ଦ୍ର ମଙ୍ଗରାଜ ସାମ୍ବାଦିକ ଖୋର୍ଦ୍ଧା , ଓଡ଼ିଶା, ଓ ପୂର୍ବତନ ରୋଗ ଚିହ୍ନଠ , ଶିକ୍ଷା, ଚିକିତ୍ସା ପର୍ଯ୍ୟବେକ୍ଷକ, ମନ୍ଦିର ଓ ନାରୟେଣ୍ ବିଗ୍ରହ ପ୍ରତିଷ୍ଠାତା ଠାକୁର ମୁକାମ ଉଠାଇ ଥିଲ। ଦୁଇ ଗାଏକ ଓ ରୁଦ୍ରାକ୍ଷ ଉଇ ଟିଭି ମହାଶୟ ଙ୍କୁ ସନମାନିତ କରିଥଲେ ଉପ ଗୁଣ୍ଡନ ଓ ପ୍ରମାଣ ପତ୍ର ଦେଇ ପାଲା କମିଟି ସଭ୍ୟ ମୁଖ୍ୟ ଈଶ୍ୱର ମଙ୍ଗରାଜ ଓ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନ୍ଥିଧୀ ବିଜୟା ନନ୍ଦ ଅରିସଲ । ସେ ମହାଶୟ ପେଣ୍ଡାଲ ପାଖେ ଗୋଷିତ କରିଥିଲେ ଆସନ୍ତା ବର୍ଷ ଏକ ସ୍ଥାୟୀ ପାଲା ପେଣ୍ଡାଲ କରିବେ ,ଘୋଷଣା କରିଥିଲେ।ଖୋର୍ଦ୍ଧା ବ୍ଲକ ଅଧକ୍ଷା, ଶ୍ରୀମତୀ ରୂପଶ୍ରୀ ଚିନ୍ମୟୀ, ନାରାୟଣ ମନ୍ଦିର ସ୍ଥାନ ବହୁ ଉନ୍ନତି କରିବେ ତାଙ୍କ ସ୍ୱାମୀ ଖୋର୍ଦ୍ଧା ବ୍ଲକ୍ ଓ ରାଜ୍ୟ ବିଜେଡ଼ି ଉପ ସଭାପତି ରାଜ କିଶୋର ପାତ୍ର ମନ୍ଧ୍ୟ ଏକ ପ୍ରତିଶ୍ରୁତି ଦେଇଛନ୍ତି। ସତ୍ୟ ନାରାୟଣ ପାଇଁ ପ୍ରତିଜ୍ଞା ବଧ କରିବେ। ଆସନ୍ତା ୨୪ ନିର୍ବାଚନ କ୍ଷରେ ଖୋର୍ଦ୍ଧା। ବିଧାୟକ ଟିକେଟ ବିଜେଡ଼ି ଟିକେଟ ପାଇବେ ବାବା ସତ୍ୟପୀର ଓ ସତୀ ନାରାୟଣ ଆଶ୍ରିବାଦ ଭିକ୍ଷା ସବୁଦିନ ଜାଇ ପାର୍ଦ୍ଧନା କରନ୍ତି। ଏହା ସତ୍ୟ ନାରାୟଣ ପୁରଣ କରିବେ ଆସା ଓ ବିଶ୍ୱାସ। ଏହି ପାଲା କମିଟି ୪/୫ ଜଣ ଦିନ ରାତି ଅକ୍ଳାନ୍ତ ପରିଶ୍ରମ କରନ୍ତି। ଅନ୍ୟ ମାନେ ଯଦି ପୂର୍ବ ପରୀ ସାହାଯ୍ୟ କରନ୍ତେ। ବହୁ ସହଜ ହୁଅନ୍ତା। ପାଲା ପରିଚାଳନା କମିଟିର ବିନୀତ ପାର୍ଥାନା କରିଚନ୍ତି। ଖୋର୍ଦ୍ଧା ବର୍ତ୍ତମାନ ବିଧାୟକ, ସବୁ ଦଳର ନେତା ନେତ୍ରୀ ନିମନ୍ତ୍ରଣ ପାଇ ପ୍ରତି ଶ୍ରୁତି ଦେଇ ଗଲେ ନାହିଁ । କାଇପଦରବାସୀ ଦୁଖିତ। କାହାର ଜନ୍ମ ଦୀନ, କାହାର ସୁଦ୍ଧାକ୍ରିୟା, କାହା ପିଲା ଇକୋଷିଆ, ଖେଳ ଆଦିକୁ ଯାଆନ୍ତି । ସେଭଳି କିଛି ପ୍ରିଣ୍ଟ ଓ ବୈଦିକ ମିଡିଆ ନିମନ୍ତ୍ରଣ ପାଇ ଗଲେ ନାହିଁ କାଇପଦର ମୁସଲମାନ ଙ୍କ ଉର୍ଷ ଉତ୍ସବ ପାଇଁ ବିନା ନିମନ୍ତ୍ରଣ ନ ପାଇ ଯିବେ କାରଣ କଣ୍ ଗୁପ୍ତ।ମାତ୍ର ୧୫୧ ବର୍ଷ ନାରାୟଣ ପୂଜା ପାଇଁ ଦରଦ ରହିଲା ନାହିଁ

## ପ୍ରଥମ ଦିନୋତ୍ସବ ପାଳିତ

ବଲାଙ୍ଗିର, ୦୬/୦୪ (ନି.ପ୍ର): ଆଜି ବଲାଙ୍ଗୀର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କଦମପଡ଼ା ଶିଶୁ ବାଟିକା ବିଭାଗରେ ଶିଶୁପ୍ରାରମ୍ଭ ଶ୍ରେଣୀରେ ନାମ ଲେଖାଇଥିବା ଶିଶୁଙ୍କର ପ୍ରଥମ ଦିନୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଯଜ୍ଞ କରାଯାଇ ଶିଶୁଙ୍କୁ ସ୍ୱାଗତ କରାଯାଇଥିଲ। ଉକ୍ତ କାର୍ଯ୍ୟକ୍ରମରେ ୧୧୦ ଜଣ ଶିଶୁ ତଥା ତାଙ୍କର ଅଭିଭାବକ ଯୋଗଦାନ କରିଥିଲେ। ପ୍ରସାଦ ସେବନ ପରେ କାର୍ଯ୍ୟକ୍ରମ ସମାପନ ହୋଇଥିଲା। ଶିଶୁବାଟିକା ପ୍ରମୁଖ ଶ୍ରୀମତୀ ବିଦ୍ୟୁତରେଖା କର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ପରିଚାଳନା ସମିତିର ସଂପାଦକ ସୁରେନ୍ଦ୍ର ତ୍ରୀପାଠୀ, ଉପସଭାପତି ବିରେନ୍ଦ୍ର ଧରୁଆ, ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ସୁବ୍ରତ କୁମାର ବେହେରା ଉପସ୍ଥିତ ରହି ମାର୍ଗଦର୍ଶନ କରିଥିଲେ। ସମସ୍ତ ଗୁରୁଜୀ ଗୁରୁମା ସେବକ ସେବିକାଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳତାର ସହିତ ସମାପନ ହୋଇଥିଲା।

## ସ୍ୱାଭିମାନ ଅଂଚଳର ପଣସପୁଟକୁ ବସ୍ ସେବା ଆରମ୍ଭ

ମାଲକାନଗିରି, ୦୬/୦୪ (ନି.ପ୍ର): ମାଲକାନଗିରିରୁ ସ୍ୱାଭିମାନ ଅଂଚଳର ପଣସପୁଟକୁ ଆଜି ବସ ସେବା ଆରମ୍ଭ ହୋଇଛି। ଆଜି ସକାଳୁ ସାଂସଦ ରମେଶ ମାଝୀ ଓ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ବାଲିମେଳା ଛକ ଠାରେ ମାଲକାନଗିରିରୁ ପଣସପୁଟ ବସ ସେବାର ଉଦ୍ଘାଟନ କରିବା ପରେ ବସଟି ପଣସପୁଟ ଅଭିମୁଖେ ଯାତ୍ରା ଆରମ୍ଭ କରିଛି ।ସୂଚନାଯୋଗ୍ୟ, ଗତ ମାସ ୨୮ ତାରିଖ ଦିନ ଫାଇଭ-ଟି ସଚିବ ଭି.କେ. ପାଣ୍ଡିଆନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିବା ନିମନ୍ତେ ଚିତ୍ରକୋଣ୍ଡା ସ୍ୱାଭିମାନ ଅଂଚଳର ହନ୍ତାଳଗୁଡ଼ା ଠାରେ ପହଂଚିଥିଲେ। ସେଠାରେ ସ୍ୱାଭିମାନ ଅଂଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଲୋକଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ସ୍ୱାଭିମାନ ଅଂଚଳବାସୀ ଆଉ ଏକ ସରକାରୀ ବସ୍ ମାଲକାନଗିରି ଠାରୁ ପଣସପୁଟ ଯାଏଁ ଚଳାଚଳ ନିମନ୍ତେ ଦାବି କରିଥିଲେ। ଦଶ ଦିନ ଭିତରେ ନିଶ୍ଚିତ ଆଉ ଏକ ବସ୍ ଆପଣଙ୍କ ଅଂଚଳକୁ ଚାଲିବ ବୋଲି ଫାଇଭ-ଟି ସଚିବ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

## ଫେସବୁକରୁ ପ୍ରେମ ଓ ବ୍ଲାକମେଲିଂ: ଯୁବକ ଗିରଫ

ବାଲେଶ୍ୱର, ୦୬/୦୪ (ନି.ପ୍ର):ଫେସବୁକ୍‌ରୁ ବନ୍ଧୁତା ସ୍ଥାପନ ପରେ ପ୍ରେମ ସମ୍ପର୍କ। ଆଉ ତାରେ ବ୍ଲାକମେଲ ଆରମ୍ଭ । ଶେଷରେ ବ୍ଲାକମେଲର ପ୍ରେମିକୁ ଗିରଫ କରିବାରେ ସଫଳ ହୋଇଛି ପୁଲିସ। ଏହି ଘଟଣା ଘଟିଛି ବାଲେଶ୍ୱର ଜିଲା ନୀଳଗିରି ବରହମପୁର ଅଞ୍ଚଳରେ। ପୀଡ଼ିତାଙ୍କ ଅଭିଯୋଗ କ୍ରମେ ଅଭିଯୁକ୍ତ ବରହମପୁର ଥାନା ଟୁକିପଦା ଗ୍ରାମର ଯୁବକ ପ୍ରକାଶ ସିଂକୁ ଗିରଫ ସହ ସାଇବର ଥାନା ପୁଲିସ କୋର୍ଟ ଚାଲାଣ କରିଛି। ବରହମପୁର ଅଞ୍ଚଳରେ ଜନୈକ ମହିଳାଙ୍କ ସହ ପ୍ରକାଶ ପ୍ରଥମେ ଫେସବୁକ ବନ୍ଧୁ ହୋଇଥିଲେ। ଉଭୟ ପାଖାପାଖି ଅଞ୍ଚଳର ବୋଲି ଜାଣିବା ପରେ ଉଭୟଙ୍କ ବନ୍ଧୁତା ଆହୁରି ଘନିଷ୍ଠ ହୋଇ ପରବର୍ତ୍ତୀ ସମୟରେ ପ୍ରେମକୁ ରୂପାନ୍ତରିତ ହୋଇଥିଲା। ତାଙ୍କ ସ୍ୱାମୀଙ୍କ ଅନୁସ୍ଥିତରେ ମହିଳାଙ୍କ ସହ ପ୍ରକାଶ ଭିଡିଓ କଲରେ ନିୟମିତ କଥା ହେଉଥିଲେ। ପରବର୍ତ୍ତୀ ସମୟରେ ସେହି ଭିଡିଓକୁ ସ୍ୱାମୀଙ୍କୁ ପଠାଇଦେବାର ଭୟ ଦେଖାଇ ତାଙ୍କ ଠାରୁ ପ୍ରକାଶ ଅର୍ଥ ଦାବି କରିଥିଲେ। ଏମିତିକି କିଛି ଭିଡିଓକୁ ସେ ଫେକ୍ ଆଇଡିରୁ ଭାଇରାଲ ବି କରିଥିଲେ। ତେବେ ବାରମ୍ବାର ବ୍ଲାକମେଲର ଶିକାର ହୋଇ ମହିଳା ଜଣକ ସମାଜସେବୀ ଅପର୍ଣ୍ଣା ମହାପାତ୍ରଙ୍କ ସହଯୋଗରେ ଗତମାସ ୬ ତାରିଖରେ ବାଲେଶ୍ୱର ସାଇବର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସାଇବର ଥାନା ପୁଲିସ ୭/୨୦୨୩ ନଂର ମାମଲା ରୁଜୁ ସହ ତଦନ୍ତ ଜାରି ରଖିଥିଲେ। ସମସ୍ତ ପ୍ରମାଣ ଏକାଠି ସହ ପୁଲିସ ଅଭିଯୁକ୍ତ ପ୍ରକାଶକୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି।

ଶୁକ୍ରବାର, ଏପ୍ରିଲ ୦୭, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଜଳେଶ୍ୱରରେ ବିଜେପିର ୪୪ତମ ପ୍ରତିଷ୍ଠା ଦିବସ

ଜଳେଶ୍ୱର,୬/୪(ନିପ୍ର) : ଆଜି ଭାରତୀୟ ଜନତା ପାର୍ଟିର ୪୪ତମ ପ୍ରତିଷ୍ଠା ଦିବସ ଅବସରରେ ବ୍ଲକ ବଜାରସ୍ଥିତ ବିଜେପି କାର୍ଯ୍ୟାଳୟ ପରିସରରେ ଆୟୋଜିତ ସଭାରେ ନଗର ସଭାପତି ଫାଲଗୁନୀ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ । ପୂର୍ବତନ କାଉନ୍ସିଲର ସିଦ୍ଧେଶ୍ୱର ପଣ୍ଡା ଦଳୀୟ ପତାକା ଉତ୍ତୋଳନ କରି ଉଦ୍‌ଘାଟନ କରିଥିଲେ । ଏଥିରେ ଜିଲା ଉପସଭାପତି ପ୍ରବୀର ପ୍ରଧାନ, ସାବିତ୍ରୀ ଜେନା, ସିଦ୍ଧାର୍ଥ ଶଂକର ପାଳ, ମଣ୍ଡଳ ସଭାପତି ତପନ ବିଶ୍ୱାଳ, ବିଶ୍ୱରୂପ ଦାସ, ତନ୍ମୟ ଚାନ୍ଦ, ଚନ୍ଦନ ଦାସ, ଶିବନାରାୟଣ ମହାପାତ୍ର, ଅନନ୍ତ ଦାସ, ବନମାଳୀ ଧଳ, ମୁକ୍ତାରାଣୀ ପାଳ, ସୁମତି ରଣା, ବରେନ୍ଦ୍ର ପରିଡା, ଗଦାଧର ସିଂ, ଅଂଜନ ଦାସ, ସଂଜିବ ପ୍ରଧାନ, ମନମହନ ଆଚାର୍ଯ୍ୟ, ମୁରଲି ସେନାପତି, ବଂକବିହାରୀ ଦାସ, ରାଧାକୃଷ୍ଣ ସେଣ, ଖୋକନ ଘୋଷ, ଅଜୟ ଦାସ, ଅରୁଣ ଦାସ, ଅଜୟ ପାତ୍ର, ରବିନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ । ଅନୁରୂପଭାବେ ଅରୁଣ ବେଜଙ୍କ ସଭାପତିତ୍ୱରେ ଭଂଜ କଲ୍ୟାଣ ମଣ୍ଡପ ଠାରେ ନିର୍ବାଚନ ମଣ୍ଡଳୀ ସ୍ତରୀୟ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି । ଏଥିରେ ପ୍ରବୀର ଶଂକର ଦାସ, ପ୍ରହଲ୍ଲାଦ ଦାସ, ପ୍ରଦୀପ ମହାନ୍ତି, ସୁଶୀଲ ପ୍ରଧାନ, ପରେଶ ଘୋଷ, ଗଦାଧର ସିଂହ, ସମ୍ଭୁନାଥ ଜେନା, ଅଧିର ପାଣିଗ୍ରାହୀ, ବିନତୀ ସାହୁ, ରଂଜିତା ଗିରି, ସକୁନ୍ତଳା ପାଳ, ଜ୍ଞାନରଂଜନ ଦାସ, ଅମୂଲ୍ୟ ସେନାପତି, ତରୁଣ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ବିଜେପିର ଅନ୍ୟଏକ ବୈଠକ ଦେଉଳି ପଂଚୁଘଣ୍ଟାସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଦିବ୍ୟକାମ ମହାନ୍ତି, ମନୋଜ ସାସମଲ, ପ୍ରଣବ ପଣ୍ଡା, ପ୍ରତାପ ସେନାପତି, ସଂଜିବ ରାଉତ, ଅଭିଜିତ୍ ପ୍ରଧାନ, ସିଦ୍ଧେଶ୍ୱର ପଣ୍ଡା, ବନମାଳୀ ଧଳ, ଧ୍ରୁବ ଚରଣ ପାଳ, ଅଚ୍ୟୁତ ମହାନ୍ତି, ଦୀନକୃଷ୍ଣ ଗିରି, ହରେନ୍ଦ୍ର ବେହେରା, ତପନ ଘୋଷ ପ୍ରମୁଖ ଉପସ୍ଥିତ ଥିଲେ ।

# କସମୋ ବଜାର ପକ୍ଷରୁ ସାମ୍ବାଦିକ ସମ୍ମିଳନୀ



ବାସୁଦେବପୁର : ବାସୁଦେବପୁର ନୀଳମଣି ଟାଉନ ହଲ ପାଖରେ ନୂତନ ଭାବେ ଆରମ୍ଭ ହୋଇଥିବା କସମୋ ବଜାର ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ଅନୁଷ୍ଠାନର ନିର୍ଦ୍ଦେଶକ ଗଣେଶ ପୋଦାର, ଷ୍ଟୋର ମ୍ୟାନେଜର ସୌମ୍ୟ ରଞ୍ଜନ ନାୟକ, ସେନାପତି ମାର୍କେଟ କମ୍ପ୍ଲେକ୍ସର ମାଲିକ ପଙ୍କଜ ବାଳା ସେନାପତି, ପ୍ରତାପ ସେନାପତି ପ୍ରମୁଖ ଏହି ସମ୍ମିଳନୀ ରେ ଯୋଗ ଦେଇ କସମୋ ବଜାର ର ଅଭିମୁଖ୍ୟ ସମ୍ପର୍କରେ ବୁଝାଇ ଥିଲେ । ଆସନ୍ତା କାଲି ୭ ତାରିଖ ରେ ଏହି କପଡା ସୋ ରୁମ ଓ ବିଭିନ୍ନ ଭେରାଇଟିର କସମୋ ବଜାର ଉଦଘାଟନ ହେବ । ବାସୁଦେବପୁର ସହରରେ ଏହି ବଜାର ଖୁବ ସୁଲ୍ଲଭ ମୂଲ୍ୟରେ ଜନସାଧାରଣଙ୍କୁ ବିଭିନ୍ନ ଜିନିଷ ଯୋଗାଇ ଦେବ ବୋଲି ନିର୍ଦ୍ଦେଶକ ମତ ପ୍ରକାଶ କରିଥିଲେ । ଆଜି ପୂଜା ପାଠ କରାଯାଇଥିଲା ଓ କର୍ମଚାରୀ ମାନେ ଗୀତ ଓ ବାଦ୍ୟ ର ତାଳେ ତାଳେ ବାସୁଦେବପୁର ବଜାର ପରିକ୍ରମା କରି ଏହି ବଜାର ସମ୍ପର୍କରେ ପ୍ରଚାର କରିଥିଲେ ।

# ଖେଳୁ ଖେଳୁ ବିଷ ପିଇଦେଲେ ୪ ଶିଶୁ

ଭଦ୍ରକ,୬/୪/୨୩ ଖେଳୁ ଖେଳୁ ବିଷ ପିଇଦେଲେ ୪ ଶିଶୁ । ସମସ୍ତ ଶିଶୁଙ୍କ ବୟସ ୨ ରୁ ୩ ବର୍ଷ ମଧ୍ୟରେ ହୋଇଥିବା ସୂଚନା । ଗୁରୁତରଙ୍କ ମଧ୍ୟରେ ଦୁଇ ପୁଅ ଓ ଦୁଇ ଜଣ ଝିଅ ଅଛନ୍ତି । ସମସ୍ତଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରାଯାଇଛି । ସୂଚନାଯୋଗ୍ୟ ଯେ ଭଦ୍ରକ ଜିଲ୍ଲା ତିହିଡି ଥାନା ଅଧିନ ଝିଙ୍କିରିଆ ଅଞ୍ଚଳରଏମିତି ଘଟଣା ଘଟିଛି । ଝିଙ୍କିରିଆ ଗାଁର ୪ ଜଣ ଛୋଟ ପିଲା ବିଲରେ ଖେଳୁଥିଲେ । ବିଲରେ ପଡିଥିବା ଆକ୍ଟିଭ ୮୦ ନାମକ ଏକ ହର୍ବାଲ ପଏଜନ କୁ ୪ ଶିଶୁ ପିଇ ଦେଇଥିଲେ । ତେବେ ସ୍ଥାନୀୟ ଲୋକେ ଶିଶୁଙ୍କ ଅସ୍ୱାଭାବ ଆଚରଣ ଦେଖି ମେଡିକାଲ ଆଣିଥିଲେ । ସେମାନଙ୍କୁ ପ୍ରଥମେ ତିହିଡି ଓ ପରେ ଭଦ୍ରକ ମେଡିକାଲ ରେ ଭର୍ତ୍ତି କରାଯାଇଛି ।

# ମିଶନ ଶକ୍ତିର ଗାଈ କିଣା ଘୋଟଲା : ତଦନ୍ତ ଦାବି କଲା କଂଗ୍ରେସ




ଜଳେଶ୍ୱର,୬/୪(ନିପ୍ର) : ଜଳେଶ୍ୱର ବ୍ଲକର ଚମାରଗାଁ ପଂଚାୟତରେ ଜିବୀକା ମିଶନ ପକ୍ଷରୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟଗ ଯୋଜନାରେ ଗାଈ କିଣାରେ ଘୋଟାଲ ହୋଇଥିବାର ଜଳେଶ୍ୱର କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି । ସରକାରଙ୍କ ମିଶନଶକ୍ତିର ମହିଳା ସଶକ୍ତି କରଣ ଯୋଜନା ଏକ ପ୍ରହସନ ବୋଲି କଂଗ୍ରେସ ଅଭିଯୋଗ କରିଛି । ଗାଈ କିଣାରେ ବ୍ୟାପକ ଦୁର୍ନିତୀ ହୋଇଥିବାରୁ ଆଜି କଂଗ୍ରେସ ବ୍ଲକ ସମ୍ମୁଖରେ ଗାଈ ମାନଙ୍କୁ ଧରି ବିକ୍ଷୋଭ କରିଥିବା ଦେଖିବାକୁ ମିଳିଛି । ଏଥିରେ ଖର୍ଚ୍ଚ ହୋଇଥିବା ୧୦ ଲକ୍ଷ ଟଙ୍କା କଂଗ୍ରେସ ହିସାବ ମାଗିବା ସହିତ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛି । କଂଗ୍ରେସ ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ ୨୦୨୧ ମସିହାରେ ମୁଖ୍ୟମନ୍ତ୍ରୀ କୃଷୀ ଉଦ୍ୟଗ ଯୋଜନା ପ୍ରଣିତ ହୋଇଥିଲା ଓ ମହିଳା ଚାଷୀଙ୍କୁଜିବିକା ମିଶନ ମାଧ୍ୟମରେ ସହାୟତାର ବ୍ୟବସ୍ଥା କରିଥିବାର କହିଥିଲେ । ମହିଳାମାନଙ୍କ ଆର୍ଥିକ ସ୍ୱଚ୍ଛଳତା ଲାଗି ଏହି ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ ଗାଇଡ ଲାଇନ୍ ଅନୁଯାୟୀ ଏଠାରେ ତାହା କାର୍ଯ୍ୟକାରୀ ହୋଇନାହିଁ । ଗାଈ ଗୁଡିକର ମୂଲ୍ୟ ୩୦ ହଜାର ଟଙ୍କା ରଖା ଯାଇଥିବା ବେଳେ ମାତ୍ର ୧୦ ହଜାର ଟଙ୍କା ମୂଲ୍ୟର ରୁଗ୍ଣ ଗାଈ ଦିଆଯାଇଥିବା ସେମାନେ ଅଭିଯୋଗ କରିଛନ୍ତି । ଏ ସଂପର୍କରେ ବିଡିଓ ଆଖି ବୁଜିଦେଇଥିବାରୁ ସେମାନେ ଭିଜିଲାନ୍ସ ଦାବି କରିଛନ୍ତି । ଏହି ବିକ୍ଷୋଭରେ ବ୍ଲକ ସଭାପତି ରାଜୀବ ପରିଡା, ଜିଲା ସାଧାରଣ ସଂପାଦକ ହେମନ୍ତ ଗିରି, ପୂର୍ବତନ ସରପଂଚ ପଦ୍ମଲୋଚନ ବେହେରା, ବୁଦ୍ଧେଶ୍ୱର ପ୍ରଧାନ, ନବୀନ ପରିଡା, ଅନ୍ନପୂର୍ଣ୍ଣା ଘୋଷ, ଶୁଶିଳା ପରିଡା, ରାହୁଲ ଗିରି, ନିତ୍ୟଗୋପାଳ କରଣ, ଦିପାନ ପାତ୍ର, କମଳାକାନ୍ତ ଗିରି, ତପନ ସାମଲ, ଅମର ଦେ, ଖଗେନ୍ଦ୍ର ସାମଲ, ତ୍ରିଲୋଚନା ଜେନା ପ୍ରମୁଖ ଭାଗ ନେଇଥିଲେ ।

# ବାସୁଦେବପୁର ବଜାରରେ ଖାଦ୍ୟ ନିରାପତ୍ତା ବିଭାଗର ଚଢ଼ଉ: ୫୯୦୦ଟଙ୍କା ଜୋରିମାନା



ଭଦ୍ରକ,୬/୪(ନିପ୍ର) : ରିଖ। ଭଦ୍ରକ ଜିଲ୍ଲା ଖାଦ୍ୟ ନିରାପତ୍ତା ବିଭାଗ ଦ୍ୱାରା ଆଜି ବାସୁଦେବପୁର ବଜାରରେ ବିଭିନ୍ନ ଦୋକାନରେ ଧରପଗଡ଼ କରାଯାଇଥିଲା । ମିଠା ଦୋକାନ, ଫାଷ୍ଟଫୁଡ୍ ଦୋକାନ, ରାସ୍ତା ପାର୍ଶ୍ୱରେ ବିକ୍ରୟ କରୁଥିବା ବିଭିନ୍ନ ଖାଦ୍ୟ ପସରା ସବୁ ତଦନ୍ତ କରି ଅପମିଶ୍ରିତ, ବାସି, କୃତ୍ରିମ ରଙ୍ଗଯୁକ୍ତ ଖାଦ୍ୟ ଜବତ୍ କରି ଖାଦ୍ୟ ନିରାପତ୍ତା ଆଇନ୍‌ର ଧାରା ୬୯ ଅବମାନନା ଅପରାଧରେ ୫,୯୦୦ଟଙ୍କା ଜୋରିମାନା ବାବଦକୁ ଆଦାୟ କରିଥିଲେ । ନିଜ ନିଜ ବ୍ୟବସାୟ କ୍ଷେତ୍ର ଓ ପରିସରକୁ ପରିଷ୍କାର ଓ ସ୍ୱାସ୍ଥ୍ୟପ୍ରଦ ରଖିବା ପାଇଁ ଖାଦ୍ୟ ବ୍ୟବସାୟୀମାନଙ୍କୁ ସଚେତନ କରାଯାଇଥିଲା । ଏହି ଚଢ଼ଉ କାର୍ଯ୍ୟ ପାଇଁ ଗଠିତ ସ୍କାଡ୍‌ରେ ଖାଦ୍ୟ ନିରାପତ୍ତା ବିଭାଗର ଡ଼େଜିନେଟେଡ୍ ଅଧିକାରୀ ତଥା ଡ଼ି.ପି.ଏଚ୍.ଓ. ଡ଼ା ଭାରତୀ ରାଉତ, ଖାଦ୍ୟ ନିରାପତ୍ତା ଅଧିକାରୀ ବିଭୁଦତ୍ତ ଦାସ, ବିଭାଗୀୟ ଅଧିକାରୀ ବସନ୍ତ ବେହେରା, ସୁଶାନ୍ତ ନନ୍ଦ ପ୍ରମୁଖ ସାମିଲ ଥିଲେ ।

# ଅନ୍ୱେଷଣ ତରଫରୁ ମହିଳା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ



ଉଦଳା ତା ୦୬/୦୪ (ନି.ପ୍ର)- ସ୍ୱେଚ୍ଛାସେବୀ ସଂଗଠନ 'ଅନ୍ୱେଷଣ' ତରଫରୁ ମହିଳା ମାନଙ୍କ ବିକାଶ ପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ମାନ ଆୟୋଜିତ ହେଉଅଛି । 'ସେଭ ଦି ଗାର୍ଲ ସେଭ ଦି ୱାର୍ଲଡ' ପ୍ରକଳ୍ପ ମାଧ୍ୟମରେ କିଶୋରୀ ବାଳିକା, ଶିଶୁ ଓ ମହିଳା ମାନଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ସଚେତନତା କାର୍ଯ୍ୟକ୍ରମ ମାନ ଚାଲୁଅଛି । ଏହି କ୍ରମରେ ଏକ 'ମହିଳା ସଚେତନତା ରଥ' ପିଙ୍ଗୁ ପଞ୍ଚାୟତ ଅନ୍ତର୍ଗତ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରୁ ଶୁଭ ଉଦ୍‌ଘାଟନ ହୋଇଥିଲା । ଗ୍ରାମର ମହିଳା ମାନଙ୍କ ଶଙ୍ଖ, ହୁଳହୁଳି ମଧ୍ୟରେ ଏହି ରଥା ଆଗକୁ ଗଡ଼ିଥିଲା । କପ୍ତିପଦା ଓ ଉଦଳା ବ୍ଲକ୍‌ର ବିଭିନ୍ନ ଗ୍ରାମରେ ଏହି ରଥ ବୁଲି ଅନ୍ୱେଷଣ କାର୍ଯ୍ୟାଳୟରେ ପହଞ୍ଚିଥିଲା । ଏହାପରେ ଅନ୍ୱେଷଣ କାର୍ଯ୍ୟାଳୟରେ ଏକ ସଚେତନତା କାର୍ଯ୍ୟକ୍ରମ ତା ୦୫/୦୪/୨୦୨୩ ରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତରୁ ସରପଞ୍ଚ, ନାଏବ ସରପଞ୍ଚ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ଝିଅ ମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୱେଷଣର ସହ ସମ୍ପାଦିକା ଶ୍ରୀମତୀ ଗୀତାଳୀ ବେହେରା ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ଯୋଗଦେଇ କପ୍ତିପଦା ବ୍ଲକ ସ୍ୱୟଂ ସହାୟିକା ଗୋଷ୍ଠୀ ସମୂହର ସମ୍ପାଦିକା ଶ୍ରୀମତୀ ଅନୁପମା ପଟ୍ଟନାୟକ ଯୋଗ ଦେଇଥିଲେ । ମୁଖ୍ୟ ବକ୍ତା ଭାବେ ମେଘାସନ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପିକା ସାଗରୀକା ପଣ୍ଡା ଯୋଗଦେଇ ମହିଳା ମାନେ ସ୍ୱାବଲମ୍ବୀ ହେବାକୁ ପ୍ରେରଣା ଦେଇଥିଲେ । ଅନ୍ୟତମ ଅତିଥି ଭାବରେ ଯୋଗଦେଇ ମେଘାସନ ମହାବିଦ୍ୟାଳୟ ସଂସ୍କୃତ ବିଭାଗର ଅଧ୍ୟାପିକା କମଳିନୀ ପଣ୍ଡା ବିଭିନ୍ନ ଉଦାହରଣ ମାଧ୍ୟମରେ ଖ୍ୟାତନାମା ମହିଳାଙ୍କର ଜୀବନୀ ଓ କାର୍ଯ୍ୟାବଳୀ ଉପରେ ଆଲୋକପାତ କରିଥିଲେ । ଅନ୍ୱେଷଣ ବିଦ୍ୟାମନ୍ଦିରର ଶିକ୍ଷୟିତ୍ରୀ ସୁଶ୍ରୀ ଦେବସ୍ମିତା ଜେନା ଅତିଥି ମାନଙ୍କୁ ମଞ୍ଚକୁ ସ୍ୱାଗତ କରିଥିଲେ । ସୁଶ୍ରୀ ପାର୍ବତୀ ସୋରେନ କାର୍ଯ୍ୟକ୍ରମର ଲକ୍ଷ୍ୟ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଶିକ୍ଷୟିତ୍ରୀ ରୁକ୍‌ମଣି ସାହୁ ମଞ୍ଚ ପରିଚାଳନା କରିଥିଲେ । ସୁଶ୍ରୀ ମଧୁସ୍ମିତା ବେହେରା ସ୍ୱାଗତ ସଂଗୀତ ଗାନ ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦିବ୍ୟାଙ୍ଗ ଭାଇକୁ ବିଧବା ଭଉଣୀ ବାଂଟିକୁଟି ଚଳୁଛନ୍ତି: ଆକାଶକୁ ଚାହିଁ ଦିନ ଗଣୁଛନ୍ତି



ଉଦଳା,୦୬/୦୪(ନି.ପ୍ର)- ଭାଇ ଭଉଣୀଙ୍କ ସ୍ନେହ ମମତାକୁ ସ୍ୱର୍ଗୀୟ ବୋଲି କୁହାଯାଏ । ଅର୍ଥାତ ସ୍ୱର୍ଗର ଆନନ୍ଦ ଭାଇ ଭଉଣୀଙ୍କ ସ୍ନେହ ମମତା ମଧ୍ୟରେ ଦେଖିବାକୁ ମିଳିଥାଏ । ସେହିଭଳି ବୟସର ଅପରାହ୍ନରେ ପହଂଚିଥିବା ଦୁଇ ଭାଇ ଭଉଣୀଙ୍କ ଦୈନନ୍ଦିନ ଜୀବନ ଶୈଳିକୁ ଦେଖିବା ପାଇଁ ବାଟ ଗଲା ଲୋକ ମଧ୍ୟ ଘଡ଼ିଏ ଅଟକି ଯାଆନ୍ତି । ଏଥିରୁ କଣ ପାଆନ୍ତି କେଜାଣେ, ସମସ୍ତେ 'ଇଶ୍ୱର ତାଙ୍କୁ ଦିର୍ଘାୟୁ କରନ୍ତୁ' ବୋଲି କହି ଚାଲି ଯାଆନ୍ତି । ଘଟଣାଟି କପ୍ତିପଦା ବ୍ଲକର କୋଳିଅଳମ ପଂଚାୟତ ଅଂର୍ଗତ ନୂଆସାହି ଗ୍ରାମର ବାସିନ୍ଦା ବୁଧିଆଗିରି ଓ ତାଙ୍କର ଭଉଣୀ ଚମ୍ପାଦଣ୍ଡପାଟଙ୍କ ଇତିହାସ ଅଟେ । ବୁଧିଆଙ୍କୁ ବର୍ତ୍ତମାନ ବୟସ ୬୦ ଛୁଇଁଥିବା ବେଳେ ସେ ଜନ୍ମରୁ ମୁକ ଓ ବଧିର ଅଟନ୍ତି । ଆଶ୍ଚର୍ଯ୍ୟର କଥା ତାଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ଏ ପର୍ଯ୍ୟନ୍ତ କୌଣସି ଭତା ମିଳୁ ନାହିଁ । କେବଳ ଖାଦ୍ୟ ଯୋଜନାରେ ୫ କିଲୋଗ୍ରାମ ଚାଉଳରେ ସେ ଗୋଟିଏ ମାସ ଚଳୁଛନ୍ତି । ସେହିପରି ତାଙ୍କର ଭଉଣୀ ଚମ୍ପା ଦଣ୍ଡପାଟ ବିବାହ କରିଥିଲେ । ପିଲା ପିଲି ନଥିବା ବେଳେ ସ୍ୱାମୀ ଆର ପାରିକୁ ଚାଲିଗଲେ । ଶେଷରେ ସେ କୌଣସି ଉପାୟ ନପାଇ ବାପ ଘରକୁ ଫେରି ଆସିଲେ । ତାଙ୍କୁ ୫୦୦ ଟଙ୍କା ବିଧବା ଭତା ଓ ୫ କିଗ୍ରା ଚାଉଳ ମିଳୁଛି । ବାପ ଘରେ ତାଙ୍କର ଭାଇ ବୁଧିଆଙ୍କୁ ଛାଡ଼ି ଦେଲେ ଆଉ କେହି ଜିବିତ ନାହାଁନ୍ତି । ଦୁଇ ଭାଇ ଭଉଣୀ ମିଳିମିଶି ୫୦୦ ଟଙ୍କା ଓ ୧୦ କିଗ୍ରା ଚାଉଳରେ ଦିନ ବିତାଉଛନ୍ତି । ବୁଧିଆଙ୍କୁ ତୁରନ୍ତ ଦିବ୍ୟାଙ୍ଗ ଭତା ପ୍ରଦାନ ସହ ଆଉ କିଛି ଚାଉଳ ଯୋଗାଇ ଦେବା ପାଇଁ ସାଧାରଣରେ ଦାବୀ ହେଉଛି ।

# ସମଗ୍ର ଜିଲ୍ଲାରେ ଶିକ୍ଷା ସଚେତନତା ପାଇଁ ଗଡିଲା ଶିକ୍ଷା ସଚେତନତା ରଥ



ନବରଙ୍ଗପୁର,୬/୪(ନିପ୍ର) : ଚଳିତ ଶିକ୍ଷା ବର୍ଷ ୨୦୨୩-୨୪ ପାଇଁ ନବରଙ୍ଗପୁର ଜିଲ୍ଲାର ସମସ୍ତ ବିଦ୍ୟାଳୟରେ ଦୈନିକ ଛାତ୍ର ଛାତ୍ରୀଙ୍କ ଶତପ୍ରତିଶତ ଉପସ୍ଥାନ କିପରି ଅଭିବୃଦ୍ଧି ହୋଇପାରିବ । ମୋ ପିଲା ସ୍କୁଲ ଯିବ, ଆମେ ପଢିବା, ଆମେ ଗଢ଼ିବା ଓ ଶ୍ରେଷ୍ଠ ହେବା ମହତ ଉଦ୍ଦେଶ୍ୟ ନେଇ ଶିକ୍ଷା ପାଇଁ ନିଜ ପିଲା ମାନଙ୍କୁ ମାଆ ବାପା ମାନେ ଯେପରି ସ୍କୁଲ ପଠାଇବେ ସେଥି ନିମନ୍ତେ ସମଗ୍ର ଜିଲ୍ଲା ରେ ଶିକ୍ଷା ସଚେତନତା ସୃଷ୍ଟି କରିବା ପାଇଁ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସମଗ୍ରଶିକ୍ଷା ଆନୁକୂଲ୍ୟରେ ଆଜି ଦଶ ଗୋଟି ଶିକ୍ଷା ସଚେତନତା ରଥ ପରିକ୍ରମା ର ଶୁଭାରମ୍ଭ କରାଯାଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ମଧ୍ୟରୁ ଜିଲ୍ଲାପାଳ ଡକ୍ଟର କମଳ ଲୋଚନ ମିଶ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ ସବୁଜ ପତାକା ଦେଖାଇ ଏହି ଶିକ୍ଷା ସଚେତନତା ରଥ ର ଶୁଭାରମ୍ଭ କରିଥଲେ। ଏହି ରଥ ଜିଲ୍ଲାର ଦଶ ଗୋଟି ବ୍ଲକ୍ ଅଧିନରେ ଥିବା ସମସ୍ତ ଗ୍ରାମ ପଞ୍ଚାୟତ ପରିକ୍ରମା କରି ଶିକ୍ଷା ସଚେତନତା ବାର୍ତ୍ତା ର ପ୍ରସାର ପ୍ରଚାର ଆସନ୍ତା ୧୨ ଏପ୍ରିଲ ପର୍ଯ୍ୟନ୍ତ କରାଯିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ନାଗ ସୂଚନା ଦେଇଛନ୍ତି । ଚଳିତ ଶିକ୍ଷା ବର୍ଷ ରେ ଜିଲ୍ଲାର ସମସ୍ତ ବିଦ୍ୟାଳୟରେ ଦୈନିକ ଛାତ୍ର ଛାତ୍ରୀ ଙ୍କ ଶତପ୍ରତିଶତ ଉପସ୍ଥାନ କିପରି ଅଭିବୃଦ୍ଧି ହୋଇପାରିବ ସେଥି ନିମନ୍ତେ ସମଗ୍ର ଜିଲ୍ଲା ଶିକ୍ଷା ସଚେତନତା ରଥ ପରିକ୍ରମା କରିବା ଏକ ଅଭିନବ ପ୍ରୟାସ ବୋଲି ଜିଲ୍ଲାପାଳ ଡକ୍ଟର ମିଶ୍ର କହିଥିଲେ ଏଂ ଏହି କାର୍ଯ୍ୟକ୍ରମ ର ସଫଳ ରୂପାୟନ ରେ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ୍, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଜିଲ୍ଲା ଶିକ୍ଷା ବିଭାଗର ଅଧିକାରୀ, ଗଣ ମାଧ୍ୟମର ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ।

# ରୁଗ୍‌ଣତା ହାର କମିଲେ ମା' ଓ ଶିଶୁ ମୃତ୍ୟୁହାର କମିବ: ଜିଲ୍ଲାସ୍ତରୀୟ ପୋଷଣ ପକ୍ଷ ପାଳିତ




ଭଦ୍ରକ,୬/୪(ନିପ୍ର) : ସମସ୍ତଙ୍କ ଠାରେ ବିଶେଷ କରି ମା ଓ ଶିଶୁମାନଙ୍କ ଠାରେ କୁପୋଷଣ ବା ଅପପୁଷ୍ଟିକୁ ଦୂରେଇବା ପାଇଁ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଗତ ମାର୍ଚ୍ଚ ରୁ ଏପ୍ରିଲ ୩ ପର୍ଯ୍ୟନ୍ତ ରାଜ୍ୟ ତମାମ୍ ଆରମ୍ଭ କରାଯାଇଥିବା ପୋଷଣ ପକ୍ଷ ପାଳନ ଅବସରରେ ଭଦ୍ରକ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆଜି ସ୍ଥାନୀୟ ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମହିଳା ସୁରକ୍ଷା ଅଧିକାରୀ ତଥା ପ୍ରୋଗ୍ରାମ ଅଫିସର ଚନ୍ଦ୍ରା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ ମୁଖ୍ୟ ଅତିଥି ଭାବେଯୋଗ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର ଏବଂ ସଂଯୋଜକ ଭାବେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜୟନ୍ତୀ ବେହେରା ଏଥିରେ ଯୋଗ ଦେଇ ନିଜ ଘରୁ, ଗାଁରୁ , ବ୍ଲକ୍‌ରୁ ଏବଂ ସମଗ୍ର ଜିଲ୍ଲାରୁ କୁପୋଷଣକୁ ଦୂରେଇ ସମସ୍ତଙ୍କ ପାଇଁ ସୁପୋଷଣ ନିମନ୍ତେ ସଚେତନତା ବିଭିନ୍ନ ତରିକା ସମ୍ବନ୍ଧରେ ଆଲୋକପାତ କରିଥିଲେ । କମ୍ ପଇସାରେ ମିଳୁଥିବା ଆଞ୍ଚଳିକ ଉତ୍ପାଦକୁ ନେଇ ପୁଷ୍ଟିଯୁକ୍ତ ଖାଦ୍ୟ ପ୍ରସ୍ତୁତ କରିବା ଏବଂ ବିଶେଷ କରି ଉତ୍ତମ ପୃଷ୍ଟିଯୁକ୍ତ ଖାଦ୍ୟ ମାଣ୍ଡିଆ ଅଭିଯାନରେ ସାମିଲ୍ ହେବା ପାଇଁ ଅତିଥିମାନେ ବକ୍ତବ୍ୟ ଜରିଆରେ ପରାମର୍ଶ ପ୍ରଦାନ କରିଥିଲେ । ସୁପୋଷଣ ଜରିଆରେ ଆମେ ସମସ୍ତଙ୍କର ବିଶେଷ କରି ମା ଓ ଶିଶୁର ରୁଗ୍‌ଣତା ହାର ହ୍ରାସ କରିପାରିବା ଏବଂ ରୁଗ୍‌ଣତା ହାର କମିଲେ ଉଭୟଙ୍କର ମୃତ୍ୟୁହାର ମଧ୍ୟ କମି ଯାଇପାରିବ । ପ୍ରତ୍ୟେକ ବର୍ଷ ଏହି ପୋଷଣ ଉପରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥାଏ । ଏ ବର୍ଷ ଏହି ପକ୍ଷ ପାଳନ ଅବସରରେ ମୁଖ୍ୟତ ୩ ଟି ଆଧାର ଉପରେ ଗୁରୁତ୍ୱାରୋପ କରାଯାଇଛି । ମିଲେଟ୍ ର ପ୍ରଚାର ପ୍ରସାର ଏବଂ ଏହା ମାଧ୍ୟମରେ ମା', ଶିଶୁ ଓ ଗର୍ଭବତୀ ମାନଙ୍କର ଅପପୁଷ୍ଟି ଓ ରକ୍ତହୀନତା ଦୂର କରିବା, ସୁସ୍ଥ ଶିଶୁ ସୃଷ୍ଟି କରିବା । ସକ୍ଷମ ଏବଂ ସକ୍ରିୟ ଅଙ୍ଗବାଡ଼ି କେନ୍ଦ୍ର ସୃଷ୍ଟି କରିବା । ଏହି କାର୍ଯ୍ୟକ୍ରମ ପାଳନ ଉପଲକ୍ଷେ ସକାଳେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା । ବିଭାଗୀୟ ଅଧିକାରୀମାନଙ୍କ ସହ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ବାଲ୍ୟ ବିବାହ ନିଷେଧ କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ଅସୀମ ଅମିତାଭ ଦାସ ପ୍ରମୁଖ ଏହି ଶୋଭାଯାତ୍ରରେ ଯୋଗ ଦେଇଥିଲେ । ସି.ଡ଼ି.ପି.ଓ ସୁପରଭାଇଜର, ଏସ୍.ଏଚ୍.ଜି., ଅଙ୍ଗନବାଡ଼ି କର୍ମୀ, ସ୍କୁଲ ପିଲା ସବୁ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ପୋଷଣ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବିଭିନ୍ନ କିସମର ସ୍ୱାଦିଷ୍ଟ ଖାଦ୍ୟ ସବୁ ପ୍ରସ୍ତୁତ କରାଯାଇ ପ୍ରଦର୍ଶନ କରାଯାଇଥିଲା ।

# ଗୁରୁଦାସପୁରଠାରେ ପାନୀୟ ଜଳ ପ୍ରକଳ୍ପ ଶିଳାନ୍ୟାସ



ଜଳେଶ୍ୱର,୬/୪(ନିପ୍ର) : ଶ୍ରୀରାମପୁର ପଂଚାୟତର ଗୁରୁଦାସପୁରଠାରେ ପାନିଓ ଜଳ ପ୍ରକଳ୍ପ ମନ୍ତ୍ରୀ ଅଶ୍ୱିନୀ ପାତ୍ର ଶିଳାନ୍ୟାସ କରିଅଛନ୍ତି । ଏହି ପରିପ୍ରେକ୍ଷୀରେ ଗତ କାଲି ଅପରାହ୍ନରେ ଗୁରୁଦାସପୁର ମହାଦେବ ମନ୍ଦିର ପ୍ରାଙ୍ଗଣରେ ବିଜୁ ଜନତା ଦଳର ପଂଚାୟତ ସଭାପତି ଜୟନ୍ତ ଦଶଧିକାରୀଙ୍କ ସଭାପତିତ୍ୱରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା, ଉକ୍ତ ସଭାରେ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ପଂଚାୟତ ସମିତି ଅଧକ୍ଷ ମାନସ କୁମାର ଯେନା, ଉପାଧକ୍ୟ ସଞ୍ଚିତା ସେନାପତି, ଜିଲ୍ଲାପରିଷଦ ଉପାଧକ୍ୟା ଅନୁସୟା ପ୍ରଧାନ, ସରପଞ୍ଚ ଆଲୋକ ଗିରି, ସମିତି ସଭ୍ୟ ଗୋପାଳଚନ୍ଦ୍ର ସାମଲ, ଡିପି ପୁର ପଂଚାୟତର ନଗେନ୍ଦ୍ର ଯେନା, ବରିଷ୍ଠ ସାମ୍ବାଦିକ ଅମର ଆଚାର୍ଯ୍ୟ, ଗୋବର ଘଟା ପଂଚାୟତ ସଭାପତି ଶ୍ରୀଯୁକ୍ତ ପାଳ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ ଏବଂ ବକ୍ତବ୍ୟ ପ୍ରଦାନ କରି ଥିଲେ, ପଂଚାୟତର ସମସ୍ତ ୱାର୍ଡର ସଭ୍ୟ/ ସଭ୍ୟାମାନେ ଉପସ୍ଥିତ ଥିଲେ, ଶେଷରେ ଗ୍ରାମ ସଭାପତି ଶ୍ରୀ ଯୁକ୍ତ ମହାନ୍ତି ଧନ୍ୟବାଦ ଦେଇଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo